NITIDIN
ନିତିଦିନ

RNI REG. NO. ODIODI/2015/62237 • POSTAL REGD. NO.BN/258/18-20 8 PAGES • ₹ 6/-

www.nitidin.com
twitter.com/nitidintoday
facebook.com/nitidintoday


FRIDAY
6 MARCH 2026
ଶୁକ୍ରବାର
୬ ମାର୍ଚ୍ଚ ୨୦୨୬

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 • ISSUE 287 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ • ସଂଖ୍ୟା ୨୮୭ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର




| | |
|---|---|
| ୦୬ ମାର୍ଚ୍ଚ: | ସେହେରୀ-୪.୫୦<br>ଇଫ୍‌ତାର୍-୫.୫୩ |
| ୦୭ ମାର୍ଚ୍ଚ: | ସେହେରୀ-୪.୪୯<br>ଇଫ୍‌ତାର୍-୫.୫୩ |

# ଆଜି ଆସିବେ ଅମିତ ଶାହ



**ଭୁବନେଶ୍ୱର,୫।୩/ଏନ୍‌ଏନ୍‌ଏସ୍:**

ଆସନ୍ତାକାଲି ଅର୍ଥାତ ଶୁକ୍ରବାର ଓଡ଼ିଶା ଆସିବେ କେନ୍ଦ୍ର ଗୃହ ମନ୍ତ୍ରୀ ଅମିତ ଶାହ। ଏହି ଗସ୍ତ ସମୟରେ ଶାହ ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମରେ ଯୋଗ ଦେବା ସହ ଏକାଧିକ ପ୍ରକଳ୍ପର ଉଦଘାଟନ କରିବେ। ଶାହଙ୍କ ଗସ୍ତକୁ ନେଇ କମିଶନରେଟ୍ ପୁଲିସ ପକ୍ଷରୁ ମଧ୍ୟ ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି। ଶୁକ୍ରବାର ସକାଳ ୧୦ଟାରେ ଶାହ ବାୟୁସେନାର ସ୍ୱତନ୍ତ୍ର ବିମାନରେ ନୂଆଦିଲ୍ଲୀରୁ ଆସି ଭୁବନେଶ୍ୱର ବିମାନବନ୍ଦରରେ ପହଞ୍ଚିବେ। ସେଠୁ ସିଧାସଳଖ କଟକ ମୁଣ୍ଡଳୀ ଯାଇ ସିଆଇଏସ୍ଏଫ୍‌ର ପ୍ରତିଷ୍ଠା ଦିବସ କାର୍ଯ୍ୟକ୍ରମରେ ଯୋଗ ▶▶ ୬

# ସୁରେଶ ପୂଜାରୀ ଦିଲ୍ଲୀ ଏମ୍ସ ସ୍ଥାନାନ୍ତର

**ଭୁବନେଶ୍ୱର,୫।୩/ଏନ୍‌ଏନ୍‌ଏସ୍:**



ହୃଦରୋଗ ସମସ୍ୟା ଯୋଗୁଁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀଙ୍କୁ ଗୁରୁବାର ଉନ୍ନତମାନର ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି। ଡାକ୍ତରଙ୍କ ପରାମର୍ଶ କ୍ରମେ ଆଜି ସକାଳ ୯ ଘଟିକା ସମୟରେ ତାଙ୍କୁ ସ୍ଥାନାନ୍ତର କରାଯାଇଛି। ଭୁବନେଶ୍ୱର ଏମ୍ସରେ କରୋନାରୀ ଧମନୀ ରୋଗ (ସିଏଡି) ଏବଂ ଟ୍ରିପଲ୍ ଭସେଲ୍ସ ଡିଜିଜ୍ (ଟିଭିଡି) ଦୁଇଟି ରୋଗ ଡାଏଗ୍ନୋସିସ୍ ହୋଇଥିଲା । ଶ୍ରୀ ପୂଜାରୀଙ୍କ ଅବସ୍ଥା ବର୍ତ୍ତମାନ ସ୍ଥିର ଥିବା କୁହାଯାଉଛି ଏବଂ ସେ ଡାକ୍ତରୀଦଳଙ୍କ ତଦାରଖରେ ଅଛନ୍ତି। ସୂଚନା ଅନୁସାରେ ଗତ ▶▶ ୬

# ବିଶ୍ୱକପ୍ ଫାଇନାଲ୍‌ରେ ଭାରତ



**ମୁମ୍ବାଇ,୫।୩/ଏଜେନ୍ସି:**

ଭାରତ ଚତୁର୍ଥ ଥର ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଛି। ଗୁରୁବାର ରୋମାଞ୍ଚକର ଦ୍ୱିତୀୟ ସେମିଫାଇନାଲ୍ ମ୍ୟାଚ୍‌ରେ ଭାରତ ୭ ରନ୍‌ରେ ଇଂଲଣ୍ଡକୁ ହରାଇ ଦେଇଛି। ଏହା ପୂର୍ବରୁ ଭାରତ ୨୦୦୭, ୨୦୧୪ ଏବଂ ୨୦୨୪ରେ ଫାଇନାଲ୍ ଖେଳିଥିଲା। ସ୍ଥାନୀୟ ୱାଙ୍ଖେଡେ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ଟସ୍ ହାରି ଭାରତ ପ୍ରଥମେ ନିର୍ଦ୍ଧାରିତ ୨୦ ଓଭର୍‌ରେ ୭ ୱିକେଟ୍ ହରାଇ ୨୫୩ ରନ୍ କରିଥିଲା। ଜବାବରେ ଇଂଲଣ୍ଡ ୭ ୱିକେଟ୍ ବିନିମୟରେ ୨୪୬ ରନ୍ କରିପାରିଥିଲା। ଜ୍ୟାକବ୍ ବେଥେଲ୍ ୧୦୫ ରନ୍‌ର ଇନିଂସ୍ ଖେଳିଥିଲେ ମଧ୍ୟ

**ରୋମାଞ୍ଚକର ସେମିଫାଇନାଲ୍‌ରେ ଇଂଲଣ୍ଡ ୭ ରନ୍‌ରେ ପରାସ୍ତ**

**ସଞ୍ଜୁଙ୍କ ଇନିଂସ୍ ଆଗରେ ବେଥେଲ୍‌ଙ୍କ ଶତକ ଫିକା**

ନିଜ ଟିମ୍‌କୁ ଫାଇନାଲ୍‌ରେ ପହଞ୍ଚାଇପାରି ନଥିଲେ। ଭାରତ ଓ ଇଂଲଣ୍ଡ ଲଗାତାର ତୃତୀୟ ଥର ଟି-୨୦ ବିଶ୍ୱକପ୍ ସେମିଫାଇନାଲ୍‌ରେ ମୁହାଁମୁହିଁ ହୋଇଥିବା ବେଳେ ୨୦୨୨ରେ ଭାରତୀୟ ଟିମ୍ ▶▶ ୬

**ରାଜ୍ୟସଭା ଟକ୍କର**

# ନାମାଙ୍କନ ଭରିଲେ ୫ ପ୍ରାର୍ଥୀ

**ଭୁବନେଶ୍ୱର,୫।୩/ଏନ୍‌ଏନ୍‌ଏସ୍:**







ଆସନ୍ତା ମାର୍ଚ୍ଚ ୧୬ରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପାଇଁ ଓଡ଼ିଶାରେ ରାଜନୈତିକ ପାଣିପାଗ ବେଶ୍ ସରଗରମ ହୋଇଉଠିଛି। ନାମାଙ୍କନର ଶେଷ ଦିନରେ ଗୁରୁବାର ବିଧାନସଭା ପରିସରରେ ଓଡ଼ିଶାର ୪ ରାଜ୍ୟସଭା ଆସନ ପାଇଁ ଏଥର ୫ଜଣ ପ୍ରାର୍ଥୀ ରିଟର୍ଣ୍ଣିଂ ଅଫିସରଙ୍କ ନିକଟରେ ନାମାଙ୍କନ ଭରିଛନ୍ତି। ବିଜେଡି ପକ୍ଷରୁ ସଂତୃପ୍ତ ମିଶ୍ର ନାମାଙ୍କନ ଭରିଥିବାବେଳେ ଶାସକ ବିଜେପି ପକ୍ଷରୁ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ ଓ ସୁଜିତ କୁମାର ନାମାଙ୍କନ ଭରିଛନ୍ତି। ସେହିପରି ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ଏବଂ ବିଜେଡି, କଂଗ୍ରେସ, ସିପିଏମ୍‌ର ମିଳିତ ପ୍ରାର୍ଥୀ ତଥା କମନ କ୍ୟାଣ୍ଡିଡେଟ୍ ଭାବେ ଡାକ୍ତର ଦଣ୍ଡେଶ୍ୱର ହୋତା ପ୍ରାର୍ଥିପତ୍ର ଦାଖଲ କରିଛନ୍ତି। ତେବେ ସଂଖ୍ୟା ଗଣିତ ଅନୁସାରେ ମନମୋହନ, ସୁଜିତ୍ ବିଜେପିରୁ ଓ ସଂତୃପ୍ତ ବିଜେଡିରୁ ଜିତିବା ନିଶ୍ଚିତ ଥିବାବେଳେ ସ୍ୱାଧୀନ ପ୍ରାର୍ଥୀଙ୍କ ଜିତାପଟ ପାଇଁ ଲଢ଼େଇ ରୋଚକ ହେବ ବୋଲି କୁହାଯାଉଛି।

ପ୍ରଥମେ ସଂତୃପ୍ତ ମିଶ୍ର ଏବଂ ଡ. ଦଣ୍ଡେଶ୍ୱର ହୋତା ଏକାଠି ଆସି ନାମାଙ୍କନ ଭରିଥିଲେ। ଏହି ନାମାଙ୍କନ ଦାଖଲ ସମୟରେ କିଛି ରୋଚକ ଦୃଶ୍ୟ ଦେଖିବାକୁ ମିଳିଛି। ପରସ୍ପର ବିରୋଧୀ ଥିବା ଦୁଇ ଦଳର ଦୁଇ ନେତା ଏକାଠି ଗୋଟିଏ ଜାଗାରେ ବସିଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଦାସ ଏକାଠି ବସିଥିବାର ଦେଖିବାକୁ ମିଳିଥିଲା।

ପ୍ରଥମେ ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଦୁଇଟି ସେଟ ଫର୍ମ ଭରିଥିଲେ। ଗୋଟେ ସେଟରେ ପ୍ରସ୍ତାବକ ନବୀନ ପଟ୍ଟନାୟକ ଓ ଅନ୍ୟ ବିଧାୟକ ରହିଛନ୍ତି । ଅନ୍ୟ ଏକ ସେଟରେ ଆଉ୧୦ ବିଜେଡି ବିଧାୟକ ପ୍ରସ୍ତାବକ ରହିଛନ୍ତି। ସଂତୃପ୍ତଙ୍କ ପରେ ପରେ ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଦଣ୍ଡେଶ୍ୱର ହୋତା ନାମାଙ୍କନ ଭରିଥିଲେ। ଦଣ୍ଡେଶ୍ୱରଙ୍କ ଦୁଇ ସେଟ ପ୍ରାର୍ଥିପତ୍ରରେ ପ୍ରତ୍ୟେକରେ ୧୦ ଜଣ ଲେଖାଏଁ ବିଜେଡି ଓ କଂଗ୍ରେସ

**ବିଜେପିରୁ ରାଜ୍ୟ ସଭାପତି ମନମୋହନ ସାମଲ, ସୁଜିତ କୁମାର**

**ବିଜେଡିରୁ ସଂତୃପ୍ତ ମିଶ୍ର, କମନ କ୍ୟାଣ୍ଡିଡେଟ୍ ଡାକ୍ତର ଦଣ୍ଡେଶ୍ୱର ହୋତା**

**ବିଜେପି ସମର୍ଥନରେ ସ୍ୱାଧୀନ ପ୍ରାର୍ଥୀ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ**

ବିଧାୟକ ପ୍ରସ୍ତାବକ ରହିଛନ୍ତି। ରିଟର୍ଣ୍ଣି ଅଫିସର ସତ୍ୟବ୍ରତ ରାଉତଙ୍କ ନିକଟରେ ଦୁଇ ପ୍ରାର୍ଥୀ ଜଣକ ପରେ ଜଣେ ନାମାଙ୍କନ ପତ୍ର ଫାଇଲ କରିଛନ୍ତି। ଉଭୟଙ୍କ ସହ ବିଜେଡି ଓ କଂଗ୍ରେସ ନେତା ବିଧାୟକ ଥିଲେ।

ପରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉପସ୍ଥିତିରେ ବିଜେପିର ଦୁଇ ପ୍ରାର୍ଥୀ ମନମୋହନ ସାମଲ ଓ ସୁଜିତ କୁମାରଙ୍କ ସହିତ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ବିଧାନସଭାରେ ପହଞ୍ଚି ନାମାଙ୍କନ ପତ୍ର ଦାଖଲ କରିଥିଲେ। ନାମାଙ୍କନପତ୍ର ଦାଖଲ ପୂର୍ବରୁ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ନିକଟରୁ ପୂଜା ମାଳ ଆସିବା ପରେ ବିଜେପିର ▶▶ ୬




## ଅମଙ୍ଗେଇ କୁଦରେ ଦୁଇ ସାଙ୍ଗଙ୍କ ସଲିଳ ସମାଧି

**ଆଠଗଡ଼,୫ା୩/ଏନ୍ଏନ୍ଏସ୍:** ଆଠଗଡ଼ ଥାନା ଅନ୍ତର୍ଗତ କନ୍ଦରପୁର ଅମଙ୍ଗେଇ କୁଦ ମହାନଦୀରେ ଗାଧଇବ ସମୟରେ ନଦୀରେ ବୁଡି ଦୁଇ ସାଙ୍ଗଙ୍କ ସଲିଳ ସମାଧି ଘଟଣା ସାରା ଅଞ୍ଚଳରେ ଶୋକର ଛାୟା ଖେଳାଇଦେଇଛି। ଖବର ନେବାରେ ଆଠଗଡ଼ କଲେଜର +୩ ଦ୍ୱିତୀୟ ବର୍ଷର ବିଜ୍ଞାନ ୬ ଜଣ ଛାତ୍ର ବନ୍ଧୁ ଆଜି କଲେଜ ବନ୍ଦ ଥିବା ବେଳେ ଆଠଗଡ ଶାସନ ଅଞ୍ଚଳ ଶୁଶାନ୍ତ କୁମାର ମିଶ୍ରଙ୍କ କନିଷ୍ଠ ପୁତ୍ର ସଂକଳ୍ପ ମିଶ୍ର, ମାଣିବନ୍ଧ ଅଞ୍ଚଳ ହୋଇଥିବା ବେଳେ ମାମୁଁ ଘରେ ରହି ପାଠ ପଢୁଥିବା ମନ୍ମଥ ଦାସ, ଖୁଣ୍ଟୁଣୀ ଥାନା ଅନ୍ତର୍ଗତ ରାଧାରମଣପୁର ଗ୍ରାମର ସୌଭାଗ୍ୟ ସାହୁ, ଅମ୍ଳାନ ଓ ସୌରଭ ପଟ୍ଟନାୟକ ଆଜି ମଧ୍ୟାହ୍ନ ସାଙ୍ଗ ହୋଇ କନ୍ଦରପୁର ଆସି କନ୍ଦରପୁର ଗ୍ରାମର ସାଙ୍ଗ ବସନ୍ତ କୁମାର ଦାସଙ୍କ ବଡ଼ ପୁଅ ଚିନ୍ମୟ ଦାଶ ସାଙ୍ଗ ମିଳିମିଶି କନ୍ଦରପୁର ମହାନଦୀ କୂଳରୁ ମଟର ଚାଳିତ ଡଙ୍ଗାରେ ଲାଇଫ୍ ଜ୍ୟାକେଟ୍ ପିନ୍ଧି ଅମଙ୍ଗେଇ କୁଦକୁ ଯାଇଥିଲେ। ମା' ଅମଙ୍ଗେଇଙ୍କ ପୀଠରେ ଗାଧୋଉଥିବା ବେଳେ ହଠାତ ସଂକଳ୍ପ ମିଶ୍ରଙ୍କ ଗୋଡ଼ ଖସିଯିବା ସହ ବୁଡିଯାଉଥିବା ବେଳେ ମନ୍ମଥ ଓ ସୌଭାଗ୍ୟ ଉଦ୍ଧାର କରିବାକୁ ଯାଇ ତିନିଜଣ ବୁଡି ଯାଉଥିଲେ। ଏହି ସମୟରେ ଚିନ୍ମୟ ନିଜର ଉପସ୍ଥିତ ବୁଦ୍ଧିରେ ପ୍ରଥମେ ମନ୍ମଥ ଓ ସୌଭାଗ୍ୟକୁ ଉଦ୍ଧାର କରି ପରେ ସଂକଳ୍ପକୁ ଉଦ୍ଧାର କରୁଥିବା ବେଳେ ଦୁର୍ଭାଗ୍ୟବଶତଃ ଚିନ୍ମୟଙ୍କ ଲାଇଫ ଜ୍ୟାକେଟକୁ ସଂକଳ୍ପ ଧରିଥିବା ବେଳେ ଲାଇଫ ଜ୍ୟାକେଟ ଖସିଯାଇଥିଲା। ଫଳରେ ଚିନ୍ମୟଙ୍କ ହାତକୁ ସଂକଳ୍ପ ଜାବୁଡି ଧରି ପାଣିରୁ ଉଠିବାକୁ ଚେଷ୍ଟା କରୁଥିବା ବେଳେ ଉଭୟ ସାଙ୍ଗ ହାତ ଧରା ଧରି ହୋଇ ବୁଡିଯାଇଥିଲେ। ଆଉ କୂଳରେ ଥିବା ସାଙ୍ଗମାନେ ବୁଡି ଯାଉଥିବା ସାଙ୍ଗମାନଙ୍କୁ ଉଦ୍ଧାର କରିବା ପାଇଁ ଫୋନରେ ସୂଚନା ଦେଇଥିଲେ। ସୂଚନା ପାଇ କନ୍ଦରପୁର ନଦୀକୂଳେ ବସିଥିବା କୈବର୍ତ୍ତ ସାହିର ଛାତ୍ର ଯୁବକ ମତ୍ସ୍ୟଜୀବୀମାନେ ଡ଼ଙ୍ଗା ସହିତ କିଛି ଯୁବକ ପହଁରି ଘଟଣାସ୍ଥଳରେ ପହଞ୍ଚିଥିଲେ। ସୂଚନା ପାଇ ଆଠଗଡ଼ ଅଗ୍ନିଶମ ବିଭାଗ, ଆଠଗଡ଼ ଥାନା ଅଧିକାରିଣୀ ସୁମତି କୁମାରୀ ମହାନ୍ତି ୧୦୮ ଆମ୍ବୁଲାନ୍ସ ପହଞ୍ଚି, ଆଠଗଡ଼ ଉପଖଣ୍ଡ ଚିକିତ୍ସାଳୟକୁ ଆଣିଥିଲେ। ଡାକ୍ତର ସଂକଳ୍ପ ମିଶ୍ର ଓ ଚିନ୍ମୟ ଦାସଙ୍କୁ ମୃତ ବୋଲି ପ୍ରକାଶ କରିଥିବା ବେଳେ ମନ୍ମଥ ଓ ସୌଭାଗ୍ୟ ଅବସ୍ଥା ଗୁରୁତର ଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଥିଲା।

## ପୋଖରୀରେ ବୁଡ଼ି ବାପ ପୁଅଙ୍କ ମୃତ୍ୟୁ

**ନୟାଗଡ଼,୫ା୩/ଏନ୍ଏନ୍ଏସ୍:** ନୟାଗଡ଼ରେ ହୋଲି ଖେଳରେ ପୋଖରୀରେ ବୁଡ଼ି ବାପ ପୁଅଙ୍କ ମୃତ୍ୟୁ ଘଟିବା ଭଳି ଏକ ବଡ଼ ଅଘଟଣ ଘଟିଛି। ନୟାଗଡ଼ ଥାନା ଦୁର୍ଗାପ୍ରସାଦ ଗ୍ରାମର ଅଲୋକ ଦଳବେହେରା (୩୫) ତାଙ୍କ ପୁଅ ଚନ୍ଦନ(୪)କୁ ନେଇ ଆଲୋକ ନିଜ ଗାଁ ଠାରୁ ଦୂର ଶ୍ୱଶୁର ଘର ଇଟାମାଟି ଥାନା ଅନ୍ତର୍ଗତ ଗୋପାଳପୁରକୁ ଯାଇଥିଲେ। ସେଠାରେ ବାପପୁଅ ଅନ୍ୟମାନଙ୍କ ସହିତ ମିଶି ଆନନ୍ଦ ଉଲ୍ଲାସରେ ହୋଲି ଖେଳିଥିଲେ। ହୋଲି ଖେଳିସାରି ମଧ୍ୟାହ୍ନରେ ନିକଟ ଏକ ବନ୍ଧପୋଖରୀକୁ ଗାଧୋଇବାକୁ ଯାଇଥିଲେ। ବାପପୁଅ ଘରକୁ ଗାଧୋଇ କରି ଆସିବାରେ ବିଳମ୍ବ ହେବା ଦେଖି ଖୋଜା ଖୋଜି କରିଥିଲେ। ଖୋଜାଖୋଜି କରି ନପାଇବାରେ ପୋଖରୀରେ ବୁଡ଼ି ଯାଇଥିବା ସନ୍ଦେହରେ ଦମକଳବାହିନୀକୁ ଖବର ଦେଇଥିଲେ। ଦମକଳବାହିନୀ ପୋଖରୀରେ ଖୋଜାଖୋଜି କରିବା ପରେ ବାପ ପୁଅକୁ ଉଦ୍ଧାର କରି ନୟାଗଡ଼ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ହେଲେ ଡାକ୍ତର ବାପ ପୁଅକୁ ମୃତ ଘୋଷଣା କରିଥିଲେ। ହୋଲିରେ ଏମିତି ବାପପୁଅଙ୍କ ମୃତ୍ୟୁକୁ ନେଇ ଶୋକାକୁଳ ପରିସ୍ଥିତି ଉପୁଜିଛି।

## ବାଇକ୍ ଦୁର୍ଘଟଣାରେ ୨ ଯୁବକ ମୃତ

**ଖଣ୍ଡପଡ଼ା,୫ା୩/ଏନ୍ଏନ୍ଏସ୍:** ଖଣ୍ଡପଡ଼ା ବ୍ଲକ ଅଧୀନ ବୋଦସା ଗ୍ରାମ ଉପକଣ୍ଠରେ ଗୁରୁବାର ଅପରାହ୍ନରେ ଏକ ମର୍ମନ୍ତୁଦ ବାଇକ ଦୁର୍ଘଟଣାରେ ୨ ଜଣ ଯୁବକଙ୍କ ଅକାଳ ମୃତ୍ୟୁ ହୋଇଥିବା ଜଣାଯାଇଛି। ମୃତ ଯୁବକ ୨ ଜଣ ହେଲେ ଭାପୁର ବ୍ଲକର ଧାନଚେଙ୍ଗଡା ପଞ୍ଚାୟତ ଅଧୀନ କଳଟାଙ୍ଗୀ ଗ୍ରାମର ମଦନ ଧଳଙ୍କ ପୁଅ ବୀର କିଶୋର ଧଳ(୨୨) ଓ ତାରେଶ୍ୱର ବିଶ୍ୱାଳଙ୍କ ପୁଅ ଶଙ୍କର ବିଶ୍ୱାଳ(୨୭) ବୋଲି ସୂଚନା ମିଳିଛି। ଯୁବକ ୨ ଜଣ ଏକ ବାଇକ ଯୋଗେ ମର୍ଦ୍ଦରାଜପୁର ଗ୍ରାମରୁ ବୋଦସା ଦେଇ କଳଟାଙ୍ଗୀ ଗ୍ରାମକୁ ଯାଉଥିବା ବେଳେ ବେପରୁଆ ଭାବେ ଦ୍ରୁତ ଗତିରେ ବାଇକ ଚାଳନା ଯୋଗୁଁ ଭାରସ୍ୟାମ ହରାଇ ରାସ୍ତା ପାର୍ଶ୍ୱକୁ ଉଭୟେ ଖସିପଡି ଗୁରୁତର ଆହତ ହୋଇଥିଲେ। ସ୍ଥାନୀୟ ଗ୍ରାମବାସୀ ଉଭୟଙ୍କୁ ଘଟଣାସ୍ଥଳରୁ ଉଦ୍ଧାର କରି ଆଶୁ ଚିକିତ୍ସା ନିମନ୍ତେ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ମାତ୍ର ଉଭୟଙ୍କର ମୃତ୍ୟୁ ହୋଇଥିବା ନେଇ ଡାକ୍ତର ଘୋଷଣା କରିଥିଲେ। ଖବରପାଇ ପୁଲିସ ସ୍ୱାସ୍ଥ୍ୟକେନ୍ଦ୍ରରେ ପହଞ୍ଚି ଶବ ଜବତ କରିବା ସହ ଦୁର୍ଘଟଣାରେ ଭାଙ୍ଗି ଯାଇଥିବା ବାଇକ୍ ଜବତକରି ଘଟଣାର ତଦନ୍ତ ଚଳାଇଛି। ଘଟଣାକୁ ନେଇ ଖଣ୍ଡପଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରିସର ସମେତ କଳଟାଙ୍ଗୀ ଗ୍ରାମରେ ଏକ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

## ଗାଧୋଇବାକୁ ଯାଇ ବୁଡ଼ିଗଲେ ଯୁବକ

**ବାରଙ୍ଗ,୫ା୩/ଏନ୍ଏନ୍ଏସ୍:** ହୋଲି ଖେଳି ସାରି ଗାଧୋଇବା ବେଳେ ପୁରୀ ମୁଖ୍ୟ କେନାଲରେ ବୁଡି ଜଣେ ଯୁବକ ପ୍ରାଣ ହରାଇଛନ୍ତି। ଯୁବକ ଜଣକ ହେଲେ କଟକ ତୁଳସୀପୁରର ସୁଦୀପ ସାହୁ(୨୫) ବୋଲି ଜଣାପଡିଛି। ମିଳିଥିବା ଖବର ଅନୁସାରେ ହୋଲି ଖେଳିସାରି ବୁଧବାର ସାଢେ ୪ଟା ବେଳେ ଚାରି ପାଞ୍ଚଜଣ ସାଙ୍ଗ ସାଥି ହୋଇ ବାରଙ୍ଗ ମଧୁବନ ନିକଟ ପୁରୀ ମୁଖ୍ୟ କେନାଲକୁ ଗାଧୋଇବାକୁ ଯାଇଥିଲେ। ଅସାବଧାନତାବଶତଃ ଗାଧେଇବା ବେଳେ ସୁଦୀପ ପାଣିରେ ବୁଡିଯାଇଥିଲେ। ଅନ୍ୟ ସାଥିମାନେ ସୁଦୀପକୁ ନପାଇ ଅଗ୍ନିଶମ ବାହିନୀକୁ ଖବର କରିଥିଲେ।ବାରଙ୍ଗ ଅଗ୍ନିଶମ ବାହିନୀର କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଯୁବକ ଜଣକୁ ଉଦ୍ଧାରକରି କଟକ ବଡ଼ ଡାକ୍ତରଖାନାରେ ଭର୍ତ୍ତି କରିଥିଲେ। ସେଠାରେ ଡାକ୍ତର ତାକୁ ମୃତ ଘୋଷଣା କରିଥିଲେ। ମୃତଦେହକୁ ବ୍ୟବଚ୍ଛେଦ କରାଇବା ପରେ ମୃତଦେହକୁ ପରିବାରକୁ ହସ୍ତାନ୍ତର କରାଯାଇଥିଲା। ଏ ନେଇ ପୁଲିସ ଘଟଣାର ତଦନ୍ତ ଜାରି ରଖିଛି।

### ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀରେ ମୁଖ୍ୟମନ୍ତ୍ରୀ

# 'ବିଜୁ ବାବୁଙ୍କ ସ୍ୱପ୍ନ ହେବ ପୂରଣ'



**ଭୁବନେଶ୍ୱର,୫ା୩/ଏନ୍ଏନ୍ଏସ୍:** 'ଓଡ଼ିଆ ସ୍ୱାଭିମାନର ପ୍ରତୀକ ବିଜୁ ପଟ୍ଟନାୟକ ରାଜନୀତିରୁ ଉର୍ଦ୍ଧ୍ୱରେ ରହି ଓଡ଼ିଶାର ବିକାଶ ପାଇଁ ବ୍ରତୀ ଥିଲେ। ବିଜୁ ବାବୁ ଯେଉଁ କ୍ଷେତ୍ରରେ ହାତ ରଖୁଥିଲେ, ତାହା ସୁନା ପାଲଟି ଯାଉଥିଲା। ଅତୀତର ନାୟକ ନୁହେଁ, ବରଂ ଆଧୁନିକ ଓଡ଼ିଶାର ନିର୍ମାତା ଭାବେ ବିଜୁ ବାବୁ ପ୍ରତ୍ୟେକ ଓଡ଼ିଆଙ୍କ ପାଇଁ ପ୍ରେରଣାର ଉତ୍ସ। ବିଜୁ ପଟ୍ଟନାୟକ କେବଳ ଜଣେ ବ୍ୟକ୍ତି ନୁହେଁ, ସେ ଥିଲେ ଏକ ଅନୁଷ୍ଠାନ ଓ ଏକ ବିଚାରଧାରା। ସାହସ, ଦୂରଦୃଷ୍ଟି ଓ ଦେଶପ୍ରେମ ତାଙ୍କ ଜୀବନର ପ୍ରମୁଖ ପରିଚୟ ଥିଲା। ଓଡ଼ିଶା ପାଇଁ ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଥିଲା। ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା, ଗରିବ ଲୋକଙ୍କୁ ରୋଜଗାର ଦେବା ଓ ମୌଳିକ ସୁବିଧା ସୁଯୋଗ ଦେବା, ମହିଳାମାନଙ୍କୁ ସଶକ୍ତ କରିବା ଏବଂ ଗାଁ'ର ସମୃଦ୍ଧି ପାଇଁ ପଞ୍ଚାୟତିରାଜ ବ୍ୟବସ୍ଥାକୁ ସୁଦୃଢ଼ କରିବା। ଏ ସମସ୍ତ ସ୍ୱପ୍ନର ସାମୂହିକ ରୂପ ହେଉଛି ସମୃଦ୍ଧ ଓଡ଼ିଶା। ସମୃଦ୍ଧ ଓଡ଼ିଶା ଗଠନ ହେଲେ ହିଁ, ବିଜୁ ବାବୁଙ୍କ ସ୍ୱପ୍ନ ପୂରଣ ହୋଇପାରିବ। ଆମ ସରକାର ସମୃଦ୍ଧ ଓଡ଼ିଶା ଗଠନ କରି ବିଜୁ ବାବୁଙ୍କ ସ୍ୱପ୍ନକୁ ନିଶ୍ଚୟ ପୂରଣ କରିବେ।'ଗୁରୁବାର ସୂଚନା ଓ ଲୋକସମ୍ପର୍କ ବିଭାଗ ଆନୁକୂଲ୍ୟରେ ସ୍ଥାନୀୟ ଜୟଦେବ ଭବନ ଠାରେ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ କାର୍ଯ୍ୟକ୍ରମରେ ଯୋଗ ଦେଇ ଏହା କହିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ।

ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ, ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ସାକାର କରିବା ପାଇଁ ବର୍ତ୍ତମାନ ଆମ ସରକାର ପଞ୍ଚାୟତିରାଜ ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରୁଛନ୍ତି ଏବଂ ଗାଁ ଗାଁକୁ ପାନୀୟ ଜଳ, ସଡ଼କ, ବିଦ୍ୟୁତ ଓ ଶିକ୍ଷା ଭିତ୍ତିଭୂମି ସୁବିଧା ପ୍ରଦାନ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛନ୍ତି। ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ପଞ୍ଚାୟତିରାଜ ବିଭାଗ ପାଇଁ ୩୪,୧୬୬ କୋଟି ଟଙ୍କାର ରେକର୍ଡ ବଜେଟ ବ୍ୟବସ୍ଥା ହୋଇଥିବା କଥା ସେ ଉଲ୍ଲେଖ କରି ରାଜ୍ୟର ଆର୍ଥିକ ମାନଦଣ୍ଡ ବୃଦ୍ଧି ପାଉଥିବା କଥା କହିଥିଲେ । ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ, ଦିନେ ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନ ଥିଲା ଓଡ଼ିଶାକୁ ଶିଳ୍ପ ସମୃଦ୍ଧ କରିବା ପାଇଁ । ଆଉ ଆଜି ରାଜ୍ୟ ସରକାର ସେହି ଶିଳ୍ପାୟନ ନିମନ୍ତେ ଭିତ୍ତିଭୂମିର ବିକାଶ କରୁଛନ୍ତି। ୨୦ ମାସର ସରକାର ଆଜି ୨୦ ଲକ୍ଷ କୋଟିରୁ ଅଧିକ ଟଙ୍କାର ପୁଞ୍ଜି ଆକର୍ଷଣ କରି ଓଡ଼ିଶାର ଯୁବବର୍ଗଙ୍କ ପାଇଁ ବ୍ୟାପକ ନିଯୁକ୍ତି ସୁଯୋଗ ସୃଷ୍ଟି କରିଛନ୍ତି । ୨.୪୦ ଲକ୍ଷ କୋଟି ଟଙ୍କାର ୧୦୯ ଟି ଶିଳ୍ପର ଉଦଘାଟନ ଓ ଶିଳାନ୍ୟାସ ହୋଇଛି ଏବଂ ଏହାଦ୍ୱାରା ୧.୭୬ ଲକ୍ଷ ନିଯୁକ୍ତି ସୃଷ୍ଟି ହୋଇଛି। ପାରାଦୀପରୁ କଟକ-ଭୁବନେଶ୍ୱର ଦେଇ ପୁରୀ ପର୍ଯ୍ୟନ୍ତ ଏକ ବୃହତ୍ ଅର୍ଥନୈତିକ କରିଡୋର ଗଢ଼ିଉଠୁଛି ଯାହା ଓଡ଼ିଶାର ବନ୍ଦରଭିତ୍ତିକ ବିକାଶରେ ଏକ ନୂତନ ଅଧ୍ୟାୟ ସୃଷ୍ଟି କରିବ। ବିଜୁ ପଟ୍ଟନାୟକଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଡବଲ ଇଞ୍ଜିନ ସରକାର ପ୍ରତିବଦ୍ଧ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଓଡ଼ିଶାକୁ ପୂର୍ବ ଭାରତର ଏକ ପ୍ରମୁଖ ଶିଳ୍ପ କେନ୍ଦ୍ର ଭାବେ ଗଢ଼ି ତୋଳିବା ପାଇଁ ଯୋଜନାବଦ୍ଧ ଭାବେ କାମ କରାଯାଉଛି। ଆଉ ଏହି ସଫଳତା ଖୁବ୍‌କମ୍ ସମୟ ମଧ୍ୟରେ ସାରା ଦେଶ ଦେଖିବ। ମୁଖ୍ୟମନ୍ତ୍ରୀ ଆହୁରି କହିଛନ୍ତି ଯେ ସ୍ୱାଧୀନତା ସଂଗ୍ରାମରେ ବିଜୁ ପଟ୍ଟନାୟକଙ୍କ ଅବଦାନ ଅସାଧାରଣ ଥିଲା। ରୟାଲ ଏୟାର ଫୋର୍ସର ପାଇଲଟ୍ ଭାବେ ସେ ଦ୍ୱିତୀୟ ବିଶ୍ୱଯୁଦ୍ଧ ସମୟରେ ସାହସିକ ଭୂମିକା ନିଭାଇଥିଲେ। ଅଗଷ୍ଟ କ୍ରାନ୍ତି ସମୟରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସୁରକ୍ଷିତ ଭାବେ ଗୋଟିଏ ସ୍ଥାନରୁ ଅନ୍ୟ ସ୍ଥାନକୁ ପହଞ୍ଚାଇବାରେ ସେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସ୍ୱାଧୀନତା ପରେ ୧୯୪୭ରେ କାଶ୍ମୀର ସଙ୍କଟ ସମୟରେ ଶ୍ରୀନଗରରେ ସେନା ଅବତରଣ କରାଇ ଭାରତର ସୁରକ୍ଷାରେ ମଧ ସେ ଅମୂଲ୍ୟ ଅବଦାନ ରଖିଥିଲେ। ପରିଶେଷରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ସମୃଦ୍ଧି ଓ ଓଡ଼ିଆ ଜାତିର ଗୌରବକୁ ଆହୁରି ଉଚ୍ଚତାକୁ ନେବା ପାଇଁ ମୁଖ୍ୟମନ୍ତ୍ରୀ ଆହ୍ୱାନ ଦେଇଛନ୍ତି। ଉକ୍ତ କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଏକାମ୍ର ଭୁବନେଶ୍ୱର ବିଧାୟକ ବାବୁ ସିଂହ, ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ଭୁବନେଶ୍ୱର ମହାନଗର ନିଗମ ମେୟର ସୁଲୋଚନା ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ସୂଚନା ଓ ଲୋକସମ୍ପର୍କ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା ସ୍ୱାଗତ ଭାଷଣ ଦେଇଥିବା ବେଳେ ବିଭାଗୀୟ ନିର୍ଦ୍ଦେଶକ ଅନୁଜ କୁମାର ଦାସ ପଟ୍ଟନାୟକ ଧନ୍ୟବାଦ ଦେଇଥିଲେ।

## ପୁରୀରେ ପ୍ରବାଦ ପୁରୁଷଙ୍କ ୧୧୦ତମ ଜୟନ୍ତୀ



**ପୁରୀ,୫ା୩/ଏନ୍ଏନ୍ଏସ୍:** ମହାନ୍ ଜନନାୟକ, ଓଡ଼ିଶାର ପୂର୍ବତନ ମୁଖ୍ୟମନ୍ତ୍ରୀ ତଥା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜନ୍ମ ଜୟନ୍ତୀ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀରେ ପାଳନ ହୋଇଯାଇଛି। ସର୍ବପ୍ରଥମେ ସକାଳ ୧୦ଟା ୨୦ ସମୟରେ ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ପକ୍ଷରୁ ବ୍ରହ୍ମଗିରି ବ୍ଲକ ମୋଟୋ ଠାରେ ବିଜୁ ପଟ୍ଟନାୟକ ବୈଷୟିକ ଶିକ୍ଷା ଅନୁଷ୍ଠାନ ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳୀ ଜଣାଇଛନ୍ତି ବ୍ରହ୍ମଗିରି ବ୍ଲକ ସଭାପତି ବିଦ୍ୟାଧର ସ୍ୱାଇଁ, ବ୍ଲକ ଅଧକ୍ଷା ରତ୍ନବାଳା ବେହେରା, ଉପାଧକ୍ଷ ମାଳିନୀ ଦଳାଇ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ସମିତି ସଭ୍ୟ ରାକେଶ ଭଞ୍ଜ ଏବଂ ବରିଷ୍ଠ ନେତା ପଞ୍ଚାନନ ପୁଜାରୀ। ଏହା ପରେ ସକାଳ ୧୧ଟା ସମୟରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ କୃଷ୍ଣପ୍ରସାଦ ବ୍ଲକ ସାତ ପଞ୍ଚାୟତ ବିଜୁ ଜନତା ଦଳ ପକ୍ଷରୁ ସାତପଡ଼ା ଠାରେ ଥିବା ଚିଲିକା ଉନ୍ନୟନର ପ୍ରତିଷ୍ଠାତା ତଥା ପ୍ରଥମ ଅଧକ୍ଷ ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି ଜିଲ୍ଲା ପରିଷଦ ସଦସ୍ୟ ସନ୍ଦିପ କୁମାର ଜେନା, ସାତପଡ଼ା ପଞ୍ଚାୟତ ପୂର୍ବତନ ସରପଞ୍ଚ ତ୍ରିନାଥ ସାମନ୍ତରାୟ, ଯୁବ ନେତା ଫାଲଗୁନି ଜାଲ୍ଲି, ନରେଶ ମାନସିଂହ, ବାବୁଲି ଜେନା ଏବଂ ସୁବଳ ସାହୁ। ଅପରାହ୍ନ ୩ଟା ୩୦ ମିନିଟ୍ ସମୟରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀ ସଦର ବ୍ଲକ ପ୍ରତାପ ରାମଚନ୍ଦ୍ରପୁର ପଞ୍ଚାୟତ ମାଳସାହି ମେଳଣ ପଡ଼ିଆ ଠାରେ ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ସଞ୍ଜୟ କୁମାର ଦାସବର୍ମାଙ୍କ ନେତୃତ୍ୱରେ ପ୍ରବାଦ ପୁରୁଷଙ୍କ ଉଦ୍ଦେଶ୍ୟରେ ଏକ ବିଶାଳ ସାଧାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ସଭାରେ ପ୍ରାୟ ୩୦୦୦ ହଜାରରୁ ଉର୍ଦ୍ଧ୍ୱ ବିଜୁ ପ୍ରେମୀ ଉପସ୍ଥିତ ଥିଲେ। ସଭା କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଶ୍ରୀ ଦାସବର୍ମା ଏବଂ ଉପସ୍ଥିତ ନିର୍ବାଚିତ ପ୍ରତିନିଧି ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଜଣାଇଥିଲେ। ଏହି ସାଧାରଣ ସଭାରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀ ସଦର ବ୍ଲକ ଗୌଡ଼ିକେରା ପଞ୍ଚାୟତ ସରପଞ୍ଚ ରମେଶ ଚନ୍ଦ୍ର ପ୍ରଧାନ ସଭାପତିତ୍ୱ କରିଥିଲେ। ବ୍ରହ୍ମଗିରି ବ୍ଲକ ବିଜୁ ଜନତା ଦଳ ସଭାପତି ବିଦ୍ୟାଧର ସ୍ୱାଇଁ କହିଥିଲେ ଡ଼ବଲ ଇଞ୍ଜିନ ବିଜେପି ସରକାର ୨ ବର୍ଷରେ ଭିତରେ ଖାଲି ମିଛ ପ୍ରତିଶ୍ରୁତି ଛଡ଼ା ଚାଷୀଙ୍କୁ ଧୋକା ଦେବା ଏ ସରକାର ର ଅଭ୍ୟାସ। ପୂର୍ବତନ ମନ୍ତ୍ରୀ ତଥା ବିଜୁ ଜନତା ଦଳର ବରିଷ୍ଠ ଉପସଭାପତି ସଞ୍ଜୟ କୁମାର ଦାସବର୍ମା କହିଥିଲେ ବିଜୁ ବାବୁ ଲୋକଙ୍କ କଲ୍ୟାଣ ଓ ଉନ୍ନତି ପାଇଁ ଆଙ୍କିଥିଲେ ବିକାଶର ବିସ୍ତୃତ ନକ୍ସା। ତାଙ୍କର ପ୍ରତିଟି କାମ ଥିଲା ଓଡ଼ିଆ ଜାତିର ସ୍ୱାଭିମାନ ଓ ଗୌରବ ପାଇଁ ତାଙ୍କ ନୀତି ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶା ଏବେ ଅନେକ କ୍ଷେତ୍ରର ଅଗ୍ରଣୀ ହୋଇଛି। ସେହି ବିକାଶ ପୁରୁଷଙ୍କ ଜୟନ୍ତୀରେ ତାଙ୍କ ଅବଦାନକୁ ସ୍ମରଣ କରି ଶ୍ରୀ ଦାସବର୍ମା ବ୍ରହ୍ମଗିରିର ଜନପ୍ରତିନିଧିଙ୍କୁ ତାଙ୍କ ବିଚାର ଧାରାରେ ଆଗକୁ ବଢ଼ିବା ପାଇଁ ଦିଗଦର୍ଶନ ଦେଇଛନ୍ତି। ଗାଁର ବିକାଶକୁ ବିଜୁବାବୁ ସବୁବେଳେ ଅଗ୍ରାଧିକାର ଦେଉଥିଲେ। ୩୩ ପ୍ରତିଶତ ସ୍ଥାନ ମହିଳାଙ୍କ ପାଇଁ ସଂରକ୍ଷଣ କରିବାକୁ ସେ ସମୟରେ ଐତିହାସିକ ନିଷ୍ପତ୍ତି ନେଇଥିଲେ ବିଜୁବାବୁ। ଏ ଡ଼ବଲ ଇଞ୍ଜିନ ବିଜେପି ସରକାର ଚାଷୀମାନଙ୍କ ଧାନ ମଣ୍ଡିରୁ ଉଠେଇ ପାରୁନାହାନ୍ତି, ୩୦୦ ୟୁନିଟ୍ ବିଜୁଳି ବିଲ୍ ଛାଡ଼ କରିବେ ବୋଲି କହିଥିଲେ, ଚାଷୀ ମାନଙ୍କୁ ଇନ୍‌ପୁଟ ସବ୍‌ସିଡି ଦେବୁ, ଭତ୍ତା ୩୦୦୦ କରି ଦେବେ ବୋଲି ସ୍ୱପ୍ନ ଦେଖାଇଥିଲେ ତାହା ପୂରଣ କରିଲେ ନାହିଁ। ଗଲା ରବି ଋତୁ ସମୟରେ ୩୮ ପ୍ରତିଶତ ଭ୍ୟାଲିଡ଼ ଟୋକନ ପାଇ ଧାନ ବିକ୍ରି କରିପାରିଲେ ନାହିଁ। ଆଜି ଏହି ମହାନ ଦିନରେ ଆମେ ସମସ୍ତେ ସପଥ ନେବା ପ୍ରବାଦ ପୁରୁଷ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ବିଚାରଧାରା କୁ ଆଗେଇନେବା ଶର୍ବ ଶେଷରେ ବ୍ରହ୍ମଗିରି ନିର୍ବାଚନ ମଣ୍ଡଳୀ ପୁରୀ ବ୍ଲକ ଉପାଧକ୍ଷାଙ୍କ ପ୍ରତିନିଧି ନିରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଏହି ସଭାରେ ପୁରୀ ଜିଲ୍ଲା ପରିଷଦ ଅଧକ୍ଷା ସ୍ୱପ୍ନାରାଣୀ ସ୍ୱାଇଁ, ବ୍ରହ୍ମଗିରି ବ୍ଲକ ଉପାଧକ୍ଷ ମାଳିନୀ ଦଳାଇ, ଜିଲ୍ଲା ପରିଷଦ ସଦସ୍ୟ ଜନ୍ମେଶ୍ୱର ସାହୁ, ଲକ୍ଷ୍ମୀଧର ସାହୁ, ମୋନାଲି ମିଶ୍ର, କୃଷ୍ଣପ୍ରସାଦ ବ୍ଲକ ବିଜୁ ଜନତା ଦଳ ସଭାପତି ପଦ୍ମ ଚରଣ ଜେନା, ପୁରୀ ସଦର ବ୍ଲକ ଅଧକ୍ଷ ଦିବାକର ପାତ୍ର, ଭାଇଲପୁର ସମିତି ସଭ୍ୟ କାର୍ତ୍ତବିଯ୍ୟ ସ୍ୱାଇଁ, ହନ୍ତୁକ ପଞ୍ଚାୟତ ସରପଞ୍ଚ କନକଲତା ପତି, ଦେବପ୍ରିୟ ଦାସ, ସମିତି ସଭ୍ୟ ମିତା ମାର୍ଥା, ପୂର୍ବତନ ସରପଞ୍ଚ ରାମଚନ୍ଦ୍ର ଷଡ଼ଙ୍ଗୀ, ବାଳକୃଷ୍ଣ ପେଣ୍ଡୋଇ, ବ୍ରହ୍ମଗିରି ବ୍ଲକ ପୂର୍ବତନ ଉପାଧକ୍ଷ ଯୁଧିଷ୍ଠିର ନାୟକ, ସରପଞ୍ଚ ଅମୂଲ୍ୟ କୁମାର ଜେନା, ସମିତି ସଭ୍ୟ ରାକେଶ ଭଞ୍ଜ, ଜିତେନ୍ଦ୍ର ବେହେରା, ସୁବାସ ନାୟକ, ଗୋଲାପ ସ୍ୱାଇଁ, ଯୁବ ନେତା ଫାଲଗୁନି ଜାଲ୍ଲି, ବିଜୟ କୁମାର ଦଳେଇଙ୍କ ସମେତ ବିଜୁ ଜନତା ଦଳର ବରିଷ୍ଠ ନେତା, ମହିଳା, ଯୁବ ଓ ଛାତ୍ରଙ୍କ ସମେତ ବହୁ ବିଜୁ କର୍ମୀ ଉପସ୍ଥିତ ଥିଲେ।

## ବ୍ଲକ୍ ବିଜେଡି ପକ୍ଷରୁ ବିଜୁ ଜୟନ୍ତୀ

**ସାକ୍ଷୀଗୋପାଳ,୫ା୩/ଏନ୍ଏନ୍ଏସ୍:** ସତ୍ୟବାଦୀ ବ୍ଲକ ବିଜେଡି ପକ୍ଷରୁ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବ କାଦୁଆ ମେଳନ ପଡିଆ ନିକଟସ୍ଥ ଦଳୀୟ କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ସତ୍ୟବାଦୀର ପୂର୍ବତନ ବିଧାୟକ ତଥା ପୁରୀଜିଲ୍ଲା ବିଜେଡି ସଭାପତି ଉମାକାନ୍ତ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ଉତ୍ସବ ସଭା ଅନୁଷ୍ଠିତ ହୋଇଥିଲା। ପ୍ରାରମ୍ଭରେ ବିଜୁ ବାବୁଙ୍କ ତୈଳ ଚିତ୍ରରେ ପୁଷ୍ପ ମାଲ୍ୟାର୍ପଣ କରି ପ୍ରଦୀପ ପ୍ରଜ୍ୱଳନ କରାଯାଇଥିଲା। ବ୍ଲକ ସଭାପତି ପ୍ରମୋଦ କୁମାର ରାଉତରାୟ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସମ୍ମାନିତ ଅତିଥି ଭାବରେ ବ୍ଲକ ଅଧକ୍ଷ ସୁନିଲ ପଣ୍ଡା, ଜିଲ୍ଲାପରିଷଦ ସଭ୍ୟ ନାରାୟଣ ରାଉତରାୟ ,ବିଜେଡି ଯୁବ ସଭାପତି ଶରତ ରାଉତରାୟ, ବ୍ଲକ ମହିଳା ସଭାପତି ପୁଷ୍ପାଞ୍ଜଳି ବିଶ୍ୱାଳ। ସରପଞ୍ଚ ଗାୟତ୍ରୀ ମହାପାତ୍ର, ଦୁଃଶାସନ ପ୍ରଧାନ, ଗୌରାଙ୍ଗ ମଲ୍ଲିକ , ସରପଞ୍ଚ ଙ୍କ ପ୍ରତିନିଧି ମଣ୍ଟୁ ପଣ୍ଡା ଓ ଦେବଦତ୍ତ ସାମନ୍ତରାୟ, ସମିତି ସଭ୍ୟ ପ୍ରେମା ବେହେରା ପ୍ରମୁଖ ଯୋଗ ଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତି ଚାରଣ କରିଥିଲେ। ଦଳୀୟ କର୍ମୀ ଓ କର୍ମକର୍ତ୍ତା ଦେବେନ୍ଦ୍ର ମହାପାତ୍ର, ପ୍ରକାଶ ଖଟେଇ, ତୃଷାର ନାୟକ, ସୁବାସ ପ୍ରଧାନ ପ୍ରମୁଖଙ୍କ ସହିତ ଯୋଗ ଦେଇ ବକ୍ତବ୍ୟ ରଖିଥିଲେ। ଦୁର୍ଗେସ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ ।

## ଇଣ୍ଡିଆ-ଜାପାନ୍ ଫ୍ରେଣ୍ଡ୍‌ଶିପ୍ ସେଣ୍ଟର୍‌ର ଅଭିନବ ପ୍ରୟାସ: ହୋଲି ଖେଳିଲେ ଜାପାନ ପର୍ଯ୍ୟଟକ



**ପୁରୀ,୫ା୩/ଏନ୍ଏନ୍ଏସ୍:** ରଙ୍ଗର ପର୍ବ ହୋଲିରେ ରଙ୍ଗିନ ହୋଇଥିଲା ଗାଁ ଠୁ ସହର। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ପରସ୍ପରକୁ ଅବିର ବୋଲି କୋଳା ଗ୍ରତ ହୋଇଥିଲେ ଆବାଳ ବୃଦ୍ଧବନିତା ସିଂହ ଦ୍ୱାରଠୁ ନେଇ ମହୋଦଧି, ବଡ଼ଦାଣ୍ଡରୁ ନେଇ ଶ୍ରୀକ୍ଷେତ୍ରର ସାହି ଗଳିକନ୍ଦି, ସବୁଠି ରଙ୍ଗର ପର୍ବକୁ ବେଶ୍ ଉଲ୍ଲାସରେ ପାଳନ କରିଥିଲେ। ଏହି ଅବସରରେ ଇଣ୍ଡିଆ-ଜାପାନ ଫ୍ରେଣ୍ଡ୍ ସିପ ସେଣ୍ଟର୍ ପକ୍ଷରୁ ଚକ୍ରତିର୍ଥ ରୋଡସ୍ଥିତ ସେଣ୍ଟର ପରିସରରେ ଜାପାନରୁ ଆସିଥିବା ବିଦେଶୀ ନାଗରିକମାନେ ଏହି ପର୍ବରେ ସାମିଲ ହୋଇ ହୋଲିର ମଜା ନେଇଥିଲେ। ନିଜ ନିଜ ଭିତରେ ଅବିର ଲଗାଇବା ସହିତ ରାସ୍ତାରେ ଯାଉଥିବା ଲୋକଙ୍କ ଦେହରେ ରଙ୍ଗ ବୋଳି ବେଶ ଖୁସି ହୋଇଥିଲେ। ଏହି ନିଆରା ହୋଲି ସେମାନଙ୍କ ପାଇଁ ଅଭୁଲା ହୋଇ ରହିବ ବୋଲି ଜାପାନ ପଯ୍ୟଟକ ନାଚୋସ ମିୟାହାରା କହିଛନ୍ତି। ସେଣ୍ଟରର ସଭାପତି ଶ୍ରୀମନ୍ତ କୁମାର ଦାଶ କୁହନ୍ତି, ହୋଲି ଏକ ଭାଇଚାରାର ପର୍ବ। ଏଥିରେ ଜାତି, ଧର୍ମ, ବର୍ଣ୍ଣ, ନିର୍ବିଶେଷରେ ସମସ୍ତେ ସମସ୍ତଙ୍କୁ ଭାଇଚାରା ବାଣ୍ଟିବାର ଏକ ଅପୂର୍ବ ମୁହୂର୍ତ୍ତ। କିଛି ଜାପାନୀ ପଯ୍ୟଟକ ମାନେ ଏ ସମ୍ବନ୍ଧରେ ପୂର୍ବରୁ ଅବଗତ ଥିବା ବେଳେ ଆଉ କିଛି ପର୍ଯ୍ୟଟକଙ୍କୁ ଏ ସମ୍ପର୍କରେ ଅବଗତ କରାଇଥିଲୁ। ପରସ୍ପରକୁ ରଙ୍ଗ ମାରି ଆଲିଙ୍ଗନ କରିବାର ଦୃଶ୍ୟ ଦେଖିବା ପରେ ସେମାନେ ମଧ ଏହି ଧାରାକୁ ଅନୁକରଣ କରିଥିଲେ। ରାସ୍ତାରେ ଯିବାଆସିବା କରୁଥିବା ଲୋକଙ୍କ ଦେହରେ ଅବିର ବୋଳିବା ସହ ଶୁଭେଚ୍ଛା ଜଣାଉଥିଲେ। ପ୍ରାକୃତିକ ରଙ୍ଗ ଫଗୁରେ ହୋଲି ଖେଳିବା ଲାଗି ସମସ୍ତଙ୍କୁ ବାର୍ତ୍ତା ଦେଇଥିଲେ।

## ଯୁବକଙ୍କ ଆତ୍ମହତ୍ୟା

**ମୁଣ୍ଡମୁହାଣ,୫ା୩/ଏନ୍ଏନ୍ଏସ୍:** ଆଜି ଅପରାହ୍ନ ପ୍ରାୟ ୫ଟା ବେଳେ ଖଣ୍ଡଗିରି ଥାନା ପାତ୍ରପଡା ଖେଳ ପଡିଆ ନିକଟରେ ଥିବା ଏକ ଗଛରେ ଜଣେ ଯୁବକ ବେକରେ ରଶି ବାନ୍ଧି ଆତ୍ମହତ୍ୟା କରିଛନ୍ତି। ମୃତ ଯୁବକ ହେଲେ ପାତ୍ରପଡା ଭଗବାନପୁର ଗ୍ରାମର ତପନ ଭୋଇ(୩୦)। ଆତ୍ମହତ୍ୟାର କାରଣ ସ୍ପଷ୍ଟ ହୋଇନଥିଲେ ମଧ କୌଣସି କାରଣରୁ ପାରିବାରିକ ଅଶାନ୍ତି ଯୋଗୁ ଯୁବକ ଜଣକ ଆତ୍ମହତ୍ୟା କରିଥାଇପାରନ୍ତି ବୋଲି ପୁଲିସ ସନ୍ଦେହ କରିଛି। ମିଳିଥିବା ସୂଚନା ଅନୁସାରେ ଆଜି ତପନ ହଠାତ୍ ଘରୁ ଅପରାହ୍ନରେ ବାହାରି ଆସିଥିଲେ। ପାତ୍ରପଡା ଖେଳ ପଡିଆ ନିକଟରେ ଥିବା ଏକ ଗଛରେ ବେକରେ ରଶି ବାନ୍ଧି ଝୁଲି ପଡିଥିଲେ। ସେହି ବାଟଦେଇ କିଛି ସ୍ଥାନୀୟ ଲୋକ ଯାଉଥିବା ବେଳେ ଯୁବକ ଜଣକ ଝୁଲୁଥିବା ଦେଖିବାକୁ ପାଇଥିଲେ। ପାଖକୁ ଯାଇ ଦେଖିବା ବେଳକୁ ତପନ ବୋଲି ଜାଣିଥିଲେ। ଏ ନେଇ ଖଣ୍ଡଗିରି ଥାନା ଓ ତପନ ପରିବାରକୁ ଖବର ଦେଇଥିଲେ। ତପନ ପରିବାର ଲୋକ ଓ ଖଣ୍ଡଗିରି ଥାନା ପୁଲିସ ଘଟଣା ସ୍ଥଳରେ ପହଞ୍ଚି ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ଭୁବନେଶ୍ୱର ଏମ୍ସକୁ ପଠାଇଥିଲେ।

### ହୋଲିରେ ମା' ବାଗଦେବୀଙ୍କ ମନ୍ଦିରର ବାର୍ଷିକ ଅଧିବେଶନ

## ବିଏସ୍ଏଫ୍ ଯବାନଙ୍କୁ ସମ୍ବର୍ଦ୍ଧନା



**ଓଡ଼ଗାଁ,୫ା୩/ଏନ୍ଏନ୍ଏସ୍:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ କୁରାଳ ପଞ୍ଚୁପାଣ୍ଡବ ପାହାଡ ପାଦଦେଶରେ ବିରାଜିତ ଶ୍ରୀଶ୍ରୀ ମା' ବାଗଦେବୀଙ୍କ ପୀଠରେ କୁରାଳ ଗ୍ରାମବାସୀଙ୍କୁ ନେଇ ବୁଧବାର ରଙ୍ଗର ପର୍ବ ହୋଲିପର୍ବ ସହିତ ବାଗଦେବୀ ମନ୍ଦିରର ବାର୍ଷିକ ଅଧିବେଶନ ଅନୁଷ୍ଠିତ ହୋଇଯାଇଛି। ଅବସରପ୍ରାପ୍ତ ସରକାରୀ କର୍ମଚାରୀ ପରିଷଦର ସଭାପତି ରାମେଶ୍ୱର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଅଧିବେଶନରେ ମନ୍ଦିର ଟ୍ରଷ୍ଟ ସମେତ ମନ୍ଦିର ଉନ୍ନୟନ କମିଟିର ସଭ୍ୟମାନେ ଯୋଗ ଦେଇଥିଲେ। ଗ୍ରାମର ବୁଦ୍ଧିଜୀବୀମାନେ ଦାନକରିଥିବା ଆର୍ଥିକ ଅନୁଦାନର ଆୟବ୍ୟୟ ସମ୍ପର୍କରେ ଆଲୋଚନା କରାଯିବା ସହିତ ମନ୍ଦିର ନିକଟରେ ନିର୍ମିତ ହୋଇଥିବା ପାର୍କର ସୌନ୍ଦର୍ଯ୍ୟକରଣ ପାଇଁ ନୟାଗଡ ବିଧାୟକ ଡ. ଅରୁଣ କୁମାର ସାହୁଙ୍କ ଉଦ୍ୟମ ରହିଥିବାରୁ ସଭାରେ ଶ୍ରୀସାହୁଙ୍କୁ ପ୍ରଶଂସା କରାଯାଇଥିଲା। ସେଠାରେ ପର୍ଯ୍ୟଟକଙ୍କ ନିମନ୍ତେ ହୋଇଥିବା ଆକର୍ଷଣୀୟ ଦୋଳି, ପାନୀୟ ଜଳଯୋଗାଣ ଓ ସେଲଫି ପଏଣ୍ଟ ପାଇଁ ଓଡ଼ଗାଁ ପଞ୍ଚାୟତ ସମିତି ଅଧକ୍ଷ ଲୋକନାଥ ସାହୁ, ସ୍ଥାନୀୟ ସରପଞ୍ଚ ବିଜନ ପାଇକରାୟ, ଜିଲ୍ଲାପରିଷଦ ସଭ୍ୟା ଝିଲି ପ୍ରଧାନ ଓ ସମିତିସଭ୍ୟା କନକ ପତ୍ରଙ୍କୁ ପ୍ରଶଂସା କରାଯିବାସହ ମନ୍ଦିରର ବାକିଥିବା କାର୍ଯ୍ୟକୁ ଯଥାଶୀଘ୍ର ଶେଷ କରାଯିବାପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ମନ୍ଦିର ଟ୍ରଷ୍ଟର ରାମକୃଷ୍ଣ ଦାସ, ପ୍ରଦୀପ କୁମାର ପୃଷ୍ଟି, ଶିବପ୍ରସାଦ ଖଟେଇ, ସୀମାଞ୍ଚଳ ସାହୁ, ସନ୍ତାନୁ ଚୌଧୁରୀ, ପାଣ୍ଡୁଚରଣ ଖଟେଇ,ନୀଳକଣ୍ଠ ମିଶ୍ର, ରଜତ ମହାପାତ୍ର ଓ ସୁରେଶ ଚୌଧୁରୀ ପ୍ରମୁଖ ପରିଚାଳନା କରିଥିବାବେଳେ ସମସ୍ତ ଗ୍ରାମବାସୀ ସହଯୋଗ କରିଥିଲେ। ଏ ଅବସରରେ କୁରାଳର ବି.ଏସ.ଏଫ୍ ଯବାନ ଭାବେ ମନୋନୀତ ହୋଇଥିବା ପପୁନ ସେଠୀଙ୍କୁ ଅରୋମୀରା ଟ୍ରଷ୍ଟ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଥିଲା। ଆରୋମୀରା ଟ୍ରଷ୍ଟର ମୁଖ୍ୟପରିଚାଳକ ତଥା ପରିବେଶବିତ୍ ସୁକାନ୍ତ ଚୌଧୁରୀଙ୍କ ସହିତ କୁରାଳ ସୋଷାଇଟ ସଭାପତି କାହ୍ନୁ ପଣ୍ଡା ଓ ସମାଜସେବୀ ପ୍ରଭାତ ପ୍ରଧାନ ଯୋଗଦେଇ ପପୁନଙ୍କୁ ସମ୍ବର୍ଦ୍ଧିତ କରିଥିବା ଜଣାପଡ଼ିଛି।

# ରାଜ୍ୟସଭା..ରାଜନୀତି..ରଣନୀତି..



ଗୁରୁବାର ଥିଲା ରାଜ୍ୟସଭା ନିର୍ବାଚନ ପାଇଁ ନାମାଙ୍କନ ଦାଖଲର ଶେଷଦିନ। ଆଉ ଶେଷଦିନରେ ମୋଟ୍ ୫ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ପ୍ରଥମ ଦୁଇ ଆସନ ପାଇଁ ବିଜେପିର ମନମୋହନ ସାମଲ ଓ ସୁଜିତ କୁମାର ପ୍ରାର୍ଥୀ ହୋଇଥିବାବେଳେ ତୃତୀୟ ଆସନ ପାଇଁ ପ୍ରାର୍ଥୀ ହୋଇଛନ୍ତି ବିଜେଡିର ସଂତୃପ୍ତ ମିଶ୍ର। ତେବେ ଚତୁର୍ଥ ଆସନ ପାଇଁ ଏଥର ହେବ ରୋଚକ ଲଢ଼େଇ। କାରଣ ଚତୁର୍ଥ ଆସନରେ ବିଜେଡି କମନ୍ କ୍ୟାଣ୍ଡେଟ୍ ଭାବେ ଦତ୍ତେଶ୍ୱର ହୋତାଙ୍କ ନାଁ ଘୋଷଣା କରିଥିବାବେଳେ ସମର୍ଥନ ଘୋଷଣା କରିଛି କଂଗ୍ରେସ। ଏପଟେ ଚତୁର୍ଥ ସିଟ୍ ପାଇଁ ବିଜେପି ସମର୍ଥନ ସହ ସ୍ୱାଧୀନ ପ୍ରାର୍ଥୀ ଭାବେ ନାମାଙ୍କନ ଦାଖଲ କରିଛନ୍ତି ଦିଲ୍ଲୀପ ରାୟ। ଏଭଳି ସ୍ଥଳେ ଦିଲ୍ଲୀପ ବନାମ ଦତ୍ତେଶ୍ୱର ଲଢ଼େଇର ରୋଚକ ଚିତ୍ର ଦେଖିବାକୁ ମିଳିପାରେ। ତେବେ ରାଜ୍ୟସଭା ନିର୍ବାଚନକୁ ନେଇ ଓଡ଼ିଶା ରାଜନୀତିରେ ଏକ ନୂଆ ସମୀକରଣ ଦେଖିବାକୁ ମିଳିଥିବାବେଳେ ଚତୁର୍ଥ ସିଟ ହାତେଇବାକୁ କିଏ କେଉଁ ପ୍ରକାର ରଣନୀତି ଆପଣାଉଛି ତାହା କେବଳ ଦେଖିବାକୁ ବାକି ରହିଲା।




## ‘ମୁଁ ନିଶ୍ଚୟ ଜିତିବି’



**ଭୁବନେଶ୍ୱର,୫।୩/ଏନ୍ଏନ୍ଏସ୍:** ନାମାଙ୍କନ ପରେ ଜିତିବା ନେଇ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ଦିଲ୍ଲୀପ ରାୟ। ସେ କହିଛନ୍ତି ଯେ ମୋ ପ୍ରତି ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ, ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷ ଓ ମୁଖ୍ୟମନ୍ତ୍ରୀଙ୍କ ସମର୍ଥନ ରହିଛି । ବିଜେପି ନାମାଙ୍କନ ଭରିବା ପାଇଁ ପୂରା ସମର୍ଥନ ଯୋଗାଇ ଦେଇଛି। ଆସନ୍ତାକାଲିଠୁ ପ୍ରଚାର, ୨୦୦୨ ପରି ଜିତାପଟ ହାସଲ କରିବି। କଂଗ୍ରେସ-ବିଜେଡି ହାତ ମିଶାଇବା ପ୍ରଶ୍ନରେ ପ୍ରତିକ୍ରିୟା ରଖି କହିଛନ୍ତି, ଆମେ ବି ହାତ ମିଶାଇ ଦେବୁ ବୋଲି ଦିଲ୍ଲୀପ କହିଛନ୍ତି। ତାଙ୍କୁ ଉଭୟ ବିଜେଡି ଓ କଂଗ୍ରେସ ବିଧାୟକମାନଙ୍କର ସମର୍ଥନ ମିଳିବ ବୋଲି ସେ ଦୃଢ଼ ଦାବି କରିଛନ୍ତି।



## ‘ଭକ୍ତ-ନବୀନ ମିଳନ ପତନର କାରଣ ହେବ’



**ଭୁବନେଶ୍ୱର ,୫।୩/ଏନ୍ଏନ୍ଏସ୍:** ରାଜ୍ୟସଭା ନାମାଙ୍କନ ବେଳେ ବିଜେଡି ଉପରେ ବର୍ଷିଛନ୍ତି ବରିଷ୍ଠ ବିଜେପି ନେତା ତଥା ପୂର୍ବତନ ସାଂସଦ ପ୍ରସନ୍ନ ପାଟ୍ଟଶାଣୀ। ସେ କହିଛନ୍ତି ଯେ ଭକ୍ତ-ନବୀନ ମିଳନ ପତନର କାରଣ ହେବ। ନବୀନ ବାବୁଙ୍କର ଯାହା ପତନ ହୋଇଛି, ଆହୁରି ହୋଇଯିବ। ଏମିତି କ’ଣ ହୁଏ, ରେଜଲ୍ଟ ବାହାରିବା ପରେ ମୋତେ ମନେ ପକାଇବ। ଦିଲ୍ଲୀପ ରାୟ ତ ଜିତିକି ଅଛନ୍ତି, କେମିତି ଜିତିବେ ପଚାରନ୍ତୁନି। ରାଜନୀତିର ଅନ୍ୟ ନାମ ହେଉଛି ଷଡ଼ଯନ୍ତ୍ର ବୋଲି ସେ କହିଛନ୍ତି। ରାଜନୀତିରେ ଯିଏ ଯେତିକି ଷଡ଼ଯନ୍ତ୍ର କରେ ସିଏ ସେତିକି ଉପରକୁ ଉଠେ। ତେବେ ନବୀନ ବାବୁ ଜଣେ ବଡ଼ ମିଛୁଆ। ସେ ଆଉ ଉଠିପାରିବେନି ବୋଲି ଶ୍ରୀ ପାଟ୍ଟଶାଣୀ କହିଛନ୍ତି।

## ଏକାଠି ବସିଲେ ନବୀନ, ଭକ୍ତ



**ଭୁବନେଶ୍ୱର ,୫।୩/ଏନ୍ଏନ୍ଏସ୍:** ରାଜ୍ୟସଭା ନିର୍ବାଚନ ପାଇଁ ଆଜି ନାମାଙ୍କନ ଭରିଛନ୍ତି ବିଜେଡି ପ୍ରାର୍ଥୀ ସଂତୃପ୍ତ ମିଶ୍ର ଏବଂ ବିଜେଡି-କଂଗ୍ରେସର ମିଳିତ ପ୍ରାର୍ଥୀ ଦତ୍ତେଶ୍ୱର ହୋତା । ବିଜେଡି ସଭାପତି ନବୀନ ପଟ୍ଟନାୟକ ଓ ରାଜ୍ୟ କଂଗ୍ରେସ ସଭାପତି ଭକ୍ତ ଚରଣ ଦାସଙ୍କ ଉପସ୍ଥିତିରେ ଉଭୟ ପ୍ରାର୍ଥୀ ନାମାଙ୍କନ ଭରିଛନ୍ତି। ତେବେ ଦୀର୍ଘ ବର୍ଷ ପରେ ଗୋଟିଏ ମଞ୍ଚରେ ଉଭୟ ଦଳ ଏକାଠି ହୋଇଥିବାରୁ ରାଜ୍ୟ ତଥା ଜାତୀୟ ରାଜନୈତିକରେ ବିଭିନ୍ନ ଚର୍ଚ୍ଚା ଆରମ୍ଭ ହୋଇଛି ।

ନାମାଙ୍କନ ସମୟରେ ଉଭୟ ବିଜେଡି, କଂଗ୍ରେସ ସଦସ୍ୟ ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ନବୀନ ପଟ୍ଟନାୟକ ଏବଂ ପିସିସି ସଭାପତି ଭକ୍ତ ଦାସଙ୍କୁ ଏହି ସମୟରେ ଏକ ସଙ୍ଗରେ ବସିଥିବା ଦେଖିବାକୁ ମିଳିଥିଲା। କଂଗ୍ରେସ ବିଧାୟକ ଦଳ ନେତା ରାମଚନ୍ଦ୍ର କାଡାମ ଓ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ। ସେହିପରି ବିଜେଡିର କିଛି ବିଧାୟକ ମଧ୍ୟ ନାମାଙ୍କନ ଭରିବା କକ୍ଷରେ ଉପସ୍ଥିତ ଥିଲେ। ତେବେ ସବୁବେଳେ କଂଗ୍ରେସ, ବିଜେପିଠାରୁ ସମଦୂରତା କଥା କହୁଥିବା ନବୀନ ରାଜ୍ୟସଭା ନିର୍ବାଚନ ନାମାଙ୍କନ ବେଳେ ପିସିସି ସଭାପତିଙ୍କ ସହ ଏକାଠି ବସିବାକୁ ନେଇ ଏବେ ଜୋରଦାର ଚର୍ଚ୍ଚା ।

## ‘ନବୀନଙ୍କ ନିଷ୍ପତ୍ତିକୁ ଏଆଇସିସି ଗ୍ରହଣ କରିଛି’

### ବିଜେଡି ସଭାପତିଙ୍କୁ ପ୍ରଶଂସା କଲେ ପିସିସି ସଭାପତି



**ଭୁବନେଶ୍ୱର ,୫।୩/ଏନ୍ଏନ୍ଏସ୍:** ଡାକ୍ତର ଦତ୍ତେଶ୍ୱର ହୋତାଙ୍କ ନାମାଙ୍କନ ପରେ ନବୀନଙ୍କୁ ପ୍ରଶଂସାରେ ପୋତି ପକାଇଛନ୍ତି ପିସିସି ସଭାପତି ଭକ୍ତ ଦାସ । ସେ କହିଛନ୍ତି, ବହୁ ବର୍ଷ ପରେ ଓଡ଼ିଶାରେ ସମଭାବାପନ୍ନ ଦଳମାନେ ଏକାଠି ହେଲେ । ବିଜେଡି-କଂଗ୍ରେସ-ସିପିଏମ୍ ଏକାଠି ହେବା ରାଜନୈତିକ ନିଷ୍ପତ୍ତି ବୋଲି ସେ କହିଛନ୍ତି । ଆଦରଣୀୟ ନବୀନ ବାବୁଙ୍କ ପ୍ରସ୍ତାବକୁ ଏଆଇସିସି ଗ୍ରହଣ କରିଥିବା ସେ କହିଛନ୍ତି।

ଶ୍ରୀ ଦାସ କହିଛନ୍ତି, ‘ରାଜ୍ୟସଭାର ଚତୁର୍ଥ ସିଟ ପାଇଁ ବିରୋଧୀ ଦଳ ବିଜେଡି-କଂଗ୍ରେସ-ସିପିଆଇଏମ ମଧ୍ୟରେ ଏକ ରାଜନୈତିକ ନିଷ୍ପତ୍ତି ହୋଇଛି। ଦତ୍ତେଶ୍ୱର ହୋତାକୁ ମିଳିତ ପ୍ରାର୍ଥୀ ଭାବେ ଘୋଷଣା କରିଛୁ। ବିଜେଡି ସଭାପତି ନବୀନ ପଟ୍ଟନାୟକ ଆଣିଥିବା ମିଳିତ ପ୍ରାର୍ଥୀ ପ୍ରସ୍ତାବରୁ ଏଆଇସିସି ଗ୍ରହଣ କରିଥିଲା। ଅଳ୍ପ ଦିନ ମଧ୍ୟରେ ଦେଶ - ବିଦେଶରେ ଖ୍ୟାତି ରଖିଥିବା ଦତ୍ତେଶ୍ୱର ହୋତାଙ୍କୁ ମିଳିତ ଭାବେ ଚୟନ କରି ପ୍ରାର୍ଥୀ କରିଛୁ। ସମୟର ଆହ୍ୱାନ କ୍ରମେ ସମଭାବାପନ୍ନ ଦଳ ଏକାଠି ହେବା ଆବଶ୍ୟକ ବୋଲି ନବୀନ କହିଛନ୍ତି। ସମୟର ଆହ୍ୱାନ କ୍ରମେ ଆମେ ସମସ୍ତେ ଏକ ହୋଇଛୁ। ଓଡିଶା ରାଜନୀତିରେ ଏହା ଏକ ଐତିହାସିକ ପଦକ୍ଷେପ ।

ଏହାଛଡ଼ା ସେ କହିଛନ୍ତି ଯେ ରାଜ୍ୟରେ ଏବେବି ନବୀନ ପଟ୍ଟନାୟକଙ୍କର ଲୋକପ୍ରିୟତା ରହିଛି। ଭୋଟ ପ୍ରତିଶତରେ ବିଜେଡି ବର୍ତ୍ତମାନ ମଧ୍ୟ ଆଗୁଆ ରହିଛି। କଂଗ୍ରେସ ମେଣ୍ଟରେ ଅନେକ ଦଳ ଅଛନ୍ତି। ବିଜୁ ବାବୁଙ୍କ ଠାରୁ ବିଜେଡିର ଉତ୍ପତ୍ତି। ନବୀନ ବାବୁ ୨୫ ବର୍ଷ ହେବ ଦୃଢ଼ ନେତୃତ୍ୱ ଦେଇ ଆସିଛନ୍ତି। ନବୀନ ବାବୁ ଏବେ ଯେଉଁ ନିଷ୍ପତ୍ତି ନେଇଛନ୍ତି, ତାହା ତାଙ୍କ ବାପା ବିଜୁ ପଟ୍ଟନାୟକଙ୍କ ଭଳି ସାହାସିକତାର ନିଷ୍ପତ୍ତି। ଭାରତୀୟ ରାଜନୀତିରେ ବିଜୁ ବାବୁ ଏଭଳି ନିଷ୍ପତ୍ତି ନେଉଥିଲେ। ଏହାକୁ ସାରା ଦେଶର ନେତା ଗ୍ରହଣ କରୁଥିଲେ।

## ‘ଦିଲ୍ଲୀପଙ୍କ ପାଖରେ ବିଜୁ ବାବୁଙ୍କ ଆଶୀର୍ବାଦ ଅଛି’



**ଭୁବନେଶ୍ୱର ,୫।୩/ଏନ୍ଏନ୍ଏସ୍:** ବିଜେପି ବିଧାୟକ ବାବୁ ସିଂ କହିଛନ୍ତି ଯେ ଦିଲ୍ଲୀପ ରାୟଙ୍କ କଥା ସବୁଠାରୁ ଭିନ୍ନ। ବିଜୁ ବାବୁ ଶେଷ ସମୟରେ ଦିଲ୍ଲୀପ ରାୟଙ୍କ ଘରୁ ହିଁ ହସ୍ପିଟାଲ ଯାଇଥିଲେ। ଦିଲ୍ଲୀପ ତାଙ୍କ ପାଖେ ପୁଅ ଭଳିଆ ଠିଆ ହୋଇଥିଲେ। ବିଜୁ ବାବୁଙ୍କ ଆଶୀର୍ବାଦ ନବୀନ ବାବୁ ନୁହେଁ ଦିଲ୍ଲୀପ ରାୟଙ୍କ ପାଖରେ ଅଛି। ସେ ନିଶ୍ଚିତ ଜିତିବେ ବୋଲି ବାବୁ ସିଂ କହିଛନ୍ତି।


## ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍, ବିଜେପିର ସୁପର୍ ଷ୍ଟ୍ରୋକ୍

**ଭୁବନେଶ୍ୱର,୫।୩/ଏନ୍ଏନ୍ଏସ୍:** କଂଗ୍ରେସ ଓ ବିଜେଡି ବିଧାୟକଙ୍କ ଭିତିରି ଫାଟର ଫାଇଦା ନେବା ପାଇଁ ଭାରତୀୟ ଜନତା ପାର୍ଟି ପୂର୍ବରୁ ୩ଟି ଆସନ ନେବାକୁ ଦମ୍ଭୋକ୍ତି କରି ସୁପର ଷ୍ଟ୍ରୋକ୍ ମାରିଛି। ଦଳର ନେତା ଦିଲ୍ଲୀପ ରାୟଙ୍କୁ ସ୍ୱାଧୀନ ପ୍ରାର୍ଥୀ ଭାବେ ଠିଆ କରାଇ ନବୀନଙ୍କ ସବୁ ଅଙ୍କ ଓଲଟ ପାଲଟ କରି ଦେଇଛି ବିଜେପି । ଦିଲ୍ଲୀପ ରାଜ୍ୟସଭାର ସ୍ୱାଧୀନ ପ୍ରାର୍ଥୀ ହେବା ପରେ ଗୋଟିଏ ଗୁଳିରେ ୨ଟି ଶିକାର କରିଛି ବିଜେପି । ଉଭୟ ବିଜେଡି ଓ କଂଗ୍ରେସ ପାଇଁ ଦିଲ୍ଲୀପଙ୍କ ଏଣ୍ଟ୍ରି ଅଡୁଆ ସୃଷ୍ଟି କରି ଦେଇଛି। କାରଣ ଦିଲ୍ଲୀପଙ୍କର ପ୍ରତିଟି ରାଜନୈତିକ ଦଳର ପ୍ରାୟ ସମସ୍ତ ବିଧାୟକଙ୍କ ସହ ରହିଛି ଅତି ଘନିଷ୍ଠ ସମ୍ପର୍କ। ସବୁଠାରୁ ବଡ କଥା ହେଲା ୨୦୦୨ରେ ନବୀନଙ୍କ ନିଷ୍ପତ୍ତି ବିରୋଧରେ ଯାଇଁ ଦିଲ୍ଲୀପ ରାୟ ରାଜ୍ୟସଭାର ଆସନ ପାଇଁ ସ୍ୱାଧୀନରେ ଠିଆ ହୋଇଥିଲେ। ସେତେବେଳ ତାଙ୍କୁ କଂଗ୍ରେସଠାରୁ ନେଇ ବିଜେଡିର ଅନେକ ବିଧାୟକ ସମର୍ଥନ ଦେଇ ବିଜୟ କରାଇଥିଲେ। ତେଣୁ ଦିଲ୍ଲୀପ ଫ୍ଲୋରକୁ ଆସିବା ପରେ ନବୀନଙ୍କ ମାଷ୍ଟର ଷ୍ଟ୍ରୋକ୍ କମନ୍ କ୍ୟାଣ୍ଡିଡେଟ୍‌ଙ୍କୁ କେଉଁ ଦଳର କେତେ ବିଧାୟକଙ୍କ ସମର୍ଥନ ମିଳିବ ତାହା ହିଁ ସବୁଠାରୁ ବଡ ପ୍ରଶ୍ନ।

### କ୍ରସ୍ ଭୋଟିଂ ସମ୍ଭାବନା

ଚତୁର୍ଥ ଆସନ ପାଇଁ ହେବ ‘ବିଗ୍ ଫାଇଟ୍। ବିଜେଡି ଓ କଂଗ୍ରେସର କମନ୍ କ୍ୟାଣ୍ଡେଟ୍ ପ୍ରାର୍ଥୀ ଦତ୍ତେଶ୍ୱର ହୋତା ହୋଇଥିବାବେଳେ ବିଜେପି ସମର୍ଥିତ ସ୍ୱାଧୀନ ପ୍ରାର୍ଥୀ ଦିଲ୍ଲୀପ ରାୟ ହୋଇଛନ୍ତି। ତେଣୁ ନିର୍ବାଚନ ବେଳେ ‘କ୍ରସ ଭୋଟିଂ’ ହେବା ସମ୍ଭାବନା ରହିଛି। ପୂର୍ବ ରେକର୍ଡ଼ ଅନୁସାରେ ଦିଲ୍ଲୀପ ଉଭୟ ଶାସକ ଓ ବିରୋଧୀ ଶିବିରରୁ ଭୋଟ୍ ପାଇବେ ବୋଲି ରାଜନୈତିକ ବିଷାରଦମାନେ ମତବ୍ୟକ୍ତ କରୁଛନ୍ତି।

## ‘ସମୟ ଭବିଷ୍ୟତ କଥା କହିବ’



**ଭୁବନେଶ୍ୱର ,୫।୩/ଏନ୍ଏନ୍ଏସ୍:** ସଂତୃପ୍ତ ଏବଂ ଦତ୍ତେଶ୍ୱରଙ୍କ ପ୍ରାର୍ଥିପତ୍ର ଦାଖଲ ପରେ ପ୍ରତିକ୍ରିୟା ରଖି ବିଜେଡି ସଭାପତି ନବୀନ ପଟ୍ଟନାୟକ କହିଛନ୍ତି ରାଜ୍ୟସଭା ନିର୍ବାଚନ ପାଇଁ ସଂତୃପ୍ତ ମିଶ୍ର ଓ ଦତ୍ତେଶ୍ୱର ହୋତାଙ୍କୁ ସ୍ୱାଗତ କରୁଛି। ଉଭୟ ପ୍ରାର୍ଥୀ ସହଜ ବିଜୟ ହାସଲ କରିବେ ବୋଲି ଆଶା। ମୋ ଶରୀର ପ୍ରତ୍ୟେକ ଅସ୍ଥି ନିରପେକ୍ଷ ବୋଲି କହିଥିଲି। ଏହାକୁ ପୁନର୍ବାର ଦୋହରାଉଛି। ତେବେ ସମ୍ଭାବ୍ୟ ମେଣ୍ଟ ସମ୍ପର୍କିତ ପ୍ରଶ୍ନରେ ନବୀନ କହିଛନ୍ତି, ସମୟ ଭବିଷ୍ୟତ କଥା କହିବ। ତେବେ ନବୀନଙ୍କ ଏଭଳି ପ୍ରତିକ୍ରିୟା ପରେ ଭବିଷ୍ୟତରେ ବିଜେଡି ଏବଂ କଂଗ୍ରେସ ମେଣ୍ଟ କରିପାରନ୍ତି ବୋଲି ଚର୍ଚ୍ଚା ଜୋର ଧରିଛି।

### ବିଧାନସଭା ପରିସରରେ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

## ସମୃଦ୍ଧ ଓଡ଼ିଶା ଗଠନ ପାଇଁ ସଂକଳ୍ପ



**ଭୁବନେଶ୍ୱର,୫।୩/ଏନ୍ଏନ୍ଏସ୍:** ଗୁରୁବାର ବିଧାନସଭା ପରିସରରେ ପ୍ରବାଦପୁରୁଷ, ମହାନ ଜନନାୟକ ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ସ୍ୱର୍ଗତ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ଉତ୍ସବ ବିଧାନସଭା ପରିସରରେ ପାଳିତ ହୋଇଯାଇଛି। ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଓଡ଼ିଶାବାସୀଙ୍କୁ ସମ୍ବୋଧିତ କରି ବିଜୁ ବାବୁଙ୍କ ଦୂରଦୃଷ୍ଟି ଏବଂ ଓଡ଼ିଶାର ବିକାଶ ପାଇଁ ତାଙ୍କର ସଂକଳ୍ପକୁ ଦୋହରାଇଛନ୍ତି। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବିଜୁ ବାବୁଙ୍କ ଜୀବନ ସଂଘର୍ଷମୟ ଥିଲା । ସେ କେବେବି ସମ୍ମାନ ଓ ସ୍ୱାଭିମାନ ସହିତ ସାଲିସ କରିନାହାଁନ୍ତି। ଓଡ଼ିଶାକୁ ଏକ ଶକ୍ତିଶାଳୀ ଏବଂ ସମୃଦ୍ଧ ରାଜ୍ୟ ଭାବେ ଗଢ଼ିବା ପାଇଁ ସେ ସେବା ସହିତ ବିକାଶକୁ ସବୁବେଳେ ପ୍ରାଥମିକତା ଦେଇ ଆସିଥିଲେ। ବିଜୁ ବାବୁଙ୍କର ଅନେକ ସ୍ୱପ୍ନ ଆଜି ବି ଅଧୁରା ରହିଛି। ଆମ ସରକାର ସେହି ସବୁ ସ୍ୱପ୍ନକୁ ପୂରଣ କରିବା ପାଇଁ ବଦ୍ଧପରିକର। ବିଜୁ ବାବୁଙ୍କ ଦର୍ଶନରେ ଅନୁପ୍ରାଣିତ ହୋଇ ଏକ ‘ସମୃଦ୍ଧ ଓଡ଼ିଶା’ ଗଠନ କରିବା ପାଇଁ ଆମେ ସଂକଳ୍ପ ନେଇଛୁ। ଲୋକଙ୍କ ସେବା ଏବଂ ବିକାଶ ହିଁ ଆମ ଶାସନର ମୂଳମନ୍ତ୍ର ହେବ, ଯାହା ବିଜୁ ବାବୁ ଚାହୁଁଥିଲେ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ବାଚସ୍ପତି ସୁରମା ପାଢ଼ୀ, ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣ ଚନ୍ଦ୍ର ମହାପାତ୍ର, ମୁଖ୍ୟ ସଚେତକ ସରୋଜ ପ୍ରଧାନ, ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ପୂର୍ବତନ ମନ୍ତ୍ରୀ ତଥା ବିଧାୟକ ପ୍ରସନ୍ନ ଆଚାର୍ଯ୍ୟ, ବିଧାୟକ ବାବୁ ସିଂ, ପ୍ରମିଳା ମଲ୍ଲିକ, ଭାସ୍କର ଚନ୍ଦ୍ର ମଢ଼େଇ, ସରୋଜ ପାଢ଼ୀ, ପ୍ରତାପ ଚନ୍ଦ୍ର ନାୟକ, ପୂର୍ବତନ ବିଧାୟକ ଅରବିନ୍ଦ ଢାଲି, ପ୍ରିୟଦର୍ଶୀ ମିଶ୍ର, ସୂଚନା ଓ ଲୋକସମ୍ପର୍କ ବିଭାଗ ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ବିଧାନସଭାର ସଚିବ ସତ୍ୟବ୍ରତ ରାଉତ, ସୂଚନା ଓ ଲୋକସମ୍ପର୍କ ବିଭାଗ ନିର୍ଦ୍ଦେଶକ ଅନୁଜ କୁମାର ଦାସପଟ୍ଟନାୟକ, ଉତ୍କଳ ସମ୍ମିଳନୀର ବରିଷ୍ଠ କର୍ମକର୍ତ୍ତାଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ପ୍ରମୁଖ ଉପସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାର୍ଘ୍ୟ ପ୍ରଦାନ ପୂର୍ବକ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ଶାଶ୍ୱତୀ ସାମାଜିକ ଓ ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ଦେଶାତ୍ମବୋଧକ ସଂଗୀତ ପରିବେଷିତ ହୋଇଥିଲା। ସୁଶ୍ରୀ ରୋଜାଲିନ୍ ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

### ଶଙ୍ଖ ଭବନରେ ବିଜୁ ବାବୁଙ୍କ ଜୟନ୍ତୀ

## ‘ବିଜୁ ବାବୁଙ୍କ ଅବଦାନ ଆଗାମୀ ପିଢ଼ିକୁ ପ୍ରେରଣା ଯୋଗାଇବ’



**ଭୁବନେଶ୍ୱର,୫।୩/ଏନ୍ଏନ୍ଏସ୍:** ଆଜି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ପାଳନ ଅବସରରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ, ଦଳର ବରିଷ୍ଠ ନେତୃମଣ୍ଡଳୀଙ୍କ ଉପସ୍ଥିତିରେ ଭୁବନେଶ୍ୱର ସ୍ଥିତ ଫରେଷ୍ଟ ପାର୍କ ଠାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପାଞ୍ଜଳି ଅର୍ପଣ କରିଥିଲେ।

ପରେ ବିଜୁ ଜନତା ଦଳର ମୁଖ୍ୟାଳୟ ଶଙ୍ଖ ଭବନ ଠାରେ ଦଳର ବରିଷ୍ଠ ଉପସଭାପତି ଦେବୀ ପ୍ରସାଦ ମିଶ୍ରଙ୍କ ଅଧ୍ୟକ୍ଷତାରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ସ୍ମୃତି ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଜୁ ଜନତା ଦଳର ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ ଯୋଗଦେଇ କହିଥିଲେ, ଦଳ ସବୁବେଳେ ବିଜୁ ବାବୁଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଆଗକୁ ବଢୁଛି । ବିଜୁ ବାବୁଙ୍କ ସ୍ୱପ୍ନକୁ ପୂରଣ କରିବା ପାଇଁ ଦଳ ସର୍ବଦା କାମ କରିବ। ବିଜୁ ବାବୁଙ୍କ ଅବଦାନ ଆଗାମୀ ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ। ଏହି ସଭାରେ ଉପସ୍ଥିତ ବରିଷ୍ଠ ନେତା, ସାଂସଦ, ବିଧାୟକ ଓ ଦଳୀୟ ପଦାଧିକାରୀମାନେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୀବନୀ, ଆଦର୍ଶ ଓ ତାଙ୍କର ଅମୂଲ୍ୟ ଅବଦାନ ବିଷୟରେ ନିଜର ମତ ପ୍ରକାଶ କରିଥିଲେ। ତାଙ୍କ ଆଦର୍ଶକୁ ଅନୁସରଣ କରି ଓଡ଼ିଶାର ଲୋକଙ୍କ ଉନ୍ନତି ଓ କଲ୍ୟାଣ ପାଇଁ କାମ କରିବାକୁ ସଂକଳ୍ପ ନେଇଥିଲେ।

ଏହି କାର୍ଯ୍ୟକ୍ରମରେ ଦେବୀ ପ୍ରସାଦ ମିଶ୍ର, ସଂତୃପ୍ତ ମିଶ୍ର, ଅଶୋକ ଚନ୍ଦ୍ର ପଣ୍ଡା, ସଞ୍ଜୟ କୁମାର ଦାସବର୍ମା, ପ୍ରତାପ ଜେନା, ପ୍ରମିଳା ମଲ୍ଲିକ, ପ୍ରତାପ କେଶରୀ ଦେବ, ନିରଞ୍ଜନ ପୂଜାରୀ, ଟୁକୁନି ସାହୁ, ଅରୁଣ କୁମାର ସାହୁ, ଅନନ୍ତ ନାରାୟଣ ଜେନା, ସୁଶାନ୍ତ କୁମାର ରାଉତ, ସୁଲୋଚନା ଦାସ, ବଦ୍ରି ନାରାୟଣ ପାତ୍ର, ବ୍ୟୋମକେଶ ରାୟ, କଳିକେଶ ନାରାୟଣ ସିଂହଦେଓ, ଗଣେଶ୍ୱର ବେହେରା, ସସ୍ମିତ ପାତ୍ର, ସୁଲତା ଦେଓ, ଶୁଭାଶିଷ ଖୁଣ୍ଟିଆ, ମୁଜିବୁଲା ଖାନ୍, ମଞ୍ଜୁଲତା କହଁର, ଚିନ୍ମୟ ସାହୁ, ଇପ୍ସିତା ସାହୁ, ବିଜୟ ନାୟକ, ଡ଼ ଲେନିନ ମହାନ୍ତି, ଡ଼ ପ୍ରିୟବ୍ରତ ମାଝୀ, ପ୍ରଣବ ବଳବନ୍ତରାୟ, ଭୃଗୁ ବକ୍ସିପାତ୍ର, ସୁମିତ୍ରା ଜେନା, ଗୀତା ବସ୍ତିଆ, ଶର୍ମିଷ୍ଠା ସେଠୀ, ରାଜଶ୍ରୀ ମଲ୍ଲିକ, ବ୍ରଜ କିଶୋର ପ୍ରଧାନ, ନଳୀନିକାନ୍ତ ପ୍ରଧାନ, ଅଶ୍ୱିନୀ କୁମାର ପାତ୍ର, ଗୌତମବୁଦ୍ଧ ଦାସ, ସୁଭାସିନୀ ଜେନା, ମାଧବ ଧଡ଼ା, ବର୍ଷା ସିଂ ବରିହା, ସଞ୍ଜୀବ କୁମାର ମଲ୍ଲିକ, ଦେବୀ ରଞ୍ଜନ ତ୍ରିପାଠୀ, ପ୍ରଶାନ୍ତ ବେହେରା, ରୋମାଞ୍ଚ ରଞ୍ଜନ ବିଶ୍ୱାଳ, ରୁପେଶ ପାଣିଗ୍ରାହୀ, ରମାକାନ୍ତ ଭୋଇ, ସାରଦା ପ୍ରସନ୍ନ ଜେନା, ବିଶ୍ୱରଞ୍ଜନ ମଲ୍ଲିକ, ସୁଜାତା ସାହୁ, ପ୍ରଦୀପ କୁମାର ଦିଶାରୀଙ୍କ ସହିତ ବହୁ କର୍ମୀ ଉପସ୍ଥିତ ଥିଲେ।

## ପାରାଦୀପ ପାଇଁ ବଡ଼ ଯୋଜନା

# ପ୍ରତିଷ୍ଠା ହେବ ହାଇଜିନିକ୍ ମାଛ ବଜାର

**ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍:** ପାରାଦୀପ ନିର୍ବାଚନ ମଣ୍ଡଳୀରେ ମାଛ ଚାଷୀ ଓ ଖାଉଟିଙ୍କ ସୁବିଧା ପାଇଁ ଏକ ଅତ୍ୟାଧୁନିକ ତଥା ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ପ୍ରସ୍ତାବ ଦେଇଛନ୍ତି ଶିଳ୍ପ, ଦକ୍ଷତା ବିକାଶ ଏବଂ ବୈଷୟିକ ଶିକ୍ଷା ମନ୍ତ୍ରୀ ତଥା ପାରାଦୀପ ବିଧାୟକ ସମ୍ପଦ ଚନ୍ଦ୍ର ସ୍ୱାଇଁ। ପ୍ରକଳ୍ପ ପାଇଁ ହସ୍ତକ୍ଷେପ କରିବା ସହ ତୁରନ୍ତ ସମ୍ବଳ ଆବଣ୍ଟନ ପାଇଁ ସେ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ଅନୁରୋଧ କରିଛନ୍ତି। ପାରାଦୀପ ନିର୍ବାଚନ ମଣ୍ଡଳୀରେ ବିଭିନ୍ନ ନଦୀ ରହିଥିବା ବେଳେ ଏହା ବଙ୍ଗୋପସାଗର କୂଳରେ ଅବସ୍ଥିତ। ତେଣୁ ଏଠାରେ ପ୍ରଚୁର ପରିମାଣରେ ସାମୁଦ୍ରିକ ମାଛ ଉପଲବ୍ଧ ହୋଇଥାଏ। ଏହି ଅଞ୍ଚଳରେ ଜନସଂଖ୍ୟାର ଏକ ବଡ଼ ଭାଗ ମାଛ ଧରିବା ଓ ଏହାର ବ୍ୟବସାୟ ଉପରେ ନିର୍ଭର କରି ନିଜର ଗୁଜରାଣ ମେଣ୍ଟାଇଥାନ୍ତି। ଏହା ସହ ସ୍ଥାନୀୟ ଲୋକଙ୍କ ନିତିଦିନିଆ ଖାଇବାରେ ମାଛ ପ୍ରମୁଖ ସ୍ଥାନ ଗ୍ରହଣ କରିଛି। ତେବେ ବର୍ତ୍ତମାନ ପାରାଦୀପରେ ଥିବା ମାଛ ବଜାରଗୁଡ଼ିକର ସ୍ଥିତି ଅତ୍ୟନ୍ତ ଶୋଚନୀୟ। ସେଠାରେ ସ୍ୱଚ୍ଛତାର ଅଭାବ ସହ ଭିତ୍ତିଭୂମି ମଧ୍ୟ ଦୁର୍ବଳ ରହିଛି। ଉପଯୁକ୍ତ ସଂରକ୍ଷଣ ବ୍ୟବସ୍ଥା ନଥିବାରୁ ମାଛର ଗୁଣବତ୍ତା ହ୍ରାସ ପାଉଛି, ଯାହା ଉଭୟ ବ୍ୟବସାୟୀ ଓ ଗ୍ରାହକଙ୍କ ପାଇଁ ସମସ୍ୟା ସୃଷ୍ଟି କରୁଛି। ତେଣୁ ଏକ ଆଧୁନିକ ସ୍ୱଚ୍ଛ ମାଛ ବଜାର ପ୍ରତିଷ୍ଠା କରିବାକୁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ପ୍ରସ୍ତାବ ଦେଇଛନ୍ତି। ପ୍ରସ୍ତାବିତ ଆଧୁନିକ ମାଛ ବଜାରରେ ପରିମଳ ବ୍ୟବସ୍ଥା, ବରଫ ଭିତ୍ତିକ ସଂରକ୍ଷଣ, ଉନ୍ନତ ଭିତ୍ତିଭୂମି ଏବଂ ଶୀତଳ ଭଣ୍ଡାର ସୁବିଧା ଉପଲବ୍ଧ ରହିବ। ଏହିପରି ଆଧୁନିକ ବଜାର ପ୍ରତିଷ୍ଠା ହେଲେ ପରିବେଶ ଦୂଷିତ ହେବାର ଆଶଙ୍କା ହ୍ରାସ ପାଇବା ସହ ସତେଜ ମାଛ ଓ ସର୍ବୋଚ୍ଚ ସୁରକ୍ଷା ମାନ ସୁନିଶ୍ଚିତ କରାଯାଇପାରିବ। ଏହି ପ୍ରକଳ୍ପ ଦ୍ୱାରା ପାରାଦୀପ ଅଞ୍ଚଳର ମାଛ ବ୍ୟବସାୟରେ ବଡ଼ ପରିବର୍ତ୍ତନ ଆସିପାରିବ। ଏହା କେବଳ ବ୍ୟବସାୟୀଙ୍କୁ ଲାଭବାନ କରିବ ନାହିଁ, ବରଂ ଗ୍ରାହକମାନେ ମଧ୍ୟ ଉଚ୍ଚ ମାନର ଓ ସ୍ୱାସ୍ଥ୍ୟକର ମାଛ ପାଇପାରିବେ। ଦୀର୍ଘ ଦିନ ଧରି ଅଞ୍ଚଳବାସୀ ଏନେଇ ଦାବି କରୁଥିବା ବେଳେ ଏହି ପ୍ରକଳ୍ପକୁ ତୁରନ୍ତ କାର୍ଯ୍ୟକାରୀ କରିବା ପାଇଁ ମନ୍ତ୍ରୀ ଶ୍ରୀ ସ୍ୱାଇଁ ମତ୍ସ୍ୟ ଓ ପ୍ରାଣୀସମ୍ପଦ ବିକାଶ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକଙ୍କୁ ପତ୍ର ଲେଖିଛନ୍ତି।

# ମୁଖ୍ୟ ଶାସନ ସଚିବଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ



**ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍:** ରାଜ୍ୟ ମୁଖ୍ୟ ଶାସନ ସଚିବ ଅନୁ ଗର୍ଗଙ୍କ ଅଧ୍ୟକ୍ଷତାରେ ସଚିବସ୍ତରୀୟ ବୈଠକ ଆଜି ଅନୁଷ୍ଠିତ ହୋଇଯାଇଛି। ଏହି ବୈଠକରେ ରାଜ୍ୟର ଆର୍ଥିକ ସ୍ଥିତି ଏବଂ ୨୦୨୬ ଫେବୃଆରୀ ମାସ ଶେଷ ସୁଦ୍ଧା ହୋଇଥିବା ୨୦୨୫-୨୬ ଆର୍ଥିକ ବର୍ଷର ବଜେଟ୍ ଅନୁମୋଦିତ ଖର୍ଚ୍ଚ ଅଗ୍ରଗତି ସଂପର୍କରେ ବିସ୍ତୃତ ସମୀକ୍ଷା କରାଯାଇଥିଲା। ମୁଖ୍ୟ ଶାସନ ସଚିବ ସମସ୍ତ ବିଭାଗକୁ ଧାର୍ଯ୍ୟ ସମୟ ଚଳିତ ମାସ ଶେଷ ସୁଦ୍ଧା ବଜେଟ୍ ଅନୁମୋଦନ ହିସାବରେ ଖର୍ଚ୍ଚ ଉପଯୋଗ କରିବା ଏବଂ ଆଗାମୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ବଜେଟ୍ ରେ ପ୍ରସ୍ତାବିତ ନୂତନ ଯୋଜନା ଓ କାର୍ଯ୍ୟକ୍ରମଗୁଡ଼ିକର ସଫଳ ରୂପାୟନ ପାଇଁ ପ୍ରସ୍ତୁତି କରିବାକୁ ବିଶେଷ ଦୃଷ୍ଟି ଦେବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ବୈଠକରେ ଉନ୍ନୟନ କମିଶନର ତଥା ଅତିରିକ୍ତ ମୁଖ୍ୟ ଶାସନ ସଚିବ ଦେଓ ରଞ୍ଜନ କୁମାର ସିଂଙ୍କ ସମେତ ବିଭିନ୍ନ ବିଭାଗର ଅତିରିକ୍ତ ମୁଖ୍ୟ ଶାସନ ସଚିବ, ପ୍ରମୁଖ ଶାସନ ସଚିବ ଏବଂ କମିଶନର ତଥା ଶାସନ ସଚିବମାନେ ଉପସ୍ଥିତ ଥିଲେ।

ବୈଠକରେ ଫେବୃୟାରୀ ୨୦୨୬ ଶେଷ ସୁଦ୍ଧା ରାଜ୍ୟର ବିତ୍ତୀୟ ପ୍ରଦର୍ଶନ ସ୍ଥିତି ସମୀକ୍ଷା କରାଯାଇଥିଲା। ସାମଗ୍ରିକ ଭାବେ ଗତବର୍ଷ ତୁଳନାରେ ଏହି ସମୟ ମଧ୍ୟରେ ଖର୍ଚ୍ଚ ହାର ୯.୩ ପ୍ରତିଶତ ବୃଦ୍ଧି ପାଇଥିବା ଜଣାପଡ଼ିଛି। କାର୍ଯ୍ୟକ୍ରମ ବାବଦକୁ ସାମଗ୍ରିକ ଭାବେ ଖର୍ଚ୍ଚରେ ୧୪% ବୃଦ୍ଧି ପାଇଛି। କୃଷି ବିଭାଗରେ ଗତ ବର୍ଷ ଅପେକ୍ଷା ବଜେଟ୍ ବ୍ୟୟ ୧୩% ବୃଦ୍ଧି, ମତ୍ସ୍ୟ ଓ ପ୍ରାଣୀ ସଂପଦ ବିଭାଗର ୩୯%, ସମବାୟ ବିଭାଗର ୫୬% ଖର୍ଚ୍ଚ ବୃଦ୍ଧି ପରିଲକ୍ଷିତ ହୋଇଛି। ଭିତ୍ତିଭୂମି ବିକାଶ କ୍ଷେତ୍ରରେ ଶକ୍ତି ବିଭାଗର ୪୩% ବୃଦ୍ଧି ଘଟିଛି। ସାମାଜିକ କ୍ଷେତ୍ର ଅନ୍ତର୍ଭୁକ୍ତ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ, ଅନୁସୂଚିତ ଜନଜାତି, ଅନୁସୂଚିତ ଜାତି ଉନ୍ନୟନ, ସଂଖ୍ୟାଲଘୁ ଓ ପଛୁଆ ବର୍ଗ କଲ୍ୟାଣ, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ କଲ୍ୟାଣ, ମହିଳା ଓ ଶିଶୁ ବିକାଶ, ମିଶନ ଶକ୍ତି ଆଦି ବିଭାଗର ଗତ ବର୍ଷ ଅପେକ୍ଷା ସାମଗ୍ରିକ ଭାବେ ଖର୍ଚ୍ଚ ୧୯% ବୃଦ୍ଧି ଘଟିଛି। ମୁଖ୍ୟ ଶାସନ ସଚିବ ବିଭିନ୍ନ ବିଭାଗଓ୍ୱାରୀ ଖର୍ଚ୍ଚ ସ୍ଥିତି ସମୀକ୍ଷା କରିଥିଲେ। ଚଳିତ ଆର୍ଥିକ ବର୍ଷ ୨୦୨୫-୨୬ ଶେଷ ସୁଦ୍ଧା ସାମଗ୍ରିକ ବ୍ୟୟ ବୃଦ୍ଧି ହାର ହାସଲ ପାଇଁ ସମସ୍ତ ବିଭାଗକୁ କାର୍ଯ୍ୟକ୍ରମ ବାବଦକୁ ବ୍ୟୟ ବୃଦ୍ଧି କରିବାକୁ ଆବଶ୍ୟକ ନିର୍ଦ୍ଦେଶ ଓ ପରାମର୍ଶ ଦେଇଛନ୍ତି। ସେହିପରି ଧାର୍ଯ୍ୟ ଲକ୍ଷ୍ୟ ଅନୁସାରେ ରାଜସ୍ୱ ଆଦାୟ ଲକ୍ଷ୍ୟ ପୂରଣ ପାଇଁ ମଧ୍ୟ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ୨୦୨୬-୨୭ ବଜେଟ୍‌ରେ ଯେଉଁ ଯେଉଁ ନୂଆ ନୂଆ ଯୋଜନା, କାର୍ଯ୍ୟକ୍ରମ ଓ ପ୍ରମୁଖ ଉପକ୍ରମଗୁଡ଼ିକ ଘୋଷଣା କରାଯାଇଛି, ବଜେଟ୍ ଅନୁମୋଦନକୁ ଦୃଷ୍ଟିରେ ରଖି ଆଗୁଆ ତାହାର କାର୍ଯ୍ୟକାରିତା ପାଇଁ ପ୍ରସ୍ତୁତି କରିବାକୁ ମୁଖ୍ୟ ଶାସନ ସଚିବ ନିର୍ଦ୍ଦେଶ ଦେଇଛନ୍ତି। ସମସ୍ତ ନୂଆ ନୂଆ ଯୋଜନା ଓ କାର୍ଯ୍ୟକ୍ରମ କାର୍ଯ୍ୟକାରୀ ସଂପର୍କରେ ମୁଖ୍ୟ ଶାସନ ସଚିବ ସଂପୃକ୍ତ ସଚିବମାନଙ୍କ ସହିତ ଆଲୋଚନା କରିଛନ୍ତି।

ପ୍ରଶାସନିକ କାର୍ଯ୍ୟଦକ୍ଷତା ବୃଦ୍ଧି ପାଇଁ ମାନ୍ୟବର ମୁଖ୍ୟମନ୍ତ୍ରୀ 'ରାଜ୍ୟ ଏଆଇ ମିଶନ'କୁ ଗୁରୁତ୍ୱ ଦେଇଥିଲେ। ଏହି ପରିପ୍ରେକ୍ଷୀରେ ଭାରତର ଅଗ୍ରଣୀ କୃତ୍ରିମ ବୁଦ୍ଧିମତ୍ତା ସଂସ୍ଥା 'ସର୍ବମ୍ ଏଆଇ' ପକ୍ଷରୁ ରାଜ୍ୟ ସରକାରଙ୍କ ସହ ସହଯୋଗ ସମ୍ଭାବନା ସମ୍ପର୍କରେ ଏକ ଉପସ୍ଥାପନା କରାଯାଇଥିଲା। ସଂସ୍ଥା ପକ୍ଷରୁ ବିଭିନ୍ନ ବିଭାଗ ସହ ସମନ୍ୱୟ ରକ୍ଷା କରି ପ୍ରଶାସନରେ କୃତ୍ରିମ ବୁଦ୍ଧିମତ୍ତାର ପ୍ରୟୋଗ ମାଧ୍ୟମରେ ବିଭାଗୀୟ କାର୍ଯ୍ୟକୁ ଅଧିକ ସହଜ, ଦ୍ରୁତ ଓ କାର୍ଯ୍ୟକ୍ଷମ କରିବା ସମ୍ପର୍କରେ ପ୍ରସ୍ତାବ ରଖାଯାଇଥିଲା। ଉଲ୍ଲେଖଯୋଗ୍ୟ ଯେ 'ସର୍ବମ୍ ଏଆଇ' ଭାରତ ସରକାରଙ୍କ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରଣାଳୟ ସହ ଚୁକ୍ତିବଦ୍ଧ ଥିବା ସହ 'ଇଣ୍ଡିଆ ଏଆଇ ସମିଟ୍'ରେ ମଧ୍ୟ ସମ୍ମାନିତ ହୋଇଛି। ସର୍ବମ୍ ଏଆଇ ମାଧ୍ୟମରେ ସରକାରୀ ବିଭାଗଗୁଡ଼ିକରେ ବହୁଭାଷୀ ଭଏସ୍-ଆଧାରିତ ସହାୟତା, ରିଅଲ୍-ଟାଇମ୍ ଡାଟା ଆନାଲିଟିକ୍ସ ଏବଂ ସରକାରୀ ନଥିପତ୍ରର ସ୍ୱୟଂଚାଳିତ ଡ୍ରାଫ୍ଟିଂ ଭଳି ସୁବିଧା ଉପଲବ୍ଧ ହେବ। ଏହା ସହିତ କୃଷକମାନଙ୍କୁ ପରାମର୍ଶ ପ୍ରଦାନ, ସବ୍‌ସିଡି ସଚେତନତା ଏବଂ ଜନ ଅଭିଯୋଗର ସମାଧାନ ପାଇଁ ଏହି ପ୍ରଯୁକ୍ତିବିଦ୍ୟାକୁ ବ୍ୟବହାର କରାଯିବ, ଯାହା ଶାସନ ବ୍ୟବସ୍ଥାକୁ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ କରିବ। ଏ ସଂପର୍କରେ 'ସର୍ବମ ଏଆଇ' ତରଫରୁ ବିସ୍ତୃତ ଉପସ୍ଥାପନ କରାଯାଇଥିଲା।

# 'ଶିଳାଶ୍ରୀ' ପକ୍ଷରୁ ବିଶ୍ୱ ମହିଳା ଦିବସ



**ଭୁବନେଶ୍ୱର,୫।୩/ଏନ୍‌ଏନ୍‌ଏସ୍:** ବିଶ୍ୱମହିଳା ଦିବସ ଉପଲକ୍ଷେ ବୁଦ୍ଧମନ୍ଦିର ସଭା କକ୍ଷରେ ଓଡ଼ିଶା ସାହିତ୍ୟ ଏକାଡେମୀ ସହଯୋଗରେ ଶିଳାଶ୍ରୀ ସାହିତ୍ୟ ପତ୍ରିକା ଓ ଅନୁଷ୍ଠାନ ତରଫରୁ ଆୟୋଜିତ ହୋଇଥିଲା ଏକ ସୁନ୍ଦର କବିତା ଆସର। ୩୦ ଜଣ ନିମନ୍ତ୍ରିତ କବୟିତ୍ରୀ କବିତା ଆବୃତ୍ତି କରିଥିଲେ। ମହିଳାମାନେ କୋଉ ଗୁଣରେ କମ୍ ନୁହନ୍ତି କବିତାର ପରିଭାଷା ଥିଲା। ସମ୍ପାଦିକା ବାସନ୍ତୀ ଦାସଙ୍କ ସ୍ୱାଗତ ଓ ସଂଯୋଜନାରେ ମଞ୍ଜୁଳା ତ୍ରିପାଠୀ, ଶୁଭଶ୍ରୀ ପଟ୍ଟନାୟକ, ଆଶାଲତା ପଣ୍ଡା, ଧରିତ୍ରୀ ରାୟ, ଗୀତାଞ୍ଜଳି ମହାପାତ୍ର, ଗୀତାରାଣୀ କର, ଗୀତାଞ୍ଜଳି ସ୍ୱାଇଁ, ବିଦୁଲତା ବେହେରା, ବିଦ୍ୟୁତ୍‌ପ୍ରଭା ନନ୍ଦ, ଅନାମିକା ସ୍ୱାଇଁ, ରଶ୍ମି ସାହୁ, ସଂଯୁକ୍ତା ସ୍ୱାଇଁ, ରତ୍ନମଞ୍ଜରୀ ନାୟକ, ମନୋରମା ମିଶ୍ର, ସବିତା ଶତପଥି, ସ୍ୱର୍ଣ୍ଣଲତା ତ୍ରିପାଠୀ, ନିରୁପମା ରାୟ, ବୀଣାପାଣି ମିଶ୍ର, ଗୀତା ପଟ୍ଟନାୟକ, ଶୁଭଶ୍ରୀ ସିଂ, ଲୋପାମୁଦ୍ରା ନାୟକ, ରୀତା ମିଶ୍ର, ନିବେଦିତା ମହାନ୍ତି, ବନ୍ଦିତା ଦାସ, ଅନୁସୟା ବାରିକ, ବନ୍ଦିତା ମିଶ୍ର, ତରୁଲତା ସାମଲ, ବାସନ୍ତୀ ଜେନା, ମଞ୍ଜୁଶ୍ରୀ ପାଣିଗ୍ରାହୀ ପ୍ରମୁକ କବିତା ଆବୃତ୍ତି କରି ସମ୍ବର୍ଦ୍ଧିତ ହୋଇଥିଲେ। ଅତିଥି ସଭାପତି ବିଶିଷ୍ଟ ଗାଳ୍ପିକ ଓ ନିତିଦିନର ସମ୍ପାଦକ ମନୋଜ କୁମାର ମହାପାତ୍ର, ମୁଖ୍ୟଅତିଥି ଆକାଶବାଣୀ ଓ ଦୂରଦର୍ଶନର ଗୀତିକାର ସଚି ମହାନ୍ତି, ସମ୍ମାନିତ ଅତିଥି ଗୀତିକାର ବସନ୍ତ କୁମାର ଦାସ ଯୋଗଦେଇ ଶିଳାଶ୍ରୀ ପ୍ରକାଶନୀ ଦ୍ୱାରା ପ୍ରକାଶିତ ସ୍ୱର୍ଣ୍ଣଲତା ତ୍ରିପାଠୀଙ୍କର ଶିଶୁ କିଶୋର କବିତା ସଂକଳନ 'ସୁରଭି'ର ଲୋକାର୍ପଣ କରିଥିଲେ। ବିଶ୍ୱ ମହିଳା ଦିବସ ପାଇଁ ଅନୁଷ୍ଠାନ ତରଫରୁ ନଅ ଜଣ ମହିଳାଙ୍କୁ ତାଙ୍କ ପ୍ରତିଭା ପାଇଁ ସମ୍ମାନିତ କରାଯାଇଥିଲା। ସେମାନେ ହେଲେ କଳିଙ୍ଗ ପୁସ୍ତକ ମେଳାର ଅଧ୍ୟକ୍ଷା ରେଣୁକା ମିଶ୍ର, ଅଭିନେତ୍ରୀ ବାସନ୍ତୀ ଜେନା, ସମାଜସେବୀ ଗୀତାଞ୍ଜଳି ମହାପାତ୍ର, ନଳିନୀପ୍ରଭା ସାମନ୍ତରାୟ, କବୟତ୍ରୀ ନିରୁପମା ରାୟ, ଶିକ୍ଷାବିତ ଡ଼. ପ୍ରମୋଦିନୀ ହୋତା, ବସୁମତୀ ଶତପଥୀ, ସରୋଜିନୀ ପଟ୍ଟନାୟକ ଓ କାନ୍ତିଲତା ଦାଶ। ସମସ୍ତଙ୍କୁ ଉତ୍ତରୀୟ ଓ ମାନପତ୍ର ଦେଇ ସମ୍ମାନିତ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ବିଶ୍ୱମିତ୍ରା ମିଶ୍ର ସଂଯୋଜନା କରିଥିଲେ।

# ସର୍ବାଧିକ ସଫଳ ଯକୃତ ପ୍ରତିରୋପଣ କରି କିମ୍ସର ରେକର୍ଡ

**ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍:** ଭାରତରେ ଯକୃତ ରୋଗ ଏକ ଗୁରୁତ୍ୱପୂର୍ଣ୍ଣ ସ୍ୱାସ୍ଥ୍ୟ ସମସ୍ୟା ପାଲଟିଛି। ଲିଭର୍ ସିରୋସିସ୍, ଯକୃତ ଠିକ୍ ଭାବେ କାମ ନ କରିବା ଓ ଯକୃତ ରୋଗର ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ରୋଗୀଙ୍କ ସଂଖ୍ୟା ନିରନ୍ତର ବୃଦ୍ଧି ପାଇବାରେ ଲାଗିଛି। ସେଭଳି କ୍ଷେତ୍ରରେ ଅଧିକାଂଶ ରୋଗୀଙ୍କ ପାଇଁ ଯକୃତ ପ୍ରତିରୋପଣ ଏକମାତ୍ର ବିକଳ୍ପ ଓ ଜୀବନ ରକ୍ଷାକାରୀ ଚିକିତ୍ସା ଭାବେ ଉଭା ହୋଇଛି। ଏଭଳି ପରିସ୍ଥିତିରେ ଓଡ଼ିଶାରେ ସର୍ବାଧିକ ସଂଖ୍ୟକ ସଫଳ ଯକୃତ ପ୍ରତିରୋପଣ କରି କିମ୍ସ ରେକର୍ଡ କରିଛି। ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ସହ ଉନ୍ନତ ଯନ୍ତ୍ରପାତି ସହଯୋଗରେ କିମ୍ସ ସଫଳତାର ସହ ଯକୃତ ପ୍ରତିରୋପଣ କରିଚାଲିଛି। ହାଇଦ୍ରାବାଦର ପ୍ରସିଦ୍ଧ ଏଆଇଜି ହସପିଟାଲ୍ ସହଯୋଗରେ କିମ୍ସ ଲିଭର୍ ଟ୍ରାନ୍ସପ୍ଲାଣ୍ଟେସନ୍ ୟୁନିଟ୍ କ୍ଲିନିକାଲ୍ ଦକ୍ଷତା, ଉନ୍ନତ ପ୍ରଯୁକ୍ତିବିଦ୍ୟା ଓ ପ୍ରମାଣ ଭିତ୍ତିକ ପ୍ରୋଟୋକଲ୍‌ଗୁଡ଼ିକୁ ସମନ୍ୱିତ କରି ସାମଗ୍ରିକ ଏବଂ ରୋଗୀ-କୈନ୍ଦ୍ରିକ ସେବା ପ୍ରଦାନ କରିଥାଏ। ଫଳରେ ଓଡ଼ିଶା ଓ ପଡ଼ୋଶୀ ରାଜ୍ୟର ରୋଗୀମାନେ ଦୂରଦୂରାନ୍ତକୁ ନଯାଇ ଅତି ନିକଟରେ ଉନ୍ନତ ସେବା ପାଇ ପାରୁଛନ୍ତି। ଏ ନେଇ ବରିଷ୍ଠ ସର୍ଜନ ଡା ସତ୍ୟ ପ୍ରକାଶ ରାୟ ଚୌଧୁରୀ ସୂଚନା ଦେଇଛନ୍ତି, ଯକୃତ ପ୍ରତିରୋପଣ କ୍ଷେତ୍ରରେ ଓଡ଼ିଶାରେ ଏକ ଅଗ୍ରଣୀ ଅନୁଷ୍ଠାନରେ ପରିଣତ ହୋଇଛି କିମ୍ସ। କିମ୍ସରେ ସର୍ବାଧିକ ଯକୃତ ପ୍ରତିରୋପଣ ସହ ଓଡ଼ିଶାର ପ୍ରଥମ କାଡାଭେରିକ୍ ଯକୃତ ପ୍ରତିରୋପଣ, ପ୍ରଥମ ଶିଶୁ ଯକୃତ ପ୍ରତିରୋପଣ ଓ ପ୍ରଥମ ଲାପାରୋସ୍କୋପିକ୍ ଡୋନର୍ ହେପାଟେକ୍ଟୋମି ସମେତ କିମ୍ସ ଅନେକ ପ୍ରଥମ ସଫଳତା ହାସଲ କରିଥିବା ଡା. ରାୟ ପ୍ରକାଶ କରିଛନ୍ତି।

ଏହି ସଫଳତାଗୁଡ଼ିକ କେବଳ ଶଲ୍ୟ ଚିକିତ୍ସାର ଉତ୍କର୍ଷତାକୁ ପ୍ରତିଫଳିତ କରେ ନାହିଁ ବରଂ ନବସର୍ଜନା, ଅଙ୍ଗଦାତା ସୁରକ୍ଷା ଏବଂ ନୀତିଗତ ପ୍ରତିରୋପଣ ଅନୁଶୀଳନ ପ୍ରତି ମଧ୍ୟ ପ୍ରତିଫଳିତ କରେ। ପୂର୍ବରୁ ଉନ୍ନତ ଯକୃତ ପ୍ରତିରୋପଣ ପାଇଁ ଦିଲ୍ଲୀ, ମୁମ୍ବାଇ ଆଦି ସହରକୁ ଯିବାକୁ ପଡୁଥିଲା। ଏବେ ଉନ୍ନତ ଯନ୍ତ୍ରପାତି ସୁବିଧା, ଅନୁଭୂତି ସମ୍ପନ୍ନ ଦକ୍ଷ ବିଶେଷଜ୍ଞ ଓ ଉତ୍ସର୍ଗୀକୃତ ଡାକ୍ତରୀ ଦଳ ପାଇଁ କିମ୍ସରେ ସଫଳ ଯକୃତ ପ୍ରତିରୋପଣ ହୋଇପାରୁଛି। ଏଥିରେ ଲିଭର୍ ସିରୋସିସ୍, ଲିଭର୍ ଫେଲ୍ୟୁଅର ଓ ଲିଭର୍ କର୍କଟ ସମେତ ଜଟିଳ ଯକୃତ ରୋଗରେ ପୀଡ଼ିତ ରୋଗୀଙ୍କ ପାଇଁ ଉନ୍ନତ ସେବା ଯୋଗାଇ ଦିଆଯାଇପାରୁଛି। ଏହି ପ୍ରକ୍ରିୟାରେ ଯକୃତର ପ୍ରାରମ୍ଭିକ ରୋଗ ନିର୍ଣ୍ଣୟ ଓ ଚିକିତ୍ସାଠାରୁ ଆରମ୍ଭ କରି ଉନ୍ନତ ଶଲ୍ୟଚିକିତ୍ସା ତଥା ପ୍ରତିରୋପଣ ପରବର୍ତ୍ତୀ ଦୀର୍ଘକାଳୀନ ଯତ୍ନ ଆଦି ସମସ୍ତ ବ୍ୟବସ୍ଥା କରାଯାଇଛି। କିମ୍ସ ଯକୃତ ପ୍ରତିରୋପଣ ଦଳରେ ଅଭିଜ୍ଞ ହେପାଟୋଲୋଜିଷ୍ଟ, ପ୍ରତିରୋପଣ ସର୍ଜନ, ଆନାସ୍ଥେସିଓଲୋଜିଷ୍ଟ, ଇଣ୍ଟେନ୍‌ସିଭିଷ୍ଟ, ରେଡିଓଲୋଜିଷ୍ଟ, ପାଥୋଲୋଜିଷ୍ଟ, ପ୍ରତିରୋପଣ ସଂଯୋଜକ ଓ ଉତ୍ସର୍ଗୀକୃତ ନର୍ସିଂ କର୍ମଚାରୀ ଅଛନ୍ତି। ଏହା ସହ ଏହି ବ୍ୟବସ୍ଥାରେ ଉନ୍ନତ ଇଣ୍ଟେନ୍‌ସିଭ୍ କେୟାର ୟୁନିଟ୍, ଆଧୁନିକ ଅସ୍ତ୍ରୋପଚାର ଥିଏଟର ଓ ବ୍ୟାପକ ଡାଇଗ୍ନୋଷ୍ଟିକ୍ ସୁବିଧା ରହିଛି।

# ଶ୍ରୀଲିଙ୍ଗରାଜଙ୍କ ଦୋଳଯାତ୍ରାରେ ଭଜନ ସମାରୋହ



**ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍:** ଦୋଳପୂର୍ଣ୍ଣିମା ଉପଲକ୍ଷେ ଲିଙ୍ଗରାଜ ଭଜନ ମଣ୍ଡପରେ ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଭଜନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଗୋଟିଏ ପଟେ ବିଶ୍ୱନାଥ ମନ୍ଦିର ନିକଟରେ ଶ୍ରୀ ଲିଙ୍ଗରାଜ ମହାପ୍ରଭୁ, ମା'ପାର୍ବତୀ ଓ ମା' ଦୁର୍ଗା ଦୋଳବେଦୀରେ ଝୁଲୁଥିବା ବେଳେ ସମ୍ମୁଖରେ ଦୋଳଗୋବିନ୍ଦ ଦୋଳବେଦୀରେ ବସି ଚାଚେରୀ ଭୋଗ ଖାଇଥିଲେ। ରାତି ଦୁଇଟାରେ ଶ୍ରୀଲିଙ୍ଗରାଜ ମହାପ୍ରଭୁ ଦୋଳବେଦୀରୁ ପ୍ରତ୍ୟାବର୍ତ୍ତନ କରିବା ପର୍ଯ୍ୟନ୍ତ ଭଜନ ପରିବେଷଣ କରାଯାଇଥିଲା। ଅନୁଷ୍ଠାନର ସଭାପତି ସୁରେଶ କୁମାର ରାଉତରାୟଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସଭାପତି ତଥା ପୂର୍ବତନ ବିଜେପି ରାଜ୍ୟ ସଭାପତି ସମୀର ମହାନ୍ତି, ବରିଷ୍ଠ ଆଇନଜୀବି ତଥା କମିଟିର ଉପସଭାପତି ଶିବାନନ୍ଦ ରାୟ କଳାକାରମାନଙ୍କୁ ସମ୍ମାନିତ କରିଥିଲେ। ସାଧାରଣ ସମ୍ପାଦକ ସନତ ମିଶ୍ର ବିବରଣୀ ପାଠ କରିଥିଲେ। ଏଥିରେ ଅନୁଷ୍ଠାନର କୋଷାଧ୍ୟକ୍ଷ ରତିକାନ୍ତ ମହାସୁଆର, ଯୁଗ୍ମ ସମ୍ପାଦକ ପ୍ରଦ୍ୟୁମ୍ନ କୁମାର ମହାନ୍ତି, ବାବନ ଚନ୍ଦ୍ର ମହାପାତ୍ର, ଲଲାଟେନ୍ଦୁ ମହାନ୍ତି, ମୁଖପାତ୍ର ଲିଙ୍ଗରାଜ ସାହୁ, ପ୍ରମୋଦ କୁମାର ଦାସ, ଗଣେଶ ପାଲ, ତପନ ମହାସୁଆର, କେଦାରନାଥ ମହାପାତ୍ର, ବିଶ୍ୱନାଥ ମହାପାତ୍ର, ସୁଧୀର ରଞ୍ଜନ ଜେନା, ଦେବାଶିଷ ସ୍ୱାଇଁ ସମେତ ବହୁ ସଭ୍ୟ ସାମିଲ୍ ହୋଇଥିଲେ। ଏଥିରେ କଣ୍ଠଶିଳ୍ପୀ ମହାପ୍ରସାଦ କର, ପ୍ରଶାନ୍ତ ପାଢୀ, ରାଜେନ୍ଦ୍ର ବାରିକ, ସ୍ୱପ୍ନାପ୍ରିୟା, ସସ୍ମିତା ପଟ୍ଟନାୟକ, ମେଘା ମନସ୍ୱିନୀ, ପଦ୍ମଜା ସ୍ୱାଇଁ, ସନ୍ଧ୍ୟାରାଣୀ ମିଶ୍ର, ଶୁଭଜ୍ୟୋତି, ମଧୁସ୍ମିତା ପାଣି, ପ୍ରଦୀପ ସାହୁ, ଲିଟିଲି ମାମା, ସୁବାଷ, ମେଘା ମନସ୍ୱିନୀ, ଦୀପକ ମହାପାତ୍ର, ଉପେନ୍ଦ୍ର ପାଢୀ, ସଂଗ୍ରାମ ମହାନ୍ତି, ରାଜକିଶୋର ବାରିକ, ପବିତ୍ର କୁମାର ସାହୁ, ସ୍ୱପ୍ନା ପ୍ରିୟା, ରୋଜାଲିନ ପଟ୍ଟନାୟକ କଣ୍ଠଦାନ କରିଥିଲେ। ବାଦ୍ୟଯନ୍ତ୍ରରେ ତବଲା ବାଦକ ଅନନ୍ତ ସାହୁ, ଢୋଲକରେ ଅକ୍ଷୟ ସାହୁ, ସୁରେନ୍ଦ୍ର ବରାଳ, ପ୍ୟାଡ୍‌ରେ ସୌମ୍ୟରଞ୍ଜନ ପ୍ରଧାନ, କିବୋର୍ଡରେ ରାଜକିଶୋର ସାମଲ, ସୀତାରରେ ସରୋଜ ବଡ଼ନ ସହଯୋଗ କରିଥିଲେ।

# ଉପ-ମୁଖ୍ୟମନ୍ତ୍ରୀଙ୍କ ଦ୍ୱାରା 'ଗୋ-ହୋମ୍‌ଷ୍ଟେ' ପୋର୍ଟାଲ୍ ଶୁଭାରମ୍ଭ




ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍: ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଜି 'ଗୋ-ହୋମ୍‌ଷ୍ଟେ' ପୋର୍ଟାଲ୍‌ର ଶୁଭାରମ୍ଭ କରି ଓଡ଼ିଶାରେ ସମୁଦାୟ-ନେତୃତ୍ୱାଧୀନ ପର୍ଯ୍ୟଟନକୁ ସୁଦୃଢ଼ କରିବା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ଅଂଶୀଦାରମାନଙ୍କୁ ସଚେତନ କରିବା ଏବଂ 'ଓଡ଼ିଶା ହୋମ୍‌ଷ୍ଟେ ସ୍କିମ୍ ୨୦୨୫' କୁ କାର୍ଯ୍ୟକାରୀ କରିବା ଲକ୍ଷ୍ୟରେ ଆୟୋଜିତ 'ଓଡ଼ିଶା ହୋମ୍‌ଷ୍ଟେ କର୍ମଶାଳା' ସହିତ ଏହି ଶୁଭାରମ୍ଭ କରାଯାଇଥିଲା। ସମାବେଶକୁ ସମ୍ବୋଧିତ କରି ମାନ୍ୟବର ଉପମୁଖ୍ୟମନ୍ତ୍ରୀ ଗୁରୁତ୍ୱାରୋପ କରିଥିଲେ ଯେ ହୋମ୍‌ଷ୍ଟେଗୁଡ଼ିକ କେବଳ ରହିବା ପାଇଁ ସୁବିଧା ନୁହେଁ, ବରଂ ଓଡ଼ିଶାର ସମୃଦ୍ଧ ସଂସ୍କୃତି, ପରମ୍ପରା ଏବଂ ଆତିଥ୍ୟର ଏକ ଦ୍ୱାର। ସେ କହିଛନ୍ତି ଯେ 'ଗୋ-ହୋମ୍‌ଷ୍ଟେ' ପୋର୍ଟାଲ୍ ଆଶାୟୀ ହୋମ୍‌ଷ୍ଟେ ମାଲିକମାନଙ୍କ ପାଇଁ ସ୍ୱଚ୍ଛତା, ସୁଗମତା ଏବଂ ବ୍ୟବସାୟିକ ସହଜତା ନିଶ୍ଚିତ କରିବା ସହିତ ତୃଣମୂଳ ସ୍ତରରେ ଜୀବିକା ନିର୍ବାହର ସୁଯୋଗ ସୃଷ୍ଟି କରିବ। ସେ ଆହୁରି ମଧ୍ୟ କହିଛନ୍ତି ଯେ ଏହି ପଦକ୍ଷେପ ପର୍ଯ୍ୟଟନ-ଭିତ୍ତିକ ବିକାଶ ମାଧ୍ୟମରେ ଗ୍ରାମାଞ୍ଚଳର ପରିବାର, ମହିଳା ଏବଂ ସ୍ଥାନୀୟ ଉଦ୍ୟୋଗୀମାନଙ୍କୁ ସଶକ୍ତ କରି ଅନ୍ତର୍ଭୁକ୍ତ ବିକାଶ ପାଇଁ ରାଜ୍ୟ ସରକାରଙ୍କ ଦୂରଦୃଷ୍ଟି ସହ ସମାନ୍ତରାଳ ରହିଛି। ଏହି କର୍ମଶାଳାରେ ଯୋଜନାର କାର୍ଯ୍ୟକାରୀ ନିର୍ଦ୍ଦେଶାବଳୀ ଉପରେ ବିସ୍ତୃତ ଉପସ୍ଥାପନା, ବୈଷୟିକ ଦଳ ଦ୍ୱାରା ପୋର୍ଟାଲର ପରିଚାଳନା ପ୍ରଦର୍ଶନ ଏବଂ 'ହୋମଷ୍ଟେଜ୍ ଅଫ୍ ଇଣ୍ଡିଆ' ଓ 'ସ୍ୱନିର ଓ୍ୱାଇଲ୍ଡରନେସ୍ ହୋମ୍‌ଷ୍ଟେ'ର ପ୍ରତିନିଧିମାନଙ୍କ ଦ୍ୱାରା ବିଶେଷଜ୍ଞ ଅଧିବେଶନ ଅନୁଷ୍ଠିତ ହୋଇଥିଲା । ଏହି କାର୍ଯ୍ୟକ୍ରମରେ ଅଭିଜ୍ଞ ହୋମ୍‌ଷ୍ଟେ ମାଲିକମାନଙ୍କ ସହ ପ୍ୟାନେଲ୍ ଆଲୋଚନା ମଧ୍ୟ କରାଯାଇଥିଲା, ଯେଉଁଥିରେ ସେମାନେ ସଫଳତାର କାହାଣୀ ଏବଂ ଶ୍ରେଷ୍ଠ କାର୍ଯ୍ୟଶୈଳୀ ବାବଦରେ ଆଲୋକପାତ କରିଥିଲେ ।

କାର୍ଯ୍ୟକ୍ରମରେ ପର୍ଯ୍ୟଟନ ବିଭାଗର ସଚିବ ବଲଓ୍ୱନ୍ତ ସିଂ, ନିର୍ଦ୍ଦେଶକ ଦୀପଙ୍କର ମହାପାତ୍ର, ଓଏଲ୍‌ଏମ୍‌ର ନିର୍ଦ୍ଦେଶିକା-ତଥା-ସିଇଓ ମୋନିକା ପ୍ରିୟଦର୍ଶନୀ, ପର୍ଯ୍ୟଟନ ବିଭାଗର ବରିଷ୍ଠ ଅଧିକାରୀ, ଆର୍ଥିକ ଅନୁଷ୍ଠାନର ପ୍ରତିନିଧି, ଓଡ଼ିଶାର ବିଭିନ୍ନ ପ୍ରାନ୍ତରୁ ଆସିଥିବା ହୋମ୍‌ଷ୍ଟେ ମାଲିକ, ହୋମ୍‌ଷ୍ଟେଜ୍ ଅଫ୍ ଇଣ୍ଡିଆର ବିଶେଷଜ୍ଞ ଏବଂ ଅନ୍ୟାନ୍ୟ ବିଶିଷ୍ଟ ଅତିଥିମାନେ ଉପସ୍ଥିତ ଥିଲେ।

# ଓଡ଼ିଶା ପୁଲିସ ପକ୍ଷରୁ 'ନ୍ୟାୟ ସଂହିତା ପ୍ରଦର୍ଶନୀ' ଆୟୋଜିତ




**ଭୁବନେଶ୍ୱର,୫।୩ /ଏନ୍‌ଏନ୍‌ଏସ୍:** ନୂତନ ଅପରାଧିକ ଆଇନରେ ଐତିହାସିକ ସଂଶୋଧନ ଓ ନୂତନ ନ୍ୟାୟ ବ୍ୟବସ୍ଥା ସମ୍ପର୍କରେ ଜନସାଧାରଣଙ୍କ ମଧ୍ୟରେ ସଚେତନତା ସୃଷ୍ଟି ପାଇଁ ଓଡ଼ିଶା ପୁଲିସ ପକ୍ଷରୁ ଭୁବନେଶ୍ୱର ପ୍ରଦର୍ଶନୀ ପଡିଆରେ 'ନ୍ୟାୟ ସଂହିତା ପ୍ରଦର୍ଶନୀ' ଆୟୋଜନ କରାଯାଉଛି। ଆସନ୍ତାକାଲି ଅର୍ଥାତ ମାର୍ଚ୍ଚ ୬ରେ ଭାରତର ସ୍ୱରାଷ୍ଟ୍ର ଓ ସହକାରିତା ମନ୍ତ୍ରୀ ଅମିତ ଶାହ ଏହି ପ୍ରଦର୍ଶନୀକୁ ଉଦ୍‌ଘାଟନ କରିବେ। ଏହି ଅବସରରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଉପସ୍ଥିତ ରହିବେ। ଏହି ପ୍ରଦର୍ଶନୀ ଜନସାଧାରଣଙ୍କ ନିମନ୍ତେ ୭ ମାର୍ଚ୍ଚ ଠାରୁ ୧୦ ମାର୍ଚ୍ଚ ୨୦୨୬ ପର୍ଯ୍ୟନ୍ତ ଖୋଲା ରହିବ ବୋଲି ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଭୁବନେଶ୍ୱରସ୍ଥିତ ପୁଲିସ ଭବନ ଠାରେ ଆୟୋଜିତ ଏକ ସାମ୍ବାଦିକ ସମ୍ମିଳନୀରେ ଡିଜିପି କହିଥିଲେ ଯେ ଭାରତ ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଭାରତୀୟ ନ୍ୟାୟ ସଂହିତା, ଭାରତୀୟ ନାଗରିକ ସୁରକ୍ଷା ସଂହିତା, ଭାରତୀୟ ସାକ୍ଷ୍ୟ ଅଧିନିୟମର ସଂଶୋଧନ କରାଯାଇଛି। ଏହି ନୂତନ ଆଇନଗୁଡ଼ିକ ୨୦୨୪ ଜୁଲାଇ ୧ ତାରିଖରୁ କାର୍ଯ୍ୟକାରୀ ହୋଇଛି। ଯାହା ଫଳରେ ଔପନିବେଶିକ ଯୁଗରେ ପ୍ରଚଳିତ ଥିବା 'ଦଣ୍ଡ ବ୍ୟବସ୍ଥା' ଏବେ 'ନ୍ୟାୟ ବ୍ୟବସ୍ଥା'କୁ ପରିବର୍ତ୍ତିତ ହୋଇଛି ବୋଲି ଡିଜିପି କହିଥିଲେ। ପୀଡ଼ିତଙ୍କ ଅଧିକାର ଓ ସମ୍ମାନକୁ ପ୍ରାଥମିକତା ଦିଆଯାଇ ସମୟ ସୀମା ମଧ୍ୟରେ ତଦନ୍ତ ଓ ବିଚାର ପ୍ରକ୍ରିୟାକୁ ସୁନିଶ୍ଚିତ କରିବା ହେଉଛି ନୂତନ ଆଇନର ମୂଳ ଲକ୍ଷ୍ୟ। 'ବିଳମ୍ବିତ ନ୍ୟାୟ ମାନେ ନ୍ୟାୟର ଅସ୍ୱୀକାର' ଏହି ସିଦ୍ଧାନ୍ତକୁ ନୂତନ ଆଇନରେ ସ୍ପଷ୍ଟ ଭାବେ ଉଲ୍ଲେଖ କରାଯାଇଛି ବୋଲି ଡିଜିପି କହିଥିଲେ। ଏହା ବ୍ୟତୀତ ଇ-ସାକ୍ଷ୍ୟ ମାଧ୍ୟମରେ ଡିଜିଟାଲ୍ ପ୍ରମାଣ ପରିଚାଳନା ଦ୍ୱାରା ବାୟୋମେଟ୍ରିକ ପରିଚୟ, ମୋବାଇଲ୍ ଫରେନ୍‌ସିକ୍ ୟୁନିଟ୍, ପ୍ରଯୁକ୍ତି ବିଦ୍ୟା ସହାୟତାରେ ତଦନ୍ତ ପ୍ରକ୍ରିୟା ଆଦି ସଂକ୍ରାନ୍ତରେ ବିଶଦ୍ ଭାବେ ପ୍ରଦର୍ଶନୀରେ ଉପସ୍ଥାପନ କରାଯିବ। ଏହା ବ୍ୟତୀତ ପ୍ରଦର୍ଶନୀରେ 'ଅପରାଧସ୍ଥଳରୁ ହାଇକୋର୍ଟ ପର୍ଯ୍ୟନ୍ତ' ସମଗ୍ର ନ୍ୟାୟ ବ୍ୟବସ୍ଥାକୁ ଏକ ସମନ୍ୱିତ ଓ ଶିକ୍ଷାମୂଳକ ଶୈଳୀରେ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଗୃହ ମନ୍ତ୍ରଣାଳୟ ଦ୍ୱାରା ଅନୁମୋଦିତ ୧୦ଟି ଷ୍ଟଲ୍‌ରେ ଅପରାଧ ସ୍ଥଳ, ୧୧୨ ଜରୁରୀ କାଳୀନ ସହାୟତା, ଥାନାର କାର୍ଯ୍ୟ ପ୍ରଣାଳୀ, ହସ୍ପିଟାଲ୍ ସମନ୍ୱୟ, ଫରେନ୍‌ସିକ୍ ପ୍ରୟୋଗଶାଳା, ପବ୍ଲିକ୍ ପ୍ରସିକ୍ୟୁସନ୍, ଜିଲ୍ଲା ଅଦାଲତ, କାରାଗାର ଓ ହାଇକୋର୍ଟର କାର୍ଯ୍ୟ ଶୈଳୀ ସମ୍ପର୍କରେ ସାଧାରଣ ଲୋକମାନେ ଅବଗତ ହୋଇପାରିବେ ବୋଲି ଡିଜିପି ଆଶା ବ୍ୟକ୍ତ କରିଥିଲେ। ନୂତନ ଆଇନରେ ପ୍ରଯୁକ୍ତି ବିଦ୍ୟା ଓ ବୈଜ୍ଞାନିକ ତଦନ୍ତକୁ ଗୁରୁତ୍ୱ ପ୍ରଦାନ କରାଯାଇଛି। ସେହି ଅନୁଯାୟୀ ଗୁରୁତର ଅପରାଧରେ ଫରେନ୍‌ସିକ୍ ତଦନ୍ତ, ଡିଜିଟାଲ୍ ପ୍ରମାଣର ସ୍ୱୀକୃତି ଓ ସମୟସୀମା ମଧ୍ୟରେ ତଦନ୍ତ ପ୍ରକ୍ରିୟାକୁ ଜୋର୍ ଦିଆଯାଇଛି। ଏହା ସହ ନୂତନ ଆଇନ କାର୍ଯ୍ୟକାରୀ ପାଇଁ ସ୍ୱତନ୍ତ୍ର ଯୋଜନା, ପୁଲିସ ଆଧୁନିକୀକରଣ ଓ ସଶକ୍ତିକରଣ, ମହିଳା ବିରୋଧୀ ଅପରାଧ ଉପରେ ରୋକ୍ ଲଗାଇବା ଆଦି ସମ୍ପର୍କରେ ମଧ୍ୟ ପ୍ରଦର୍ଶିତ କରାଯିବ ବୋଲି ଡିଜିପି ସୂଚନା ଦେଇଛନ୍ତି। ଆଜିର ଏହି ସାମ୍ବାଦିକ ସମ୍ମିଳନୀରେ ଡିଜିପି (କ୍ରାଇମ୍‌ବ୍ରାଞ୍ଚ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ରେଳବାଇ ଓ ଉପକୂଳ ସୁରକ୍ଷା) ଅରୁଣ ବୋଥ୍ରା ପ୍ରମୁଖ ଉପସ୍ଥିତ ଥିଲେ।

**ନିତି ଭାରତୀ** | ଯେ କୌଣସି ବ୍ୟକ୍ତିଙ୍କୁ ପ୍ରେମ କଲାବେଳେ ତାଙ୍କୁ ମନୁଷ୍ୟ ଭାବରେ ନୁହେଁ, ଈଶ୍ୱର ଭାବରେ ପ୍ରେମ କରନ୍ତୁ। - **ଓଶୋ**

ନିତିଦିନ NITIDIN
ଶୁକ୍ରବାର ,୬ ମାର୍ଚ୍ଚ ୨୦୨୬

# ଓଡ଼ିଶା ବଜେଟ୍: ସମ୍ବଳ ଅଭାବ ବଡ଼ ଚିନ୍ତା



ସନ୍ତୋଷ କୁମାର ମହାପାତ୍ର

ଗତ ୨୦ ଫେବୃଆରୀ ୨୦୨୬ରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ଏବଂ ରାଜ୍ୟ ଅର୍ଥମନ୍ତ୍ରୀ ମୋହନ ଚରଣ ମାଝୀ ୨୦୨୬-୨୭ ଆର୍ଥିକ ବର୍ଷ ପାଇଁ ଓଡ଼ିଶା ରାଜ୍ୟ ବଜେଟ୍ ଉପସ୍ଥାପନ କରିଛନ୍ତି। ବଜେଟ୍‌କୁ ନେଇ ମିଶ୍ରିତ ପ୍ରତିକ୍ରିୟା ଦେଖା ଦେଇଛି। ସେ ଏହାକୁ ଅନ୍ତର୍ଭୁକ୍ତିମୂଳକ ଅଭିବୃଦ୍ଧି ପାଇଁ ଏକ ରୋଡମ୍ୟାପ୍ ଭାବରେ ବର୍ଣ୍ଣନା କରିଛନ୍ତି। ଏହାକୁ ବିକଶିତ ଭାରତ @୨୦୪୭ ଏବଂ ଓଡ଼ିଶା@୨୦୩୬ର ଜାତୀୟ ଦୃଷ୍ଟିକୋଣ ସହିତ ସମନ୍ୱିତ ସମୃଦ୍ଧ, ସଶକ୍ତ ଏବଂ ଅନ୍ତର୍ଭୁକ୍ତିମୂଳକ ଓଡ଼ିଶା ଗଠନ ଦିଗରେ ଏକ ନିର୍ଣ୍ଣାୟକ ପଦକ୍ଷେପ ଭାବରେ ବର୍ଣ୍ଣନା କରିଛନ୍ତି। ତାଙ୍କ ଅନୁସାରେ, ବଜେଟ୍ କୃଷକ କଲ୍ୟାଣ, ମହିଳା ସଶକ୍ତିକରଣ, ଯୁବ ଶ୍ରେଣୀଙ୍କ ପାଇଁ ସୁଯୋଗ, ଭିତ୍ତିଭୂମି ବିସ୍ତାର ଏବଂ ସାମଗ୍ରିକ ଆର୍ଥିକ ବିକାଶ ପ୍ରତି ସରକାରଙ୍କ ପ୍ରତିବଦ୍ଧତାକୁ ସୁଦୃଢ଼ କରିଛି। କିନ୍ତୁ ବିରୋଧୀ ଦଳମାନେ ଏହାକୁ 'କର୍ପୋରେଟ୍ ସପକ୍ଷବାଦୀ ଏବଂ ଶ୍ରମିକ-କୃଷକ ବିରୋଧୀ' ବୋଲି ଅଭିଯୋଗ କରିଛନ୍ତି। ବିଜେଡି ସଭାପତି ବଜେଟ୍‌କୁ ତୀବ୍ର ସମାଲୋଚନା କରି ଏହାକୁ 'କାଗଜରେ ମହତ, କିନ୍ତୁ ବାସ୍ତବରେ ଫମ୍ପା' ବୋଲି ଦର୍ଶାଇଛନ୍ତି। 'ରୋଷେଇ ଘର ଖାଲି, ମେନ୍ୟୁ ଭରପୂର' ପରି ବଜେଟ୍ ବୋଲି ସେ କହିଛନ୍ତି। ଏଣୁ ବଜେଟ୍‌ର ସମୀକ୍ଷା କଲେ ଏହାର ପ୍ରକୃତ ସ୍ୱରୂପ ଜଣା ପଡ଼ିବ। ଅବଶ୍ୟ କୌଣସି ବଜେଟ୍ ସଂପୂର୍ଣ୍ଣ ଭଲ ବା ଖରାପ ହୋଇ ପାରିବ ନାହିଁ, କାରଣ କୋଟି କୋଟି ଟଙ୍କା ବ୍ୟୟ ହେଉଛି। ଅବଶ୍ୟ ତାହା ଲୋକମାନଙ୍କଠାରୁ ହିଁ ଟିକସ ମାଧ୍ୟମରେ ଆଦାୟ ହୋଇଥାଏ। କିନ୍ତୁ ବଜେଟ୍‌ରେ କିପରି ଗରିବ, ସାଧାରଣ ଲୋକଙ୍କ ସ୍ୱାର୍ଥ ସାଧନ ପାଇଁ ଗୁରୁତ୍ୱ ଦିଆଯାଉଛି, କିପରି ଧନୀକ ଶ୍ରେଣୀଠାରୁ ବେଶି ସମ୍ବଳ ଆଦାୟ କରାଯାଉଛି ଏବଂ କିପରି ବିତ୍ତୀୟ ଶୃଙ୍ଖଳା ବଜାୟ ରଖାଯାଉଛି, ତାହା ଗୁରୁତ୍ୱପୂର୍ଣ୍ଣ।

୨୦୨୫-୨୬ ପାଇଁ ଓଡ଼ିଶାର ନାମାଙ୍କନ ଘରୋଇ ଉତ୍ପାଦ (ଜିଏସଡିପି) ବା ଚଳନ୍ତି ମୂଲ୍ୟରେ ରାଜ୍ୟ ଜିଏସଡିପି (ଅଗ୍ରୀମ ଆକଳନ) ୯.୮୮ ଲକ୍ଷ କୋଟି ଟଙ୍କା ବୋଲି ଆକଳନ କରାଯାଇଛି, ଯାହା ୨୦୨୪-୨୫ର ୯.୦୩ ଲକ୍ଷ କୋଟି ଟଙ୍କା ତୁଳନାରେ ୯.୫% ଅଭିବୃଦ୍ଧିକୁ ପ୍ରତିଫଳିତ କରେ। ପୂର୍ବ ବର୍ଷ ୧୦% ନାମାଙ୍କନ ଅଭିବୃଦ୍ଧି ହୋଇଥିଲା। ୨୦୨୬-୨୭ ପାଇଁ ନାମାଙ୍କନ ଜିଏସଡିପି ୧୨% ବୃଦ୍ଧି ପାଇ ୧୧.୦୭ ଲକ୍ଷ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆଶା କରାଯାଉଛି। ୨୦୨୫-୨୬ରେ ବାସ୍ତବ ଜିଏସଡିପି ଅଭିବୃଦ୍ଧି (ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ) ବା ୨୦୧୧-୧୨ ସ୍ଥିର ମୂଲ୍ୟରେ ୭.୯ % ରହିଛି, ଯାହା ୮% ଲକ୍ଷ୍ୟଠାରୁ ସାମାନ୍ୟ କମ୍। ୨୦୨୪-୨୫ରେ ଏହା ୭.୨% ଏବଂ ୨୦୨୩-୨୪ରେ ୯.୭% ହୋଇଥଲା। ଉଲ୍ଲେଖଯୋଗ୍ୟ, ୨୦୨୨-୨୩ରେ ନାମାଙ୍କନ ଜିଏସଡିପି ଅଭିବୃଦ୍ଧି କେବଳ ୩.୧% ଥିଲା, ଯେତେବେଳେ କି ବାସ୍ତବ ଅଭିବୃଦ୍ଧି ବିଯୁକ୍ତାତ୍ମକ (-୦.୧%) ଥିଲା, ଯାହା ଅର୍ଥନୈତିକ ଅସ୍ଥିରତାକୁ ସ୍ପଷ୍ଟ କରେ। ୨୦୨୬-୨୭ ବଜେଟ୍ ବ୍ୟୟ ଅଟକଳ ୩.୧୦ ଲକ୍ଷ କୋଟି ହେବ ବୋଲି ଆକଳନ କରାଯାଇଛି, ଯାହା ପୂର୍ବ ବର୍ଷ ୨.୯୦ ଲକ୍ଷ କୋଟି ଟଙ୍କାରୁ ୬.୮୯% ଅଧିକ। ୭୨,୧୦୦ କୋଟି ଟଙ୍କା ପୁଞ୍ଜି ବ୍ୟୟ ସହିତ- ମୋଟ ଖର୍ଚ୍ଚର ୨୩.୩% ଏବଂ ଜିଏସଡିପିର ୬.୫ %। ପ୍ରକୃତ ଅର୍ଥରେ, ବଜେଟ୍ ସଂକୁଚନାତ୍ମକ। ୬.୮୯%ର ସାମଗ୍ରିକ ବ୍ୟୟ ବୃଦ୍ଧି କେବଳ ନାମାଙ୍କନ ଜିଏସଡିପି ଅଭିବୃଦ୍ଧି ତୁଳନାରେ କମ୍ ନୁହେଁ, ବରଂ ପ୍ରାୟ ୧୫% ବାର୍ଷିକ ହାରାହାରି ଅଭିବୃଦ୍ଧିଠାରୁ ମଧ୍ୟ ଯଥେଷ୍ଟ କମ୍। ଏହା ବ୍ୟତୀତ ବଜେଟ୍ ଆକଳନ ଜିଏସଡିପି ୨୮%, ଯାହା ପୂର୍ବ ୨୯.୩୫% ତୁଳନାରେ ସାମାନ୍ୟ କମ୍।

ଚିନ୍ତାଜନକ କଥା ହେଉଛି ଯେ ଯେତିକି ବ୍ୟୟ ଧାର୍ଯ୍ୟ ହେଉଛି, ସଂଶୋଧିତ ଅଟକଳରେ ତାହା ହ୍ରାସ ପାଉଛି। ୨୦୨୪-୨୫ ବଜେଟ୍‌ରେ ପ୍ରାରମ୍ଭରେ ୨.୬୫ ଲକ୍ଷ କୋଟି ଟଙ୍କା ବ୍ୟୟ ବରାଦ ସହିତ ଉପସ୍ଥାପିତ ହୋଇଥିଲା, କିନ୍ତୁ ସଂଶୋଧିତ ଆକଳନ (ଆରଇ)ରେ ଏହାକୁ ୨.୨୭ ଲକ୍ଷ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ସେହିପରି ୨୦୨୩-୨୪ ବଜେଟ୍, ଯାହା ମୂଳତଃ ୨.୩୦ ଲକ୍ଷ କୋଟି ଟଙ୍କା ଥିଲା, ତାହାକୁ ୨.୦୪ ଲକ୍ଷ କୋଟି ଟଙ୍କାକୁ ହ୍ରାସ କରାଯାଇଛି। ନିରନ୍ତର ନିମ୍ନଗାମୀ ସଂଶୋଧନ ପ୍ରାରମ୍ଭିକ ଆକଳନର ବିଶ୍ୱସନୀୟତା ବିଷୟରେ ଚିନ୍ତା ସୃଷ୍ଟି କରେ ଏବଂ ସପ୍ଲିମେଣ୍ଟାରୀ ବଜେଟ୍‌ଗୁଡ଼ିକୁ ପ୍ରାୟତଃ ଅନାବଶ୍ୟକ କରିଦିଏ। ପ୍ରଶାସନିକ ବ୍ୟୟ (ପୂର୍ବରୁ ଅଣ-ଯୋଜନା) ୧,୦୮,୦୦୦ କୋଟି ଟଙ୍କାରୁ ସାମାନ୍ୟ ଭାବରେ ବୃଦ୍ଧି ପାଇ ୧,୧୪,୦୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କାର୍ଯ୍ୟକ୍ରମ ବ୍ୟୟ (ପୂର୍ବରୁ ଯୋଜନା ଖର୍ଚ୍ଚ) ୧,୭୦,୦୦୦ କୋଟି ଟଙ୍କାରୁ ୧,୮୦,୦୦୦ କୋଟି ଟଙ୍କାକୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ପଞ୍ଚାୟତ ଏବଂ ସହରାଞ୍ଚଳ ସ୍ଥାନୀୟ ସଂସ୍ଥାଗୁଡ଼ିକୁ ହସ୍ତାନ୍ତର ୮,୩୭୫ କୋଟି ଟଙ୍କାରୁ ୧୦,୬୨୫ କୋଟି ଟଙ୍କାକୁ ଅପର୍ଯ୍ୟାପ୍ତ ବୃଦ୍ଧି ଦେଖାଉଛି, ଯେତେବେଳେ କି ବିପର୍ଯ୍ୟୟ ବିପଦ ପରିଚାଳନା ଆବଣ୍ଟନ ୪,୦୦୦ କୋଟି ଟଙ୍କାରୁ ୫,୩୭୫ କୋଟି ଟଙ୍କାକୁ ବୃଦ୍ଧି ପାଇଛି। ଏଣୁ କିଛି କ୍ଷେତ୍ରରେ ନାମାଙ୍କନ ବା ସଂଖ୍ୟା ଦୃଷ୍ଟିରୁ ବୃଦ୍ଧି ପାଇଲା ବେଳେ କିଛି କ୍ଷେତ୍ରରେ ମୁଦ୍ରାସ୍ଫୀତିକୁ ବିଚାରକୁ ନେଲେ ହ୍ରାସ ପାଇଛି।

ସାମାଜିକ ସୁରକ୍ଷା ପାଇଁ ୨୫୨୦୮କୋଟି ଟଙ୍କା, କୃଷି କ୍ଷେତ୍ରରେ ୪୨,୪୯୨ କୋଟି ଟଙ୍କା, ମହିଳା ଓ ଶିଶୁ ବିକାଶ ମନ୍ତ୍ରଣାଳୟ ପାଇଁ ୧୮,୯୫୭ କୋଟି ଟଙ୍କା, ଶିକ୍ଷା ପାଇଁ ୪୨,୫୬୫ କୋଟି ଟଙ୍କା, ଜନସ୍ୱାସ୍ଥ୍ୟ ପାଇଁ ୨୩,୧୮୨ କୋଟି ଟଙ୍କା, ମହିଳା ଏବଂ ଶିଶୁ କଲ୍ୟାଣ ପାଇଁ ୧୬,୧୫୨ କୋଟି ଟଙ୍କା , ନଗର ବିକାଶ ପାଇଁ ୧୦,୭୩୭ କୋଟି ଟଙ୍କା, ଗ୍ରାମାଞ୍ଚଳର ବିକାଶ ପାଇଁ ୧୦,୨୦୪ କୋଟି ଟଙ୍କା, ବିଦ୍ୟାଳୟ ଏବଂ ଗଣଶିକ୍ଷା ବିଭାଗ ପାଇଁ ୩୧,୯୯୭ କୋଟି ଟଙ୍କା, ପର୍ଯ୍ୟଟନ ବିଭାଗ ପାଇଁ ୧,୦୨୨ ଟଙ୍କା, ଶକ୍ତି ବିଭାଗ ପାଇଁ ୪,୫୯୬ କୋଟି ଟଙ୍କା, ସୁଭଦ୍ରା ଯୋଜନା ପାଇଁ ୧୦,୧୪୫ କୋଟି ଟଙ୍କା, ଭିବି ଜି-ରାମ-ଜି ପାଇଁ ୫,୫୭୫ କୋଟି ଟଙ୍କା ବ୍ୟୟ ବରାଦ କରାଯାଇଛି। ରାଜ୍ୟର କେନ୍ଦ୍ରାପଡ଼ା, ଜଗତ୍‌ସିଂହପୁର, ଭଦ୍ରକ ଓ ଝାରସୁଗୁଡ଼ାରେ ୪ଟି ନୂତନ ବିଶ୍ୱବିଦ୍ୟାଳୟ ସ୍ଥାପନ କରାଯିବ। ଏହା ସହ ରାଜ୍ୟରେ ୫ଟି ନୂତନ ମେଡିକାଲ କଲେଜ୍ ସ୍ଥାପନ କରାଯିବ। ଗଜପତି, ରାୟଗଡ଼ା ଓ ମାଲକାନଗିରିରେ ଆୟୁର୍ବେଦିକ ମହାବିଦ୍ୟାଳୟ, ନୟାଗଡ଼ ଓ ନୂଆପଡ଼ାରେ ହୋମିଓପ୍ୟାଥି କଲେଜ୍ ଖୋଲାଯିବ। କିନ୍ତୁ ଚିନ୍ତାଜନକ ହେଉଛି, ଗତ ୧୦ ମାସରେ ରାଜ୍ୟ ସରକାର ମାତ୍ର ଧାର୍ଯ୍ୟ ବ୍ୟୟ ବରାଦର ୫୭% ବ୍ୟୟ କରିଛନ୍ତି।

ରାଜସ୍ୱ ଧାରା ଅଧିକ ଚିନ୍ତାଜନକ। ୨୦୨୫-୨୬ରେ ମୋଟ ରାଜସ୍ୱ ପ୍ରାପ୍ତି (ନିଜସ୍ୱ ଟିକସ, ଅଣଟିକସ କେନ୍ଦ୍ରୀୟ ସହାୟତାକୁ ମିଶାଇ) ୨.୩୨ ଲକ୍ଷ କୋଟି ଟଙ୍କା ଆକଳନ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ୨.୩୧ ଲକ୍ଷ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୬-୨୭ରେ ଏହା ୨.୪୮୫ ଲକ୍ଷ କୋଟି ଟଙ୍କା ଧାର୍ଯ୍ୟ କରାଯାଇଛି। ସେହିପରି ମୋଟ ଟିକସ ପ୍ରାପ୍ତି (ନିଜସ୍ୱ ଟିକସ, ଅଣଟିକସ) ମିଶାଇ ୨୦୨୫-୨୬ରେ ୧,୩୦,୪୦୮.୨୭ କୋଟି ଟଙ୍କା ଧାର୍ଯ୍ୟ କରା ଯାଇଥିଲା ବେଳେ ସଂଶୋଧିତ ଅଟକଳରେ ୧,୨୯,୦୭୩.୭୦ କୋଟି ଟଙ୍କାକୁ ହ୍ରାସ ପାଇଛି। ୨୦୨୬-୨୭ରେ ୧,୩୭,୪୬୦.୪୬ କୋଟି ଟଙ୍କା ହେବ ବୋଲି ଧାର୍ଯ୍ୟ କରାଯାଇଛି। ୨୦୨୬-୨୭ ବର୍ଷରେ ରାଜ୍ୟର ନିଜସ୍ୱ ରାଜସ୍ୱ ଜିଏସଡିପିର ୧୨.୭% ହେବ ବୋଲି ଆକଳନ କରାଯାଇଛି, ଯାହା ୨୦୨୫-୨୬ରେ ୧୨.୮% ଥିଲା। ଆହୁରି ଗୁରୁତ୍ୱପୂର୍ଣ୍ଣ କଥା ହେଉଛି, ରାଜ୍ୟର ନିଜସ୍ୱ ଟିକସ-ଜିଏସଡିପି ଅନୁପାତ ୬.୭%ରୁ ୬.୩%କୁ ହ୍ରାସ ପାଇବ ବୋଲି ଆକଳନ କରାଯାଇଛି, ଯାହା ତ୍ରୟୋଦଶ ଅର୍ଥ କମିଶନଙ୍କ ଦ୍ୱାରା ସୁପାରିସ କରା ଯାଇଥିବା ମାନଦଣ୍ଡ (ଅର୍ଥାତ୍ ୬.୭୫%)ଠାରୁ କମ୍ ଅଟେ। ବିପରୀତରେ, ଅଣ-କର ରାଜସ୍ୱ ଅନୁପାତ ବୃଦ୍ଧି ପାଇଛି, ଯାହା ମୂଳ ଟିକସ ସଂଗ୍ରହକୁ ସୁଦୃଢ଼ କରିବା ପରିବର୍ତ୍ତେ ଅଣ-କର ଉତ୍ସ ଆଡ଼କୁ ଧୀରେ ଧୀରେ ପରିବର୍ତ୍ତନକୁ ସୂଚିତ କରୁଛି। ଅଣ-କର ରାଜସ୍ୱର ଏକ ଯଥେଷ୍ଟ ଅଂଶ ଖଣି ରୟାଲଟିରୁ ଉତ୍ପନ୍ନ ହେଉଛି। ୨୦୨୬-୨୭ ବର୍ଷରେ ଏହି କ୍ଷେତ୍ରରୁ ଆନୁମାନିକ ୫୬,୦୦୦ କୋଟି ଟଙ୍କା ଆଶା କରାଯାଉଛି। ୨୦୨୧-୨୨ ମସିହାରୁ ନବୀକରଣ ଏବଂ ନିଲାମ ଖଣି ରାଜସ୍ୱକୁ ବୃଦ୍ଧି କରିଥିବା ବେଳେ ଖଣି ଉପରେ ଅତ୍ୟଧିକ ନିର୍ଭରଶୀଳତା ଚିନ୍ତାଜନକ। ଖଣି ଦିନେ ସରିଯିବ। ଖଣି ଉତ୍ତୋଳନ ପରିବେଶଗତ ସମସ୍ୟା ସୃଷ୍ଟି କରିଛି ଏବଂ ଆଗକୁ ଆହୁରି ଅଧିକ ସମସ୍ୟା ସୃଷ୍ଟି କରିବ। ରାଜ୍ୟର ନିଜସ୍ୱ ଟିକସରେ ସାମଗ୍ରୀ ଓ ସେବା ଟିକସ ୪୨.୧୪%, ବିକ୍ରି କର ୨୨.୮୬%, ମୋଟର ଯାନ ଟିକସ ୫.୧୪%, ଭୂ-ରାଜସ୍ୱ ୦.୫୦%, ଷ୍ଟାମ୍ପ ଓ ପଞ୍ଜୀକରଣ ୪.୮୬%, ବିଜୁଳି କର ଓ ଶୁଳ୍କ ୭.୨୯%, ରାଜ୍ୟ ଅବକାରୀ ଶୁଳ୍କ ୧୫.୫୭%, ଅନ୍ୟାନ୍ୟ ଟିକସର ଅଂଶ ୦୭୪%। ବେଶି ଚିନ୍ତାର ବିଷୟ ହେଉଛି, ୨୦୨୫-୨୬ରେ ଅବକାରୀ ବାବଦରେ ରାଜସ୍ୱ ୯ ହଜାର କୋଟି ଟଙ୍କା ଆଦାୟ ହେଲା ବେଳେ ୨୦୨୬-୨୭ରେ ସରକାର ୧୦,୯୦୦ କୋଟି ଟଙ୍କା ଆଦାୟ କରିବାର ଲକ୍ଷ୍ୟ ରଖିଛନ୍ତି। ଏହା ମଦମୁକ୍ତ ଓଡ଼ିଶା ଗଠନକୁ ଶକ୍ତ ଧକ୍କା। ପ୍ରଶ୍ନ ହେଉଛି- ରାଜସ୍ୱ ବଡ଼ ନା ମଣିଷର ଜୀବନ ବଡ଼?




କେନ୍ଦ୍ରରୁ ସ୍ଥାନାନ୍ତର ମଧ୍ୟ ଏକ ମିଶ୍ରିତ ଚିତ୍ରକୁ ପ୍ରତିଫଳିତ କରେ। କେନ୍ଦ୍ରୀୟ ଟିକସରେ ରାଜ୍ୟର ଅଂଶ ୬୩,୦୭୩ କୋଟି ଟଙ୍କା (ସଂଶୋଧିତ ଅଟକଳ ୨୦୨୫-୨୬)ରୁ ୬୭,୪୬୦ କୋଟି ଟଙ୍କା (ବିଇ ୨୦୨୬-୨୭)କୁ ବୃଦ୍ଧି ପାଇବ ବୋଲି ଆକଳନ କରାଯାଇଛି। ତଥାପି, ମୋଟ ଅନୁଦାନ ସହାୟତା ୪୧,୯୨୬ କୋଟି ଟଙ୍କାରୁ ହ୍ରାସ ପାଇ ୪୦,୦୪୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। କେନ୍ଦ୍ରୀୟ ପ୍ରାୟୋଜିତ ଯୋଜନା ଅନୁଦାନ ବର୍ଷ ବର୍ଷ ଧରି ହ୍ରାସର ଧାରା ଦେଖାଇଛି। ଯଦିଓ ୨୦୨୬-୨୭ରେ କେନ୍ଦ୍ରରୁ ମୋଟ ସ୍ଥାନାନ୍ତର ୧,୦୭,୫୦୦ କୋଟି ଟଙ୍କାରେ ପହଞ୍ଚିବ ବୋଲି ଆକଳନ କରାଯାଇଛି, କିନ୍ତୁ ମୁଦ୍ରାସ୍ଫୀତିକୁ ବିଚାରକୁ ନିଆଗଲେ ପ୍ରକୃତ ଅଭିବୃଦ୍ଧି ହ୍ରାସ ପାଇଥିବା ପରି ମନେହୁଏ। ସରକାର ଆର୍ଥିକ ଦାୟିତ୍ୱ ମାନଦଣ୍ଡ ପାଳନ ଉପରେ ଗୁରୁତ୍ୱ ଦିଅନ୍ତି। ୨୦୨୬-୨୭ ପାଇଁ ରାଜସ୍ୱ ବ୍ୟୟ ୨,୧୫ ,୫୦୦ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଛି। ବିତ୍ତୀୟ ନିଅଣ୍ଟ ଜିଏସଡିପିର ୩.୫% ମଧ୍ୟରେ ରହିଛି, ଋଣ- ଜିଏସଡିପି ଅନୁପାତ ୧୪.୧% ରହିଛି- ୨୫% ସୀମାଠାରୁ ବହୁତ ତଳେ। ସୁଧ ପ୍ରଦାନ ପ୍ରତି ରାଜସ୍ୱ ପ୍ରାପ୍ତି ଅନୁପାତ ୩.୩% ଆକଳନ କରାଯାଇଛି, ଯାହା୧୫% ସୀମା ତଳେ। ବୃତ୍ତିକର ଉଚ୍ଛେଦ ହୋଇଛି, ଯାହା ସ୍ୱାଗତଯୋଗ୍ୟ। ତଥାପି, ଅନ୍ତର୍ନିହିତ ଋଣ ଧାରା ସତର୍କତା ଆବଶ୍ୟକ କରେ। ମୋଟ ଋଣ ୩୨,୪୦୦ କୋଟି ଟଙ୍କା (୨୦୨୫-୨୬)ରୁ ୪୭,୮୦୦ କୋଟି ଟଙ୍କାକୁ ୨୦୨୬-୨୭ରେ ବୃଦ୍ଧି ପାଇବାର ଆକଳନ କରାଯାଇଛି। ୨୦୨୬-୨୭ ଆର୍ଥିକ ବର୍ଷ ଶେଷରେ ଋଣ ଷ୍ଟକ୍ ୧,୩୪,୯୧୪ କୋଟି ଟଙ୍କା (ଜିଏସଡିପିର ୧୩.୧%)ରୁ ୧,୫୫,୭୧୦ କୋଟି ଟଙ୍କା (ଜିଏସଡିପିର ୧୪.୧%)କୁ ବୃଦ୍ଧି ପାଇବା ଆଶା କରାଯାଉଛି। ଯଦିଓ ଏହି ଅନୁପାତ ବୈଧାନିକ ସୀମା ମଧ୍ୟରେ ରହିଛି, ତଥାପି ଊର୍ଦ୍ଧ୍ୱଗାମୀ ଗତି ରାଜସ୍ୱ ମାଧ୍ୟମରେ ସମ୍ବଳ ସଂଗ୍ରହକୁ ନେଇ ଚିନ୍ତା ସୃଷ୍ଟି କରିଛି ଏବଂ ଋଣ ଉପରେ ବଢ଼ୁଥିବା ନିର୍ଭରଶୀଳତାକୁ ସୂଚିତ କରୁଛି। ସାମ୍ପ୍ରତିକ ବର୍ଷଗୁଡ଼ିକରେ ସୁଧ ଦେୟ ମଧ୍ୟ ବୃଦ୍ଧି ପାଇଛି।

ସଂକ୍ଷେପରେ, ଯଦିଓ ଆର୍ଥିକ ସୂଚକାଙ୍କଗୁଡ଼ିକ ଆନୁଷ୍ଠାନିକ ଭାବରେ ଅନୁପାଳନ କରେ ଏବଂ ସାମଗ୍ରିକ ଅର୍ଥନୈତିକ ସମଷ୍ଟି ସ୍ଥିର ଦେଖାଯାଏ, କିନ୍ତୁ ଗଭୀର ଚିନ୍ତାର ବିଷୟ ହେଉଛି ଯେ ରାଜସ୍ୱ ଆଶାନୁରୂପ ବୃଦ୍ଧି ନ ପାଇବା, ଅସ୍ଥିର ଅଣ-କର ଉତ୍ସ ଉପରେ ଅଧିକ ନିର୍ଭରଶୀଳତା, ଜିଏସଡିପି ଅନୁସାରେ ବ୍ୟୟ ବୃଦ୍ଧି ହ୍ରାସ ଏବଂ ଋଣ ବୃଦ୍ଧି ଚିନ୍ତା ସୃଷ୍ଟି କରିଛି। ଏକ ସ୍ଥାୟୀ ଅଭିବୃଦ୍ଧି ରଣନୀତି ପାଇଁ ରାଜ୍ୟର ନିଜସ୍ୱ ଟିକସ ଆଧାରକୁ ସୁଦୃଢ଼ କରିବା, ଖଣି ବାହାରେ ରାଜସ୍ୱ ଉତ୍ସଗୁଡ଼ିକୁ ବିବିଧ କରିବା ଏବଂ ନିଯୁକ୍ତି ସୃଷ୍ଟି, ମାନବ ବିକାଶ ଓ ଅନ୍ତର୍ଭୁକ୍ତି ଆର୍ଥିକ ସ୍ଥିରତା ପାଇଁ ସମ୍ବଳ ବୃଦ୍ଧି କରିବା ଆବଶ୍ୟକ। ଯଦିଓ ବଜେଟ୍‌କୁ 'ଗରିବ ଅଭିମୁଖୀ' ଓ 'ସମାବେଶୀ' ବୋଲି କୁହାଯାଉଛି, ପ୍ରକୃତରେ ଏହା ଶ୍ରମଜୀବୀ ଓ କୃଷିଜୀବୀ ଲୋକଙ୍କ ମୂଳ ସମସ୍ୟାକୁ ସମାଧାନ କରୁନାହିଁ। ଅନ୍ତ୍ୟୋଦୟର ନୀତିକୁ ଆହ୍ୱାନ କରି ମୁଖ୍ୟମନ୍ତ୍ରୀ ପୁନର୍ବାର କହିଛନ୍ତି ଯେ ବିକାଶ ଶେଷ ମାଇଲ ପର୍ଯ୍ୟନ୍ତ ପହଞ୍ଚିବା ଉଚିତ, ଯାହା ମର୍ଯ୍ୟାଦା ଏବଂ ସହଭାଗୀ ସମୃଦ୍ଧିକୁ ସୁନିଶ୍ଚିତ କରିବ। କିନ୍ତୁ ବଜେଟ୍‌ରେ ବେକାରୀ, ଅସୁଲଭ ସ୍ୱାସ୍ଥ୍ୟସେବା ଏବଂ ଶିକ୍ଷା, ବୃଦ୍ଧି ପାଉଥିବା ମୂଲ୍ୟ ଏବଂ ବିସ୍ତାରିତ ଅସମାନତା ଭଳି ସାଂରଚନିକ ଚ୍ୟାଲେଞ୍ଜଗୁଡ଼ିକୁ ନିଶ୍ଚିତ ଭାବରେ ସମାଧାନ କରିବାର କୌଣସି ପଦକ୍ଷେପ ଘୋଷଣା କରାଯାଇ ନାହିଁ। ଅତ୍ୟାବଶ୍ୟକ ସାମଗ୍ରୀର ଦର ବୃଦ୍ଧି ଓ ବେକାରୀ ସମସ୍ୟାର ସମାଧାନ ପାଇଁ କୌଣସି ପ୍ରଭାବଶୀଳ ପଦକ୍ଷେପ ନାହିଁ। ସରକାରୀ ବିଭାଗଗୁଡ଼ିକରେ ଖାଲି ପଡ଼ିଥିବା ପଦବୀ ପୂରଣ ପାଇଁ ଆବଶ୍ୟକ ଅର୍ଥ ବ୍ୟୟ ବରାଦ କରାଯାଇନି। ସ୍ୱାସ୍ଥ୍ୟ ଓ ଶିକ୍ଷା କ୍ଷେତ୍ରରେ ଯଥେଷ୍ଟ ଅର୍ଥ ବିନିଯୋଗ ନହେବା ଚିନ୍ତାଜନକ।■

ସ୍ତମ୍ଭକାର


# ନୂଆ ସ୍ତରରେ କାନାଡା ସହ ସମ୍ପର୍କ

କାନାଡା- ଯେଉଁ ଦେଶ ସହିତ ଏଇ ମାତ୍ର କିଛି ବର୍ଷ ପୂର୍ବେ ଭାରତର ସମ୍ପର୍କ ଅତ୍ୟନ୍ତ ତିକ୍ତତାପୂର୍ଣ୍ଣ ସ୍ତରକୁ ଚାଲି ଯାଇଥିଲା, ତାହା ନିକଟରେ ପୁଣିଥରେ ସେଇ ପୁରୁଣା ଦିନକୁ ଫେରି ଯିବାକୁ ପ୍ରସ୍ତୁତ ହୋଇଛି। ଆଉ ଏଇ ସମ୍ପୂର୍ଣ୍ଣ ପୁନଃସ୍ଥାପନ ଏତେ ନିର୍ଣ୍ଣାୟକ ହୋଇଛି ଯେ ତାହା ପଶ୍ଚାଦାବଲୋକନ ଦର୍ପଣର ପରିସର ବାହାରକୁ ମଧ୍ୟ ଚାଲି ଯାଇଛି। କାନାଡାର ପ୍ରଧାନମନ୍ତ୍ରୀ ମାର୍କ କାର୍ଣ୍ଣି ଏବଂ ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ମଧ୍ୟରେ ବୈଠକର ମୁଖ୍ୟାଂଶ ଭାବରେ ରହିଛି ସେମାନେ ଉଭୟଙ୍କର ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥଗୁଡ଼ିକ ସଙ୍ଗେ ସଙ୍ଗେ ବେସାମରିକ ଆଣବିକ ଶକ୍ତି ଉପରେ ମହତ୍ତ୍ୱପୂର୍ଣ୍ଣ ଚୁକ୍ତି ସମ୍ପାଦନ କରିବା ଏବଂ ସେଥି ସହିତ ଭାରତ-କାନାଡା ବ୍ୟାପକ ଅର୍ଥନୀତିକ ଭାଗିଦାରୀ ରାଜିନାମା ଉପରେ ଆଲୋଚନା କରିବା, ଯାହା ସକାରାତ୍ମକ ହେବାକୁ ପ୍ରମାଣିତ କରୁଛି ଏବଂ ଚଳିତ ବର୍ଷ ଶେଷ ହେବା ପୂର୍ବରୁ ଫଳବତୀ ହେବାର ସମ୍ଭାବନା ରହିଛି। ବିଶ୍ୱ ହୁଏତ ଇରାନ୍ ଉପରେ ଆମେରିକା-ଇସ୍ରାଏଲର ଆକ୍ରମଣର ଧାରରେ ଛିଡ଼ା ହୋଇ ୧୨ଟି ଆମେରିକୀୟ ମିତ୍ର ରାଷ୍ଟ୍ର ଇରାନ୍‌ର ପ୍ରତିଶୋଧାତ୍ମକ ଆକ୍ରମଣର ଶିକାର ହେଉଥାଇ ପାରନ୍ତି। ପରନ୍ତୁ, ବିଶ୍ୱର ଅପର ଶାନ୍ତିପୂର୍ଣ୍ଣ ଭାଗରେ ଜୀବନ ଯଥେଷ୍ଟ ଶାନ୍ତିପୂର୍ଣ୍ଣ ରହିଛି, ଯେଉଁଠି, ବିଶେଷକରି କାନାଡା ଏବଂ ଭାରତ ପ୍ରଗତିର ଏକ ଦୃଶ୍ୟପଟ ଉପରେ ଧ୍ୟାନ କେନ୍ଦ୍ରିତ କରିବାକୁ ସୁଯୋଗ ଅଛି, ଯାହା ସ୍ୱାମୀ ବିବେକାନନ୍ଦଙ୍କ ଆହ୍ୱାନ 'ଉତ୍ତିଷ୍ଠତ, ଜାଗ୍ରତ...'ର ପ୍ରତିଫଳନ ଘଟିବା ଏବଂ ଏହି ଯାତ୍ରା ଲକ୍ଷ୍ୟ ହାସଲ ନହେବା ପର୍ଯ୍ୟନ୍ତ ଶେଷ ନ କରିବାରେ କୌଣସି ଅସୁବିଧା ନାହିଁ। ଶ୍ରୀଯୁକ୍ତ କାର୍ଣ୍ଣି ଏଇ ଉଦ୍ଧୃତାଂଶକୁ ତାଙ୍କର ଆଲୋଚନାର ଦୃଷ୍ଟିକୋଣ ଭାବରେ ଉପସ୍ଥାପନ କରିବାକୁ ଆଗେଇ ଆସିଛନ୍ତି, ଯେଉଁଥିରେ ଏକ 'ବିକଶିତ ଭାରତ' ଏବଂ ଏକ 'ଦୃଢ଼ କାନାଡା'ର ଦୃଷ୍ଟିଭଙ୍ଗୀ ରହିଛି।

ଦଶ ବର୍ଷ ପାଇଁ ୟୁରାନିଅମ୍ ଯୋଗାଣ ଉପରେ ଏକ ଐତିହାସିକ ରାଜିନାମା ଦୁଇ ଦେଶ ମଧ୍ୟରେ କୂଟନୀତିକ ସମ୍ପର୍କର ତିକ୍ତତାର ଅବସାନ ଘଟାଇ ଏକ ପୁନଃସ୍ଥାପନ ସହିତ ସମ୍ପର୍କର ସ୍ୱାଭାବିକତାକୁ ସୂଚାଇ ଥାଏ, ଯାହା ଶ୍ରୀଯୁକ୍ତ କାର୍ଣ୍ଣିଙ୍କ ପୂର୍ବସୂରୀ ଜଷ୍ଟିନ୍ ଟ୍ରୁଡୋଙ୍କ ସମୟରେ କେତେକ କାରଣକୁ ନୀତିଗତ ରାଜନୀତିକରଣ ଦ୍ୱାରା ଅତ୍ୟନ୍ତ ଖରାପ ଅବସ୍ଥା ଆଡ଼କୁ ଗତି କରିଥିଲା। ଶ୍ରୀଯୁକ୍ତ ଟ୍ରୁଡୋ ଜଣେ ଶିଖ୍ ବିଚ୍ଛିନ୍ନତାବାଦୀ ନେତାଙ୍କ ନିଧନ ପଛରେ ଭାରତର ହାତ ରହିଥିବା ବିବେଚନା କରୁଥିଲେ, ଯେତେବେଳେ କି ସେ ନିଜେ ଏକ ବୁଡ଼ନ୍ତା ଜାହାଜରେ ବସି ନିଜର ରାଜନୀତିକ ଯାତ୍ରାକୁ ଚାଲୁ ରଖିବା ପାଇଁ ତଥ୍ୟକୁ ଲୁଚାଉ ଥିଲେ। ସଂସଦରେ ଛିଡ଼ା ହୋଇ ସ୍ୱାର୍ଥପର କାରଣଗୁଡ଼ିକ ପାଇଁ ଶ୍ରୀଯୁକ୍ତ ଟ୍ରୁଡୋ ଉପରୋକ୍ତ ଅସତ୍ୟ ପ୍ରକାଶ କରିଥିଲେ ଯାହା ୨୦୨୩ରେ ଭାରତ ଏବଂ କାନାଡା ମଧ୍ୟରେ ସମ୍ପର୍କକୁ ଅତି ନିମ୍ନ ସ୍ତରକୁ ନେଇ ଯାଇଥିଲା। ଆଜିକା ଦିନରେ ଏକ ମହାଦେଶୀୟ ପଡ଼ୋଶୀ ସହିତ ଶହ ଶହ ବର୍ଷ ଧରି ରହି ଆସିଥିବା ପାରସ୍ପରିକ ଲାଭଦାୟକ ବ୍ୟବସାୟିକ ସମ୍ପର୍କରେ ଅନ୍ତ ଘଟାଇ ଡୋନାଲ୍ଡ ଟ୍ରମ୍ପ୍ ଯେତେବେଳେ କାନାଡା ଉପରେ ଟାରିଫ୍ ଧାର୍ଯ୍ୟ କଲେ, ସେତେବେଳେ ଏହି ସୁଯୋଗକୁ ସଦ୍‌ବ୍ୟବହାର କରିବାକୁ ଯାଇ ଏହା ଟ୍ରମ୍ପଙ୍କ ଟାରିଫ୍‌ର ଶିକାର ହୋଇଥିବା ଭାରତ ସହିତ ପୁଣିଥରେ ସମ୍ପର୍କ ବଢ଼ାଇ ଏକ ସମୃଦ୍ଧ କାନାଡା ସହିତ ଶାନ୍ତିପୂର୍ଣ୍ଣ ବିଶ୍ୱ ନିର୍ମାଣ କରିବାକୁ ଆଗେଇ ଆସିଛି। ଏହି ଦୃଷ୍ଟିରୁ ଆଣବିକ ଜାଳେଣି ଯୋଗାଣ ଚୁକ୍ତି ନିର୍ଦ୍ଦିଷ୍ଟ ଭାବରେ ବିଶେଷ ଗୁରୁତ୍ୱପୂର୍ଣ୍ଣ, କାରଣ ଏହା ଶକ୍ତି ସୃଷ୍ଟି ପାଇଁ ସ୍ୱଚ୍ଛ ଏବଂ ସବୁଜ ଜାଳେଣିର ବ୍ୟବହାରକୁ ସମ୍ପ୍ରସାରିତ କରିବା ନିମନ୍ତେ ଭାରତର ମହତ୍ତ୍ୱାକାଂକ୍ଷାକୁ ପୂରଣ କରିବ।

ଶକ୍ତି ସୁରକ୍ଷାର ଏକ ଅବିଚ୍ଛେଦ୍ୟ ଅଙ୍ଗ ଭାବରେ ଆଣବିକ ଶକ୍ତିକୁ ଗ୍ରହଣ କରିବା ପରେ ଭାରତ ଏବେ ଏହି ଶକ୍ତି ସୃଷ୍ଟିକୁ ଦ୍ରୁତ ଗତିରେ ବଢ଼ାଇବା ପଥରେ ଆଗୁସାର ହେଉଛି, ଯାହା ବର୍ତ୍ତମାନ ୨୨ଟି ରିଆକ୍ଟରରୁ ସୃଷ୍ଟି ହେଉଥିବା ୬,୭୮୦ ମେଗାୱାଟ୍ ରହିଛି। ଏହା ମୋଟ ଶକ୍ତି ସୃଷ୍ଟିର ଅତ୍ୟନ୍ତ ସ୍ୱଳ୍ପ ପରିମାଣ ତିନି ପ୍ରତିଶତ। ଭାରତ ଆସନ୍ତା ଦଶନ୍ଧିର ଆରମ୍ଭ ବେଳକୁ ଏହାକୁ ୨୨,୫୦୦ ମେଗାୱାଟ୍ ଏବଂ ୨୦୪୭ ସୁଦ୍ଧା ୧୦୦ ଗିଗାୱାଟ୍‌କୁ ବୃଦ୍ଧି କରିବାର ଲକ୍ଷ୍ୟ ରଖିଛି। ଏହି ଧାର୍ଯ୍ୟ ଲକ୍ଷ୍ୟର ନିକଟବର୍ତ୍ତୀ ଲକ୍ଷ୍ୟ ହାସଲ କରିବା ପାଇଁ ମଧ୍ୟ ଏହା ଉତ୍ପାଦନ କରୁଥିବା ବା ଆମଦାନୀ କରୁଥିବା ୬୦୦ ଟନ୍ ୟୁରାନିଅମ୍‌ର ତିନି ଗୁଣ ଅଧିକ ୟୁରାନିୟମ୍ ହାସଲ କରିବାକୁ ପଡ଼ିବ ଏବଂ ଏଥିପାଇଁ ଏକ ନିର୍ଭରଯୋଗ୍ୟ ଯୋଗାଣ ଉତ୍ସର ଅନୁସନ୍ଧାନରେ କାନାଡା ହୁଏତ ଏକ ନିରବଚ୍ଛିନ୍ନ ଯୋଗାଣକାରୀ ସାବ୍ୟସ୍ତ ହୋଇପାରେ। ଅଶୋଧିତ ତୈଳ ତଥା ଏଲ୍‌ପିଜି ଏବଂ ଏଲ୍‌ଏନ୍‌ଜିରେ ଏହାର ଶକ୍ତି ସୁରକ୍ଷା ପାଇଁ ବିଶ୍ୱର ସର୍ବାଧିକ ଦ୍ରୁତ ଅଭିବୃଦ୍ଧିଶୀଳ ପ୍ରମୁଖ ଅର୍ଥନୀତି ସ୍ପଷ୍ଟ ଭାବରେ ଉତ୍ତମ ଉତ୍ସଟିଏ ଆବଶ୍ୟକ କରେ। ରୁଷୀୟ ତୈଳର ବ୍ୟବହାରକୁ ନେଇ ଆମେରିକା ଦ୍ୱାରା ପକା ଯାଉଥିବା ଚାପ ପରିପ୍ରେକ୍ଷୀରେ କାନାଡା ଏକ ପ୍ରମୁଖ ଯୋଗାଣକାରୀ ହୋଇପାରେ, ବିଶେଷକରି ଯଦି ଭାରତକୁ କୌଣସି ଦୂର ଦେଶରୁ ଏହାକୁ ଆହରଣ କରିବାକୁ ହୁଏ। ଭାରତୀୟ ରପ୍ତାନୀଗୁଡ଼ିକ ଯଦି ଦ୍ୱିପାକ୍ଷିକ ବ୍ୟବସାୟିକ କାରବାର ଦ୍ୱାରା ପ୍ରୋତ୍ସାହନ ଲାଭ କରେ, ତା'ହେଲେ ୫୦ ବିଲିଅନ୍ ଡଲାରର ଦ୍ୱିପାକ୍ଷିକ କାରବାର ବାସ୍ତବ ରୂପ ନେଇ ପାରିବ, ଯେତେବେଳେ କି ଭାରତ ଏହାର ଶକ୍ତି ଆବଶ୍ୟକତାଗୁଡ଼ିକୁ ପୂରଣ କରିବା ପାଇଁ କାନାଡାକୁ ଏକ ଉତ୍ସ ଭାବରେ ଦେଖୁଛି।■

# ଲିଭ୍-ଇନ୍ ସମ୍ପର୍କ: ସ୍ୱାଧୀନତା ଏବଂ ସଚେତନତା



ନିର୍ମଳ କୁମାର ରଣା

ସାମ୍ପ୍ରତି ଆଧୁନିକ ସମାଜରେ ସ୍ୱାଧୀନତା, ବ୍ୟକ୍ତିଗତ ପସନ୍ଦ ଓ ନିଜସ୍ୱ ଜୀବନଶୈଳୀକୁ ଅଧିକ ଗୁରୁତ୍ୱ ଦିଆଯାଉଛି। ଯୁବ ପିଢ଼ି ନିଜର ଜୀବନ ସମ୍ପର୍କିତ ସିଦ୍ଧାନ୍ତ ନେବାରେ ଆତ୍ମନିର୍ଭର ହେଉଛନ୍ତି। ଏହା ଏକ ସକାରାତ୍ମକ ପରିବର୍ତ୍ତନ ହେଲେ ମଧ୍ୟ ଅନ୍ୟ ପଟେ ଅନେକ ସମୟରେ ଅବିବେକୀ, ଅପରିପକ୍ୱ ସିଦ୍ଧାନ୍ତ ଜୀବନକୁ ଅନାବଶ୍ୟକ ଏବଂ ଜଟିଳ ସମସ୍ୟାରେ ପକାଇ ଦେଉଛି। ବିଶେଷକରି ଅଚିହ୍ନା ଲୋକଙ୍କୁ ଭରସା କରିବା କିମ୍ବା ଜୀବନ ଯୌବନର ପ୍ରଭାବରେ ଲିଭ୍-ଇନ୍ ସମ୍ପର୍କରେ ପ୍ରବେଶ କରିବା ଏକ ଗୁରୁତର ସମାଜିକ ଓ ବ୍ୟକ୍ତିଗତ ପ୍ରଶ୍ନ ହୋଇ ଉଠିଛି। ମିଥ୍ୟା ପ୍ରତିଶ୍ରୁତି, ଛଳନା ଏବଂ ଭବିଷ୍ୟତ କଳନା କରି ନ ପାରି ବହୁ ଯୁବକ ଯୁବତୀ ଏପରି ଏକ ସମ୍ପର୍କ ରଖି ନିଜର ଜୀବନକୁ ବରବାଦ୍ କରି ଦେଉଛନ୍ତି।

ଲିଭ୍-ଇନ୍ ସମ୍ପର୍କକୁ ଆଇନ ଯଦିଓ ମାନ୍ୟତା ଦେଇଛି ଏବଂ ଏହାକୁ ଦୁଇ ଜଣ ସମ୍ମତିପ୍ରାପ୍ତ ବ୍ୟକ୍ତିଙ୍କର ନିଜସ୍ୱ ପସନ୍ଦ ଭାବେ ଦେଖାଯାଏ, କିନ୍ତୁ ସମସ୍ୟା ସେତେବେଳେ ସୃଷ୍ଟି ହୁଏ, ଯେତେବେଳେ ସମ୍ପର୍କର ଭିତ୍ତି ହୋଇଥାଏ କେବଳ ଆକର୍ଷଣ, ଅସ୍ଥାୟୀ ଭାବନା କିମ୍ବା ଅନ୍ଧ ଭାବରେ ଭରସା। ଜୀବନ କେବଳ ଭାବନାରେ ନୁହେଁ, ବରଂ ଦାୟିତ୍ୱ, ସହିଷ୍ଣୁତା ଓ ପରସ୍ପର ପ୍ରତି ସମ୍ମାନରେ ଚାଲେ। ଅନେକ ଘଟଣାରେ ଦେଖାଯାଇଛି, ଅପରିଚିତ ବ୍ୟକ୍ତିଙ୍କ ସହ ଲିଭ୍-ଇନ୍ ସମ୍ପର୍କରେ ଯାଇ ପରେ ମାନସିକ ନିର୍ଯାତନା, ଆର୍ଥିକ ଠକେଇ କିମ୍ବା ଅପରାଧର ଶିକାର ହେବାର ଘଟଣା ବଢ଼ିଛି। ଏହା କେବଳ ନିଜସ୍ୱ ଜୀବନକୁ ନୁହେଁ, ପରିବାର ଓ ସମାଜକୁ ମଧ୍ୟ ପ୍ରଭାବିତ କରେ।

ଅନ୍ୟକୁ ଭରସା କରିବା ଏକ ମୂଲ୍ୟବାନ ଗୁଣ, କିନ୍ତୁ ଏହା ଅନ୍ଧ ଭାବରେ ହେବା ଉଚିତ ନୁହେଁ, ବରଂ ଏହା ବିବେକ ଅନୁମୋଦିତ ଭାବରେ ହେବା ଆବଶ୍ୟକ। ଆଜିର ଡିଜିଟାଲ ଯୁଗରେ ପ୍ରେମର ପରିଚୟ ଅନେକ ସମୟରେ କେବଳ ସୋସିଆଲ ମିଡିଆ ପର୍ଯ୍ୟନ୍ତ ସୀମିତ। ଯାହା ଦେଖାଯାଏ ଯେ ସବୁବେଳେ ପର୍ଯ୍ୟାପ୍ତ ଏକ ବିବେକାନୁମୋଦିତ ସତ୍ୟ ନୁହେଁ। ଏହିପରି ସମୟରେ ବ୍ୟକ୍ତିର ପୃଷ୍ଠଭୂମି, ଚରିତ୍ର, ଆଚରଣ ଓ ପାରିବାରିକ ପରିବେଶ ବିଷୟରେ ସଠିକ୍ ଜ୍ଞାନ ରଖିବା ଆବଶ୍ୟକ। ପ୍ରେମରେ ପ୍ରତାରଣା, ଅପରାଧ ଓ ଠକେଇ ଘଟଣା ବଢ଼ୁଥିବା ସମୟରେ ସଚେତନତା ହିଁ ସର୍ବଶ୍ରେଷ୍ଠ ସୁରକ୍ଷା। ଏକ ଭୁଲ୍ ସିଦ୍ଧାନ୍ତ ଜୀବନର ଦିଗ ବଦଳେଇବା ସହ ଏକ ଭୟଙ୍କର ପରିଣତିରେ ଶେଷ ହୋଇପାରେ। ନୂଆ ପିଢ଼ିରେ ସଂସ୍କାର ଓ ଦାୟିତ୍ୱବୋଧ, ପିତାମାତାଙ୍କର ରହିଥିବା ଆସ୍ଥା ଓ ବିଶ୍ୱାସକୁ ସର୍ବଦା ସ୍ମରଣ କରିବାକୁ ହେବ।

ଆଧୁନିକତାର ଅର୍ଥ ନୁହେଁ ପାରମ୍ପରିକ ମୂଲ୍ୟବୋଧକୁ ଅସ୍ୱୀକାର କରିବା। ବରଂ ସଂସ୍କାର, ପାରିବାରିକ ମୂଲ୍ୟ ଓ ନୀତିଗତ ଶିକ୍ଷା ଯୁବ ପିଢ଼ିଙ୍କୁ ସଠିକ୍ ଦିଗ ଦେଖାଇ ପାରେ। ପିତାମାତାଙ୍କ ଦାୟିତ୍ୱ ପିଲାମାନଙ୍କୁ କେବଳ ଏସବୁ ମନା କରିବା ଭିତରେ ସୀମିତ ନୁହେଁ, ବରଂ ଆତ୍ମବିଶ୍ୱାସ ଓ ଜୀବନର ମୂଲ୍ୟବୋଧ ସମ୍ପର୍କରେ ନିୟମିତ ମାର୍ଗଦର୍ଶନ କରାଇବା। ବିଶେଷତଃ ଯେତେବେଳେ ପିଲାମାନେ ଘର ଛାଡ଼ି ଶିକ୍ଷା କିମ୍ବା ଚାକିରି ପାଇଁ ଘରଠୁ ବାହାରେ ସହରରେ ରହୁଛନ୍ତି, ସେମାନଙ୍କ ସହ ସମୟୋପଯୁକ୍ତ ଯୋଗାଯୋଗ ରଖିବା ଓ ସେମାନଙ୍କ ପରିବେଶ ବିଷୟରେ ଜାଣି ରଖିବା, ସୋସିଆଲ ମିଡିଆରେ ପିଲାମାନଙ୍କ ସ୍ଥିତି ଏବଂ ବନ୍ଧୁ ପରିବେଶ ସମ୍ପର୍କିତ ତଥ୍ୟ ରଖିବା ଅତ୍ୟାବଶ୍ୟକ। ଏହା କେବଳ ଏକ ନିରୀକ୍ଷଣ ନୁହେଁ, ବରଂ ସୁରକ୍ଷା ଓ ସ୍ନେହର ପ୍ରତୀକ ହେବା ଆବଶ୍ୟକ।

ସମସ୍ୟାର ସମାଧାନ କେବଳ ନିଜସ୍ୱ ମାନସିକତାରେ ନୁହେଁ, ସମାଜର ସଚେତନ ଭୂମିକାରେ ମଧ୍ୟ ରହିଛି। ମାଧ୍ୟମ ଓ ଶିକ୍ଷା ପ୍ରଣାଳୀ ଯୁବ ପିଢ଼ିଙ୍କୁ ସଚେତନ କରିବାରେ ମୁଖ୍ୟ ଭୂମିକା ନିର୍ବାହ କରିପାରେ। ସମ୍ପର୍କର ଅର୍ଥ କେବଳ ସହବାସ ନୁହେଁ, ବରଂ ପରସ୍ପର ପ୍ରତି ସମ୍ମାନ, ନିଷ୍ଠା ଓ ଦୀର୍ଘମିଆଦି ଦାୟିତ୍ୱ। ସ୍ୱାଧୀନତା ଏକ ଜରୁରୀ ଆବଶ୍ୟକତା, କିନ୍ତୁ ସଚେତନତା ଓ ଦାୟିତ୍ୱ ବିନା ସ୍ୱାଧୀନତା ଅନେକ ସମୟରେ ଅଦୃଶ୍ୟ ବିପଦକୁ ଡାକି ଆଣେ। ଅଚିହ୍ନା ଲୋକଙ୍କୁ ଭରସା କରିବା ପୂର୍ବରୁ ଭଲ ଭାବେ ଭାବିବା ଆବଶ୍ୟକ। ଯୌବନର ଉଦ୍ଦାମତାରେ ଅନ୍ଧ ନହୋଇ ନିଜ ଜୀବନର ଭବିଷ୍ୟତ, ପିତାମାତାଙ୍କର ରହିଥିବା ଆଶା, ସ୍ନେହ ସର୍ବଦା ମନେ ପକେଇବା ଉଚିତ। ଲିଭ୍-ଇନ୍ ସମ୍ପର୍କ କିମ୍ବା ଯେ କୌଣସି ଜୀବନ ସମ୍ପର୍କିତ ନିଷ୍ପତ୍ତି ନେବା ପୂର୍ବରୁ ଭାବନାଠାରୁ ବିବେକକୁ ଆଗରେ ରଖି କାର୍ଯ୍ୟ କରିବା ଉଚିତ।




ଜୀବନ ଏକ ମୂଲ୍ୟବାନ ଯାତ୍ରା। ଏହାକୁ ଏକ ଅବିବେକୀ, ଅପରିପକ୍ୱ ସିଦ୍ଧାନ୍ତରେ ସଙ୍କଟମୟ କରିବା ଠିକ୍ ନୁହେଁ। ନିଜ ସମ୍ପର୍କରେ ସର୍ବଦା ସଚେତନ ରୁହନ୍ତୁ, ସୁରକ୍ଷିତ ରୁହନ୍ତୁ, ଓ ସଠିକ୍ ନିଷ୍ପତ୍ତି ନିଅନ୍ତୁ।■

ପୁରୁଣା କଟକ, ବୌଦ୍ଧ
ମୋ: ୯୯୩୭୬୬୯୫୫୧

# କ୍ରୋଧ ନିଆଁର ନିର୍ବାପନ

କାହା ସାଙ୍ଗରେ ନା କାହା ସାଙ୍ଗରେ ବେଳେ ବେଳେ ପାଟିଗୋଳ ଲାଗିଯାଏ। ପାଟିଗୋଳଟି ଯେତିକି ଜୋର୍‌ରେ ହେଇଥାଏ, ମିଳାମିଶା ହେବାକୁ ସେତିକି ଡେରି ହୁଏ। ଯେମିତି ପାଣି ଯେତିକି ଗରମ ଥାଏ ହାତ ସେତିକି ଅଧିକ ତାତିଯାଏ, ସେମିତି କ୍ରୋଧରେ ବାଣୀ ଯେତିକି ତାତିଯାଏ ମନ ସେତିକି ପୋଡ଼ିଯାଏ। ଆଉ ରାଗ ବେଳେ ଯାହା କହିଥାଅ, ତା'ର ପ୍ରାୟଶ୍ଚିତ ହେବା ବହୁ କଷ୍ଟ। ମନେକର ଜଣେ ଛୁଞ୍ଚିରେ ପ୍ଲାଷ୍ଟିକ୍‌ଟିଏ ଫୁଟାଉଛନ୍ତି। ପ୍ଲାଷ୍ଟିକ୍ ଟାଣ ଅଛି। ସେଥିରେ ଛୁଞ୍ଚି ସହଜରେ ଯିବନି। ସେଇ ଛୁଞ୍ଚିକୁ ତତେଇ ଦେଲେ ପ୍ଲାଷ୍ଟିକ୍‌ରେ ସହଜରେ ପଶିଯିବ। ସେମିତି ଥଟ୍ଟା ପରିହାସରେ କହିଥିବା କଥା ହେଉଛି ଥଣ୍ଡା ଥିବା ଛୁଞ୍ଚି ଭଳି। ହସରେ ହସରେ କଥାଟିଏ ଚଳିଯାଏ। ତଥାପି ମନରେ କଷ୍ଟ ହୋଇଥାଏ। ପରେ ଏହାର ସମାଧାନ ହୋଇପାରେ। ହସି ହସି କହିଥିବା କଥା ପାଇଁ କ୍ଷମା ମାଗିହୁଏ। ପୁଣି କଥାବାର୍ତ୍ତା ହୁଏ। କିନ୍ତୁ ଉତ୍ତପ୍ତ ଛୁଞ୍ଚି ଟାଣ ପ୍ଲାଷ୍ଟିକ୍‌କୁ ଭେଦ କଲା ଭଳି କ୍ରୋଧ ସମୟର କଥା ବହୁତ ପୀଡ଼ା ଦିଏ। ଲୁହାର ଉତ୍ତପ୍ତ ଅବସ୍ଥା ଯାହା, ମଣିଷର କ୍ରୋଧ ଅବସ୍ଥା ସେଇଆ। ନିଜର କ୍ରୋଧ ଅବସ୍ଥାକୁ ଜଗିବା ମଣିଷର ଅନେକ ଭଲ ଗୁଣ ଭିତରୁ ଗୋଟିଏ ସୁଗୁଣ। ଆମେ ଅନ୍ୟର କ୍ରୋଧକୁ ଦେଖିପାରୁ। ନିଜର କ୍ରୋଧକୁ ସହଜରେ ଦେଖି ପାରୁନା। ନିଜେ ଶାନ୍ତ ହୋଇଗଲା ପରେ ଆମେ ଜାଣିପାରୁ ଯେ 'ମୁଁ ରାଗିଥିଲି। ସେହି ଅବସ୍ଥାରେ କ'ଣ ନାଇଁ କ'ଣ କହି ଦେଇଛି।'

ପଦାରବିନ୍ଦ

ବାସ୍ତବରେ ରାଗିଥିବା ଲୋକକୁ ଭଲ କଥା ବି ଖରାପ ଲାଗେ। କିଛି ଚତୁର ଲୋକ ଅଛନ୍ତି, ଯଦି ଆପତ୍ତି ଅଭିଯୋଗ ଥାଏ, ଆଉ ବାବୁ ରାଗି ଥାଆନ୍ତି, ତେବେ ସେ ସମୟରେ ବାବୁଙ୍କ ପାଖ ମାଡ଼ନ୍ତିନି। ବାବୁ ଶାନ୍ତ ଥିଲା ବେଳେ କାମ ହାସଲ କରନ୍ତି। ଲୋକେ ରାଗ ଅବସ୍ଥାକୁ ଗରମ ଆଉ ଶାନ୍ତ ଅବସ୍ଥାକୁ ଥଣ୍ଡା ବୋଲି କୁହନ୍ତି। ଏ କଥାଟି କୋଉ କାଳରୁ ଚଳି ଆସିଛି। ଯିଏ ବି କ୍ରୋଧ ଓ ଶାନ୍ତପଣ ପାଇଁ ଏ ଦୁଇଟି ଶବ୍ଦ ଯୋଡ଼ିଛନ୍ତି, ଖୁବ୍ ଚତୁରତାର ସହିତ କହିଛନ୍ତି। କାରଣ, ଗରମ ତାୱାରେ ପାଣି ପଡ଼ିଲେ ସାଙ୍ଗେ ସାଙ୍ଗେ ବାଷ୍ପ ହୋଇଯିବ। ଥଣ୍ଡା ଜାଗାରେ ପାଣି କିଛି ସମୟ ରୁହେ। ସେମିତି କ୍ରୋଧିତ ଅବସ୍ଥାରେ ସବୁ ଅନୁରୋଧ ଆବେଦନ ଧୂଆଁ ହୋଇଯାଏ। ତେଣୁ କ୍ରୋଧୀ ମଣିଷ ସହିତ ହୁସିଆରୀରେ କାରବାର କରିବାକୁ ହୁଏ। କାରଣ ନିଆଁରେ ପାଣି ତାତିଯାଏ। କ୍ରୋଧରେ ବାଣୀ ତାତିଯାଏ। ନିଆଁରେ ବସିଥିବା ପାଣିରେ ଦେହ ପୋଡ଼ିଯାଏ। କ୍ରୋଧିତ ଅବସ୍ଥାର ବାଣୀରେ ମନ ପୋଡ଼ିଯାଏ। ତତଲା ପାଣିରୁ ବାମ୍ଫ ବାହାରେ। ତତଲା ବାଣୀରୁ ଘୃଣା ବାହାରେ। ଯେମିତି ଜଳନ୍ତା ଚୁଲା ଉପରେ ତାୱା ରଖିଲେ ତାହା ଗରମ ହୋଇଯାଏ, ସେଇ ତାୱା ଉପରେ ପିଠା ଖଡ଼ିକା ଥିଲେ ତାହା ବି ଗରମ ହୋଇଯାଏ; ସେମିତି କ୍ରୋଧରେ ଥିବା ମଣିଷ ପାଖରେ କିଛି ସମୟ ରହିଲେ ତା'ର ପ୍ରଭାବରେ ସାଧାରଣ ମଣିଷ ଭିତରେ କ୍ରୋଧ ଜାତ ହୁଏ। ଏହି କ୍ରୋଧ ଜନ୍ମ ହେବାକୁ ସହଜରେ ଅନୁଭବ କରି ହୁଏନା। ତେଣୁ କ୍ରୋଧର ନିଆଁ ଲିଭେଇବାକୁ ସାଧନାର ଆଶ୍ରୟ ନେବାକୁ ହେବ।■

## ସମ୍ପାଦକଙ୍କୁ ପତ୍ର

### କାଳବୈଶାଖୀ ସମୟରେ ସତର୍କତା

ଏବେ ରାଜ୍ୟରେ ପ୍ରବଳ ଖରା ସହ ଗୁଳୁଗୁଳି ଅନୁଭୂତ ହେଉଛି। ତା' ସାଙ୍ଗକୁ କିଛି ସ୍ଥାନରେ ତାପମାତ୍ରା ମଧ୍ୟ ୪୦ ଡିଗ୍ରୀ ଉପରେ ରହୁଛି। ପ୍ରବଳ ଖରା ହେଉଥିବା ଯୋଗୁଁ ମଧ୍ୟାହ୍ନରେ କାଳବୈଶାଖୀ ବର୍ଷା ପ୍ରାୟ ଅଧିକାଂଶ ଦିନ ହେଉଛି। କାଳବୈଶାଖୀରେ ପ୍ରଚଣ୍ଡ ପବନ ହେବା ସହ ଘଡ଼ଘଡ଼ି ମାରିଥାଏ। ଅନେକ ସ୍ଥାନରେ ବିଦ୍ୟୁତ୍ ଖୁଣ୍ଟ ଉପୁଡ଼ିବା ସହ ବଡ଼ବଡ଼ ଗଛ ମଧ୍ୟ ଉପୁଡ଼ି ପଡୁଛି। ଘଡ଼ଘଡ଼ି ପ୍ରଚଣ୍ଡ ହେବା ସହ ଧନ ଜୀବନର କ୍ଷତି ପ୍ରାୟ ଅଧିକ ଦେଖିବାକୁ ମିଳୁଛି। ଯେହେତୁ ମଣିଷ ଜୀବନ ମୂଲ୍ୟବାନ ଅଟେ, ତେଣୁ ଘଡ଼ଘଡ଼ି ପ୍ରତି ଯଥେଷ୍ଟ ସତର୍କ ରହିବାର ଆବଶ୍ୟକତା ରହିଛି।


ସୌମ୍ୟରଞ୍ଜନ ପଣ୍ଡା, କ୍ରିଡାଶପୁର, ନୟାଗଡ଼

ଲେଖା ପଠାଇବାର ଠିକଣା, ସମ୍ପାଦକ, 'ନିତିଦିନ', Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, e-mail: nitidinedit@gmail.com

# ୨୮ରେ ରାଉରକେଲା ଓକିଲ ସଂଘ ନିର୍ବାଚନ

**ରାଉରକେଲା,୫।୩/ଏନ୍ଏନ୍ଏସ୍:** ଓଡ଼ିଶା ରାଜ୍ୟ ଆଇନଜୀବୀ ପରିଷଦ (ଓଏସ୍‌ବିସି) ଓଡ଼ିଶାର ସମସ୍ତ ଓକିଲ ସଂଘର ଆଗାମୀ ୨୦୨୬-୨୭ ବର୍ଷ ପାଇଁ କର୍ମକର୍ତ୍ତା ଓ କାର୍ଯ୍ୟକାରୀ କମିଟି ନିର୍ବାଚନ ଚଳିତ ମାସ ୨୮ ତାରିଖରେ ହେବ। ଏହି ନିର୍ବାଚନକୁ ସୂଚାରୁରୂପେ ପରିଚାଳନା କରିବା ପାଇଁ ରାଉରକେଲା ଓକିଲ ସଂଘର ସାଧାରଣ ପରିଷଦ ବୈଠକରେ ସଂଘର ବରିଷ୍ଠ ସଦସ୍ୟ ଆଇନଜୀବୀ ସରୋଜ ନାରାୟଣ ମହାପାତ୍ରଙ୍କୁ ନିର୍ବାଚନ ଅଧିକାରୀ ଭାବେ ନିଯୁକ୍ତି ପ୍ରଦାନ କରାଯାଇଛି। ଶ୍ରୀ ମହାପାତ୍ର ଦାୟିତ୍ୱ ଗ୍ରହଣ କଲାପରେ ଓଏସ୍‌ବିସି ନୋଟିଫିକେସନ୍ ଅନୁଯାୟୀ ଆଗାମୀ ନିର୍ବାଚନ ପାଇଁ ବିଧିବଦ୍ଧ ବିଜ୍ଞପ୍ତି ଜାରି କରିଛନ୍ତି। ବିଜ୍ଞପ୍ତି ଅନୁଯାୟୀ ମାର୍ଚ୍ଚ ୭ରୁ ୯ ତାରିଖ ନାମାଙ୍କନ ପତ୍ର ଦାଖଲ, ୧୦ରେ ପ୍ରାର୍ଥୀପତ୍ର ପ୍ରକାଶ, ୧୧ରେ ନାମାଙ୍କନ ପତ୍ର ଯାଞ୍ଚ, ୧୨ରେ ବୈଧ ପ୍ରାର୍ଥୀ ତାଲିକା ପ୍ରକାଶ, ୧୩ରେ ନାମାଙ୍କନ ପତ୍ର ପ୍ରତ୍ୟାହାର, ୧୪ରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ସହିତ ୨୮ ତାରିଖ ସକାଳ ୭.୩୦ରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ଭୋଟ୍ ଗ୍ରହଣ ଓ ଅପରାହ୍ନ ୪ଟା ପରେ ଭୋଟ୍ ଗଣତି ହୋଇ ସେହିଦିନ ଫଳାଫଳ ପ୍ରକାଶ କରାଯିବ ବୋଲି ନିର୍ବାଚନ ଅଧିକାରୀ ଶ୍ରୀ ମହାପାତ୍ର ଏକ ପ୍ରେସ୍ ବିବୃତିରେ ଜଣାଇଛନ୍ତି। ଏହାସହ ସମସ୍ତ ସଦସ୍ୟଙ୍କ ସହଯୋଗ କାମନା କରିଛନ୍ତି।

# ହାତୀ ଉପଦ୍ରବରେ ଧାନ ଓ ତରଭୁଜ ଚାଷ ନଷ୍ଟ



**ବୌଦ୍ଧ,୫।୩/ଏନ୍ଏନ୍ଏସ୍:** ବୌଦ୍ଧ ଜିଲ୍ଲାରେ ଜଙ୍ଗଲୀ ହାତୀଙ୍କ ଉପଦ୍ରବ ଦିନକୁଦିନ ବଢୁଥିବାବେଳେ ଚାଷୀମାନେ ବିଶେଷ କ୍ଷତିଗ୍ରସ୍ତ ହେଉଛନ୍ତି। ବୌଦ୍ଧ ବନଖଣ୍ଡ ଅନ୍ତର୍ଗତ ଖୁଣ୍ଟବନ୍ଧ ପଞ୍ଚାୟତର ଶରଧାପୁର ଓ ଚଣ୍ଡିଗଡ଼ ଗ୍ରାମରେ ଏକ ହାତୀପଲ ଚାଷ ଜମିରେ ପଶି ଏକର ଏକର ତରଭୁଜ ଓ ଡାଲୁଅ ଧାନ ଚାଷ ନଷ୍ଟ କରିଦେଇଥିବା ଅଭିଯୋଗ ହୋଇଛି। ସୂଚନାନୁଯାୟୀ ବେନ୍ଦିରିପାଲି ଗ୍ରାମର ଚାଷୀ ସନ୍ତୋଷ କୁମାର ଦେହୁରୀ, ଚନ୍ଦ୍ରଶେଖର ଦେହୁରୀ, ସଞ୍ଜୟ ପ୍ରଧାନ ଓ ରବି ଦେହୁରୀ ଚଣ୍ଡିଗଡ଼ ଅଞ୍ଚଳରେ ପ୍ରାୟ ୬ ଏକର ଜମିରେ ଡାଲୁଅ ଧାନ ଚାଷ କରିଥିଲେ। କିନ୍ତୁ ସୋମବାର ରାତିରେ ହାତୀପଲ ଚାଷ ଜମିରେ ପଶି ଧାନ ଗଛ ଖାଇବା ସହ ମାଡ଼ିଦଳି ସମ୍ପୂର୍ଣ୍ଣ ଫସଲ ନଷ୍ଟ କରିଦେଇଥିବା ଦେଖିବାକୁ ମିଳିଛି। ସେହିପରି ଶରଧାପୁରରେ ଚାଷୀ ସଙ୍କୀର୍ତ୍ତନ ମହାକୁଡ଼ ଓ ମନୋରଞ୍ଜନ ସର୍ଦ୍ଦାରସିଂ ପ୍ରାୟ ୪ରୁ ୫ ଏକର ଜମିରେ ତରଭୁଜ ଚାଷ କରିଥିଲେ। ହାତୀପଲ ଏହି ଚାଷ ଜମିରେ ପଶି ତରଭୁଜ ଖାଇବା ସହ ମାଡ଼ିଦଳି ନଷ୍ଟ କରିଦେଇଥିବାରୁ ପ୍ରାୟ ୫୦ରୁ ୬୦ ପ୍ରତିଶତ ତରଭୁଜ ନଷ୍ଟ ହୋଇଥିବା ଜଣାପଡ଼ିଛି। ଚାଷୀମାନେ ଋଣ କରି ଚାଷ କରିଥିବାବେଳେ ଏପରି କ୍ଷତି ହେବାରୁ ବର୍ତ୍ତମାନ କିପରି ଋଣ ପରିଶୋଧ କରିବେ ସେନେଇ ଚିନ୍ତାରେ ପଡ଼ିଛନ୍ତି। ଘଟଣାକୁ ୪ ଦିନ ବିତିଯାଇଥିଲେ ମଧ୍ୟ ବନ ବିଭାଗ ଓ ରାଜସ୍ୱ ଅଧିକାରୀଙ୍କୁ ଯୋଗାଯୋଗ କରିଥିଲେ ମଧ୍ୟ ସମ୍ପର୍କ ସ୍ଥାପିତ ହୋଇପାରିନଥିବାରୁ ଚାଷୀମାନେ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ତେଣୁ ତୁରନ୍ତ କ୍ଷତିର ଆକଳନ କରି ସରକାରୀ ସହାୟତା ଓ କ୍ଷତିପୂରଣ ଦେବାକୁ ଚାଷୀମାନେ ଦାବି କରିଛନ୍ତି। ଯଦି କ୍ଷତିପୂରଣ ମିଳିବାରେ ବିଳମ୍ବ ହୁଏ, ତେବେ ବନ ବିଭାଗ ଓ ରାଜସ୍ୱ ନିରୀକ୍ଷକଙ୍କ କାର୍ଯ୍ୟାଳୟ ଆଗରେ ଧାରଣା ଦେବେ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

# ଗ୍ରୀଷ୍ମପ୍ରବାହ ମୁକାବିଲା ପାଇଁ ପ୍ରଶାସନିକ ପ୍ରସ୍ତୁତି

**ରାୟଗଡ଼ା,୫।୩/ଏନ୍ଏନ୍ଏସ୍:** ଜିଲ୍ଲାପାଳ ଆଶୁତୋଷ କୁଲକର୍ଣ୍ଣିଙ୍କ ଅଧ୍ୟକ୍ଷତାରେ ଗ୍ରୀଷ୍ମପ୍ରବାହ ତଥା ରୌଦ୍ରତାପକୁ ମୁକାବିଲା କରିବା ନିମନ୍ତେ ଏକ ପସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଚଳିତ ମାର୍ଚ୍ଚ, ଏପ୍ରିଲ୍ ଓ ମେ' ମାସରେ ଗ୍ରୀଷ୍ମପ୍ରବାହ ସହ ଅଂଶୁଘାତ ନିୟନ୍ତ୍ରଣ ପାଇଁ କିପରି ପ୍ରସ୍ତୁତି ହେବା ଆବଶ୍ୟକ ସେବିଷୟରେ ଜିଲ୍ଲାର ବିଭିନ୍ନ ଅଧିକାରୀଙ୍କ ସହ ଜିଲ୍ଲାପାଳ ଆଲୋଚନା କରିଥିଲେ। ଚଳିତ ବର୍ଷର ପ୍ରଥମାର୍ଦ୍ଧରୁ ହିଁ ପ୍ରବଳ ଗ୍ରୀଷ୍ମପ୍ରବାହ ଜିଲ୍ଲାରେ ଆରମ୍ଭ ହୋଇଥିବାବେଳେ ଆଗକୁ ଏହା ଆହୁରି ତୀବ୍ର ରୂପ ନେବାର ଆଶଙ୍କା ରହିଛି। ତେଣୁ ବିଭିନ୍ନ ସମୟରେ ଅଂଶୁଘାତ ହୋଇ ଜୀବନ ପ୍ରତି ବିପଦ ମଧ୍ୟ ସୃଷ୍ଟି ହେବାର ସମ୍ଭାବନା ରହିଛି । ତେଣୁ ସ୍ୱାସ୍ଥ୍ୟ ବିଭାଗକୁ ଉପଯୁକ୍ତ ପରିମାଣରେ ଓଆର୍ଏସ୍ ପ୍ୟାକେଟ୍ ଓ ଔଷଧ ମହଜୁଦ ରଖିବା ସହିତ ସଜାଗ ରହିବାକୁ କୁହାଯାଇଛି। ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ମଧ୍ୟରେ ଏକ ସ୍ୱତନ୍ତ୍ର ଅଂଶୁଘାତ କକ୍ଷ କରାଯିବା ସହ ଅଂଶୁଘାତ ରୋଗୀଙ୍କ ପାଇଁ ସମସ୍ତ ପ୍ରକାର ଆଶୁ ଚିକିତ୍ସା ବ୍ୟବସ୍ଥାକୁ ତ୍ୱରାନ୍ୱିତ କରିବା ପାଇଁ କୁହାଯାଇଛି। ସେହିପରି ବିଭିନ୍ନ ଗ୍ରାମାଞ୍ଚଳ, ପୌରପରିଷଦ, ବ୍ଲକ୍ ଓ ଏନ୍ଏସି ପକ୍ଷରୁ ଜଳଛତ୍ର ଖୋଲାଯିବାକୁ ସ୍ୱତନ୍ତ୍ର ଜିଲ୍ଲାପରିଷଦ ବୈଠକରେ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକୁ ସିଡିଓ ତଥା ଇଓ ଜିଲ୍ଲାପରିଷଦ ଅକ୍ଷୟ କୁମାର ଖେମୁଣ୍ଡୁ ବୈଠକରେ ପୁଣିଥରେ ବିଡିଓଙ୍କୁ ସୂଚନା ଦେଇଥିଲେ। ଜିଲ୍ଲାର ସମସ୍ତ ଗ୍ରାମରେ ଜଳକ୍ଲିଷ୍ଟ ସ୍ଥାନ ଗୁଡ଼ିକରେ ପାନୀୟଜଳ ବ୍ୟବସ୍ଥା କରାଯିବା, ଅଚଳ ନଳକୂପ ଓ ସୌରଚାଳିତ ନଳକୂପ ଗୁଡ଼ିକ କାର୍ଯ୍ୟକ୍ଷମ କରିବା ନିମନ୍ତେ ଜିଲ୍ଲା ଗ୍ରାମୀୟ ଜଳଯୋଗାଣ ସଂସ୍ଥା ନିର୍ବାହୀ ଯନ୍ତ୍ରୀଙ୍କୁ କୁହାଯାଇଛି। ଖରାପ ନଳକୂଅ ତୁରନ୍ତ ମରାମତି କରିବାକୁ କୁହାଯାଇଛି। ମଧ୍ୟାହ୍ନରେ ବାହାରେ ବୁଲିବାବେଳେ ପାଣି ବୋତଲ, ଛତା, ଟୋପି ଓ ଓଦା କପଡ଼ା ଆଦି ମୁଣ୍ଡରେ ପକାଇ ଯାତାୟାତ କରିବା ଏବଂ ଏନେଇ ଜିଲ୍ଲାର ସମସ୍ତ ଜନସାଧାରଣଙ୍କୁ ବ୍ୟାପକ ସଚେତନ କରାଇବାକୁ ମଧ୍ୟ ବିଭିନ୍ନ ବ୍ୟବସ୍ଥା ପାଇଁ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ବନ୍ୟଜନ୍ତୁଙ୍କ ନିମନ୍ତେ ପିଇବା ପାଣି ବ୍ୟବସ୍ଥା କରିବାକୁ ବନ ବିଭାଗ ଅଧିକାରୀଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। ଅଂଶୁଘାତରେ ଯଦି କାହାର ମୃତ୍ୟୁ ହୁଏ ତେବେ ତୁରନ୍ତ ରିପୋର୍ଟ ପ୍ରଦାନ କରିବାକୁ ମଧ୍ୟ ତହସିଲଦାର୍ ଓ ବିଡିଓଙ୍କୁ ନିର୍ଦ୍ଦେଶ ଦିଆଯାଇଛି।

# 'ପ୍ରାକୃତିକ ସମ୍ପଦର ବିକ୍ରି ଦ୍ୱାରା ରାଜ୍ୟର ବିକାଶ ନୁହେଁ ବିନାଶ ହେବ'

**ଭବାନୀପାଟଣା,୫।୩/ଏନ୍ଏନ୍ଏସ୍:** ଜଳ, ଜଙ୍ଗଲ, ଜମି ଓ ଜୀବିକା ସୁରକ୍ଷା ଏବଂ ବଞ୍ଚିବାର ଅଧିକାର ନେଇ ସବୁଜ ନୋବେଲପ୍ରାପ୍ତ ପରିବେଶବିତ୍ ପ୍ରଫୁଲ୍ଲ ସାମନ୍ତରାୟଙ୍କ ନେତୃତ୍ୱରେ ଗତ ଫେବୃଆରୀ ୨୫ରୁ କଟକ ଜିଲ୍ଲା ସତ୍ୟମହାପୁର ଉତ୍କଳମଣି ମଧୁସୂଦନ ଦାସଙ୍କ ଜନ୍ମପୀଠରୁ ଲୋକ ଅଧିକାର ଯାତ୍ରା ଶୁଭାରମ୍ଭ ହୋଇଛି। ମାର୍ଚ୍ଚ ୨୯ ଲକ୍ଷମନ ନାଏକ ବଳିଦାନ ଦିବସ ଭୁବନେଶ୍ୱରରେ ସମସ୍ତ ପରିବେଶବିତ୍, ପ୍ରକୃତି ପ୍ରେମୀ, ଜଳ, ଜଙ୍ଗଲ ଓ ସୁରକ୍ଷା ପାଇଁ ଅହରହ ସଂଗ୍ରାମ କରୁଥିବା ସଂଗ୍ରାମୀଙ୍କୁ ନେଇ ଏକ ସମାବେଶ ଅନୁଷ୍ଠିତ ହେବ। ଏନେଇ କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚ ଆବାହକ ସୁରେଶ ରାଓଙ୍କ ସଭାପତିତ୍ୱରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଚାଷୀ ନେତା ଲିଙ୍ଗରାଜ ପ୍ରଧାନ ଘୋଷଣା କରିଛନ୍ତି। ଅନ୍ୟମାନଙ୍କ ମଧ୍ୟରେ ଡ଼. ବିଶ୍ୱଜିତ ରାୟ, ଲିଙ୍ଗରାଜ ଆଜାଦ, ସତ୍ୟ ମହାର, ବାଲା ଷଣ୍ଡ, ବାମସେଫ୍ ରାଜ୍ୟ ସଭାପତି ମାଧବ ସୁନାନୀ, ସଞ୍ଜୀବ ମାଝୀ ଓ ସୁରେଶ ମହାନନ୍ଦ ପ୍ରମୁଖ ମଞ୍ଚାସୀନ ଥିଲେ। ଗତ ୨୪ ବର୍ଷର ବିଜେଡି ସରକାର ଏବଂ ବର୍ତ୍ତମାନ ଦୁଇ ବର୍ଷର ଡବଲ୍ ଇଞ୍ଜିନ ସରକାର ଦ୍ରୁତ ଶିଳ୍ପାୟାନ ଓ ୨୦୩୬ରେ ବିକଶିତ ଓଡ଼ିଶା ଗଠନ ଦ୍ୱାହି ଦେଇ ଓଡ଼ିଶାର ଖଣି ଖାଦାନକୁ ରାଷ୍ଟ୍ରାୟତ କମ୍ପାନୀ ଗୁଡ଼ିକୁ ଟେକି ଦେଉଛନ୍ତି। ହେଲେ ଖଣି ଖାଦାନକୁ ବିକ୍ରି କରି ଓଡ଼ିଶାର ବିକାଶ ହେବ ନାହିଁ ବରଂ ଓଡ଼ିଶାର ଭବିଷ୍ୟତ ଅନ୍ଧକାରମୟ ହେବ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାସହ ବିକାଶ ନାମରେ ହେଉଥିବା ଖଣି ଖାଦାନ ଲୁଟ୍ ସମ୍ପର୍କରେ ଲୋକଙ୍କୁ ଅବଗତ କରେଇବା ଏହି ଲୋକ ଅଧିକାର ଯାତ୍ରାର ମହତ୍ତ୍ୱ ବୋଲି ବକ୍ତାମାନେ କହିଥିଲେ। ରାଜ୍ୟର ପ୍ରାକୃତିକ ସମ୍ପଦକୁ ବିକ୍ରି କରି ରାଜ୍ୟର ବିକାଶ ନୁହେଁ ବରଂ ବିନାଶ ହେବ। ଖଣି ଖାଦାନକୁ ବିକ୍ରି କରି ୨୦୩୬ ବିକଶିତ ଓଡ଼ିଶାରେ ବଡ଼ ବଡ଼ କୋଠା ଓ ୮ ଲେନ୍ ରାସ୍ତା ଥିବ। ହେଲେ ନଦୀରେ ପାଣି ଓ ବାଲି ନଥିବ ଯଦି ଆମେ ଜଳ, ଜଙ୍ଗଲ, ଜମିକୁ ସୁରକ୍ଷା ନଦେବା ତା'ହେଲେ ଆଗାମୀ ଦିନରେ ଓଡ଼ଶା ଅନ୍ଧକାରମୟ ହେବ ବୋଲି ଶ୍ରୀ ସାମନ୍ତରାୟ ପ୍ରକାଶ କରିଥିଲେ। ଏହି କାର୍ଯ୍ୟକ୍ରମରେ ଦେବେନ୍ଦ୍ର ଭୁଜବଳ, ଅଭିମନ୍ୟୁ ମହାନନ୍ଦ, ତ୍ରିନାଥ ନାଏକ, ଦୋଳମଣୀ ମାଝୀଙ୍କ ସହ ବହୁ ମାତ୍ରାରେ ଗଣମାଧ୍ୟମ ପ୍ରତିନିଧି ଓ ସାଧାରଣ ଲୋକେ ସାମିଲ୍ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ କଳାହାଣ୍ଡି ସ୍ୱାଭିମାନ ସୁରକ୍ଷା ମଞ୍ଚ ଆବାହକ ସୁରେଶ ରାଓ ଅତିଥି ପରିଚୟ ପ୍ରଦାନ ଓ ମଞ୍ଚ ପରିଚାଳନା କରିଥିଲେ।



# ମାଛ ଚାଷ ଉପରେ ପ୍ରାୟୋଗିକ ପ୍ରଶିକ୍ଷଣ



**ବଲାଙ୍ଗୀର,୫।୩/ଏନ୍ଏନ୍ଏସ୍:** ବଲାଙ୍ଗୀର ଜିଲ୍ଲା ମାଛଚାଷ ବିଭାଗ ଓ ଯୁବୋଦୟ କଲେଜ ଅଫ୍ ଆଡଭାନ୍ସ ଏଣ୍ଡ ଟେକ୍ନୋଲୋଜି ମିଳିତଭାବେ ଯୁକ୍ତତିନି ଛାତ୍ରଛାତ୍ରୀଙ୍କ ପାଇଁ ଏକ ଶିକ୍ଷାତ୍ମକ ଭ୍ରମଣ ଆୟୋଜନ କରିଥିଲା। ମାଛ ଚାଷ ଓ ମତ୍ସ୍ୟ ପ୍ରବନ୍ଧନ ସମ୍ପର୍କିତ ବିଭିନ୍ନ ପ୍ରକ୍ରିୟାକୁ ପ୍ରାୟୋଗିକ ଭାବେ ଅଧ୍ୟୟନ କରାଇବା ଏହି ଭ୍ରମଣର ମୁଖ୍ୟ ଉଦ୍ଦେଶ୍ୟ। ଏହି କାର୍ଯ୍ୟକ୍ରମ ପାଟଣାଗଡ଼ର ସପନ ଫିଶ ସିଡ୍ ଫାର୍ମରେ ଆୟୋଜିତ ହୋଇଥିଲା। ଏଥିରେ ବଲାଙ୍ଗୀର ଜିଲ୍ଲାର ମାଛ ଚାଷ ଅଧିକାରୀ ପ୍ରଫୁଲ୍ଲ କନହର, ସହକାରୀ ମାଛ ଚାଷ ଅଧିକାରୀ ମୁକେଶ ଓ ଫାର୍ମର ମାଲିକ ସପନ କୁମାର ପାତ୍ର ଉପସ୍ଥିତ ରହି ଛାତ୍ରଛାତ୍ରୀଙ୍କୁ ମାଛଚାଷ ସମ୍ପର୍କିତ ବିଭିନ୍ନ ପ୍ରକ୍ରିୟା ବିଷୟରେ ସ୍ୱଷ୍ଟ ଓ ପ୍ରାୟୋଗିକ ତଥ୍ୟ ଜଣାଇଥିଲେ। ଏହି ସମୟରେ ଛାତ୍ରଛାତ୍ରୀମାନେ ମାଛ ଚାଷ ପ୍ରଣାଳୀ, ମାଛ ଚାରା ଉତ୍ପାଦନ, ପୋଖରୀ ପ୍ରବନ୍ଧନ ଓ ଆଧୁନିକ ଆକ୍ୱାକଲଚର୍ ପ୍ରଣାଳୀ ବିଷୟରେ ବିସ୍ତୃତ ଜ୍ଞାନ ଅର୍ଜନ କରିଥିଲେ। ତେଣୁ ସେମାନେ ପାଠ୍ୟକ୍ରମରେ ଯାହା ପଢୁଛନ୍ତି, ତାହାକୁ ପ୍ରାୟୋଗିକ ଭାବେ ଦେଖିବା ଓ ବୁଝିବାର ଏକ ଭଲ ସୁଯୋଗ ପାଇଥିଲେ। ଶେଷରେ ସମସ୍ତ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ଶିକ୍ଷକଙ୍କୁ ପ୍ରଶିକ୍ଷଣ ସମ୍ପୂର୍ଣ୍ଣ ମାନପତ୍ର ପ୍ରଦାନ କରାଯାଇଥିଲା। ଏହି ପରିପ୍ରେକ୍ଷୀରେ ମହାବିଦ୍ୟାଳୟର ନିର୍ଦ୍ଦେଶକ ଅମ୍ବରୀଶ ଦାଶ କହିଥିଲେ ଯେ ଏପରି ଶିକ୍ଷାତ୍ମକ ଭ୍ରମଣ ଓ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଛାତ୍ରଛାତ୍ରୀଙ୍କ ଜ୍ଞାନକୁ ଅଧିକ ଗଭୀର କରିବା ସହିତ ସେମାନଙ୍କ ପ୍ରାୟୋଗିକ ଦକ୍ଷତାକୁ ମଧ୍ୟ ବୃଦ୍ଧି କରିଥାଏ। ଏହା ତାଙ୍କ ଭବିଷ୍ୟତ ଶିକ୍ଷା ଓ କ୍ୟାରିୟର୍ ପାଇଁ ମଧ୍ୟ ଅତ୍ୟନ୍ତ ଉପକାରୀ ହେବ ବୋଲି ସେ ମତପ୍ରକାଶ କରିଥିଲେ।

## ଜିଲ୍ଲାପାଳଙ୍କ ବ୍ରଜରାଜନଗର ଗସ୍ତ

# ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା

- ଇବ୍ ନଦୀପଠାର ହେବ ସୌନ୍ଦର୍ଯ୍ୟକରଣ
- ନିର୍ମାଣ ହେବ ଅତ୍ୟାଧୁନିକ ବୃଦ୍ଧାଶ୍ରମ
- ଜାତୀୟ ରାଜପଥ ହେବ ଅବରୋଧମୁକ୍ତ ଓ ସ୍ୱଚ୍ଛ
- ପର୍ଯ୍ୟଟନ ଓ କ୍ରୀଡ଼ା ଭିତ୍ତିଭୂମି ଉପରେ ଗୁରୁତ୍ୱ



**ଝାରସୁଗୁଡ଼ା,୫।୩/ଏନ୍ଏନ୍ଏସ୍:** ସହରର ସର୍ବାଙ୍ଗୀନ ବିକାଶ ଓ ସୌନ୍ଦର୍ଯ୍ୟକରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଲକ୍ଷ୍ୟରେ ଜିଲ୍ଲାପାଳ କୁଣାଲ ମୋତିରାମ ଚୌହ୍ୱାଣ ବ୍ରଜରାଜନଗର ଗସ୍ତ କରିଛନ୍ତି। ଏହି ସମୟରେ ଜିଲ୍ଲାପାଳ ବିଭିନ୍ନ ପ୍ରସ୍ତାବିତ ଓ ନିର୍ମାଣଧୀନ ଉନ୍ନୟନମୂଳକ କାର୍ଯ୍ୟର କ୍ଷେତ୍ର ପରିଦର୍ଶନ କରିବା ସହ ଏହାର ସମୀକ୍ଷା କରିଛନ୍ତି। ବିଶେଷକରି କ୍ରୀଡ଼ା ଭିତ୍ତିଭୂମିକୁ ସୁଦୃଢ଼ କରିବା ପାଇଁ ଇଣ୍ଡୋର ଷ୍ଟାଡିୟମ୍ ଏବଂ ସାଂସ୍କୃତିକ ବିକାଶ ପାଇଁ ନିର୍ମାଣଧୀନ ଡ୍ରାମା ପେଣ୍ଡାଲର କାର୍ଯ୍ୟ ଶୀଘ୍ର ଶେଷ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ଏଥିସହ ଗୋଲ ଛକ ପଡ଼ିଆର ଉନ୍ନତିକରଣ ଓ ସ୍ଥାନୀୟ ମାର୍କେଟ୍ କମ୍ପ୍ଲେକ୍ସର ନିର୍ମାଣ ସମ୍ପର୍କରେ ସଂପୃକ୍ତ ବିଭାଗ ସହ ଆଲୋଚନା କରିଛନ୍ତି। ସହରର ପରିବେଶ ଓ ପର୍ଯ୍ୟଟନର ବିକାଶ ପାଇଁ ଇବ୍ ନଦୀକୂଳରେ ଥିବା ପିକନିକ୍ ସ୍ପଟ୍‌ର ପୁନରୁଦ୍ଧାର ଏବଂ ନଦୀତଟର ସୌନ୍ଦର୍ଯ୍ୟକରଣ ଉପରେ ବିଶେଷ ଧ୍ୟାନ ଦିଆଯାଇଛି। ଏଥିସହ ଇକୋ ପାର୍କ ଏବଂ ସ୍ଥାନୀୟ ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ଆଧୁନିକ ଶ୍ମଶାନ ନିର୍ମାଣ ପାଇଁ ମଧ୍ୟ ଯୋଜନା ପ୍ରସ୍ତୁତ କରାଯାଇଛି। ସାମାଜିକ ସୁରକ୍ଷା କ୍ଷେତ୍ରରେ ଏକ ବଡ଼ ପଦକ୍ଷେପସ୍ୱରୂପ ଗୋଟିଏ ଅତ୍ୟାଧୁନିକ ବୃଦ୍ଧାଶ୍ରମ ପ୍ରତିଷ୍ଠା କରିବା ପାଇଁ ଜିଲ୍ଲାପାଳ ପୌରପରିଷଦର କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ସହରର ଗମନାଗମନ ଓ ସ୍ୱଚ୍ଛତା ବ୍ୟବସ୍ଥାକୁ ଅଧିକ ଶୃଙ୍ଖଳିତ କରିବା ପାଇଁ ଜିଲ୍ଲାପାଳ କଡ଼ା ଆଭିମୁଖ୍ୟ ଗ୍ରହଣ କରିଛନ୍ତି। ଜାତୀୟ ରାଜପଥ କଡ଼ରେ ଥିବା ସମସ୍ତ ବେଆଇନ୍ ଅବରୋଧ ଉଚ୍ଛେଦ କରିବା ସହ ରାସ୍ତାକୁ ସଫାସୁତୁରା ରଖିବା ଓ ଏହାର ସୌନ୍ଦର୍ଯ୍ୟକରଣ କରିବାକୁ କାର୍ଯ୍ୟନିର୍ବାହୀ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

# ମଦ ବନ୍ଦ ପାଇଁ ବିଭାଗୀୟ ଅଧିକାରୀଙ୍କୁ ଦାବିପତ୍ର

**ନବରଙ୍ଗପୁର,୫।୩/ଏନ୍ଏନ୍ଏସ୍:** ନବରଙ୍ଗପୁର ଜିଲ୍ଲା ପାପଡ଼ାହାଣ୍ଡି ସଦର ପଞ୍ଚାୟତ ଦଳେଇଗୁଡ଼ା ଗ୍ରାମରେ ମଦ ବନ୍ଦ ପାଇଁ ମହିଳାମାନେ ଅଣ୍ଟା ଭିଡ଼ିଛନ୍ତି । ଗ୍ରାମର ଶତାଧିକ ମହିଳା ଏକତ୍ରିତ ହୋଇ ପାପଡ଼ାହାଣ୍ଡି ଅବକାରୀ ଥାନାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରିଛନ୍ତି। ଗ୍ରାମରେ ଅତ୍ୟାଧିକ ଦେଶୀ ଓ ବିଦେଶୀ ମଦ ବିକ୍ରି ଚାଲିଥିବାରୁ ଯୁବକ ତଥା ପୁରୁଷମାନେ ପ୍ରାୟ ସମୟରେ ମାତାଲ୍ ଅବସ୍ଥାରେ ରହୁଛନ୍ତି। ମଦ ପିଇ ଅନେକ ପରିବାର ନଷ୍ଟ ହେବାସହ ରୋଗରେ ପୀଡ଼ିତ ହେଉଥିବା ମହିଳାମାନେ କହିଛନ୍ତି। ସେଥିପାଇଁ ବେଆଇନ ଭାବେ ଗ୍ରାମରେ ବିକ୍ରି ହେଉଥିବା ମଦ ଉପରେ ରୋକ୍ ଲଗାଇବାକୁ ମହିଳାମାନେ ଦାବି କରିଛନ୍ତି। ଗ୍ରାମର ପୁରୁଷମାନେ ଦିନସାରା ପରିଶ୍ରମ କରି ପାରିଶ୍ରମିକ ସବୁ ମଦ ଘରେ ଦେଉଛନ୍ତି ଫଳରେ ପରିବାରରେ ଅଶାନ୍ତିର ବାତାବରଣ ଦେଖାଦେଉଛି। ଗ୍ରାମର ଶତାଧିକ ମହିଳା ଦଳେଇଗୁଡ଼ା ଗ୍ରାମକୁ ମଦମୁକ୍ତ ଗ୍ରାମ କରିବା ପାଇଁ ନିଷ୍ପତ୍ତି ନେଇଥିବାବେଳେ ଯେଉଁମାନେ ଗ୍ରାମରେ ମଦ ବିକ୍ରି କରୁଛନ୍ତି ତାଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଅବକାରୀ ଥାନା ଅଧିକାରୀଙ୍କ ନିକଟରେ ଦାବି କରିଛନ୍ତି। ତେବେ ତହସିଲଦାର୍‌ଙ୍କ ସହ ଗାଁକୁ ଯାଇ ଯାଞ୍ଚ କରିବା ସହ ଆଗାମୀ ଦିନରେ ମଧ୍ୟ ଯାଞ୍ଚ କରି କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଅବକାରୀ ଅଧିକାରୀ ସମୀର ସ୍ୱାଇଁ କହିଛନ୍ତି।



# ଅବସର ଦିନ ପୂର୍ଣ୍ଣାଙ୍ଗ ପେନସନ୍ ପାଇଲେ ଶିକ୍ଷୟିତ୍ରୀ

**ଜୟପୁର,୫।୩/ଏନ୍ଏନ୍ଏସ୍:** କୁନ୍ଦାରିଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ ସୁପ୍ରଭା ପାଢ଼ୀ ଓ ନୂଆଗୁଡ଼ା ପ୍ରାଥମିକ ବିଦ୍ୟାଳୟରେ କାର୍ଯ୍ୟରତ ଶିକ୍ଷୟିତ୍ରୀ କଳ୍ପନା ପଣ୍ଡା ଗତ ୨୮ ତାରିଖରେ ଅବସର ଗ୍ରହଣ କରିଥିଲେ। ଉକ୍ତ ୨ ଜଣ ଶିକ୍ଷୟିତ୍ରୀଙ୍କ ଅବସରଗ୍ରହଣ ପୂର୍ବରୁ ସରକାର ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର୍ କରିଥିଲେ। ସରକାରଙ୍କ ଆଦେଶ ମୁତାବକ ଅବସରଗ୍ରହଣ ଦିନ ପୂର୍ଣାଙ୍ଗ ପେନସନ୍ ପ୍ରଦାନ କରିବା ନିୟମ ଶତପ୍ରତିଶତ ଜୟପୁର ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ କାର୍ଯ୍ୟକାରୀ ହୋଇଥିବାରୁ ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଖୁସିବ୍ୟକ୍ତ କରିଥିଲେ। ଏନେଇ ଗୋଷ୍ଠୀ ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟରେ ଉକ୍ତ ୨ ଜଣ ଅବସରପ୍ରାପ୍ତ ଶିକ୍ଷୟିତ୍ରୀଙ୍କୁ ପୂର୍ଣ୍ଣାଙ୍ଗ ପେନସନ୍ ମଞ୍ଜୁର ଆଦେଶ ଦେବାସହ ତାଙ୍କୁ ଉପଢ଼ୌକନ ଓ ମାନପତ୍ର ଦେଇ ସମ୍ବର୍ଦ୍ଧିତ କରାଯାଇଛି।

## ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ

# 'ବିଜୁ ବାବୁ ସମଗ୍ର ବିଶ୍ୱରେ ସର୍ବବିଦିତ ନେତା ଥିଲେ'



**ଟିଟିଲାଗଡ଼,୫।୩/ଏନ୍ଏନ୍ଏସ୍:** ପୂର୍ବତନ ମୁଖ୍ୟମନ୍ତ୍ରୀ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ ଅବସରରେ ଟିଟିଲାଗଡ଼ ବିଜେଡି ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରାଯାଇଛି। ବିଜେଡି ରାଜ୍ୟ ପରିଷଦ ସଦସ୍ୟ ରାଜେଶ ପ୍ରଧାନଙ୍କ ନେତୃତ୍ୱରେ ଦଳର ଶତାଧିକ ନେତା ଓ କର୍ମୀଙ୍କ ଗହଣରେ ସ୍ଥାନୀୟ ବିଜୁ ପଟ୍ଟନାୟକ ଛକସ୍ଥିତ ବିଜୁ ବାବୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ପରେ ବୀର୍ ହନୁମାନ କ୍ଲବ୍ ନିକଟରେ ସ୍ୱର୍ଗତ ଅଭିମନ୍ୟୁ ସାହୁଙ୍କୁ ମାଲ୍ୟାର୍ପଣ କଲା ପରେ ବିଜେଡି କାର୍ଯ୍ୟାଳୟରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଜିଲ୍ଲା ବିଜେଡି ଉପସଭାପତି ରଞ୍ଜିତ ପୃଷ୍ଟି ଓ ଗୀତା ବିଶି ଯୋଗଦେଇ ବିଜୁ ବାବୁ କେବଳ ଓଡ଼ିଆଙ୍କ ପାଇଁ ନୁହେଁ ଦେଶ ତଥା ବିଦେଶ ପାଇଁ ମଧ୍ୟ ଏକ ସର୍ବବିଦିତ ନେତା ଥିଲେ ବୋଲି କହିଥିଲେ। ବିଜେଡି ମହିଳା ମୋର୍ଚ୍ଚା ଜିଲ୍ଲା ଉପସଭାପତି ଗୀତା ବିଶିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ଜିଲ୍ଲାପରିଷଦ ସଭ୍ୟ ସଞ୍ଜୟ ବେହେରା, ଅରୁଣ ମିଶ୍ର, ନଗର ସଭାପତି ଶ୍ୟାମ ପ୍ରସାଦ ଗରିଆ, ଜିଲ୍ଲା ଉପସଭାପତି ଦିଲ୍ଲୀପ ବାଗ, କୋଷାଧ୍ୟକ୍ଷ ପ୍ରେମଚାନ୍ଦ ଜୈନ, ଜ୍ଞାନରଞ୍ଜନ ସରାଫ, ଦୀପକ ବେହେରା, ପୁଷ୍ପୁ ଜୈନ, କାଉନସିଲ୍ ମାନସ ସାହୁ, ଜିତୁ ପାଢ଼ୀ, କାଳୀଚରଣ ପୁନିଆ, ବାପି ଗୁମନସିଂହ ଓ ପିଣ୍ଟୁ ପ୍ରମୁଖ ଉପସ୍ଥିତ ଥିଲେ।

**■ମାଲକାନଗିରି:** ମାଲକାନଗିରି ଜିଲ୍ଲା ବିଜେଡି ପକ୍ଷରୁ ମହାନ ଜନନାୟକ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ଅବସରରେ ବିଜେଡି କର୍ମୀମାନେ ଜିଲ୍ଲାପାଳ କାର୍ଯ୍ୟାଳୟ ସମ୍ମୁଖରେ ଥିବା ବାଜୁ ବାବୁଙ୍କ ପୂର୍ଣ୍ଣ ଅବୟବ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରି ସ୍ମୃତିଚାରଣ କରିଥିଲେ। ଆଧୁନିକ ଓଡ଼ିଶା ଗଠନ କରିବା ଦିଗରେ ବିଜୁ ବାବୁଙ୍କ ଅବଦାନ ଅତୁଳନୀୟ ଥିଲା। ତାଙ୍କ ନୀତି ଓ ଆଦର୍ଶରେ ଅନୁପ୍ରାଣିତ ହୋଇ ଓଡ଼ିଶାବାସୀଙ୍କ ସେବା ପାଇଁ ବିଜେଡି ସଦାସର୍ବଦା ସଙ୍କଳ୍ପବଦ୍ଧ ବୋଲି ବିଜେଡି ଜିଲ୍ଲା ସଭାପତି ତଥା ପୂର୍ବତନ ବିଧାୟକ ମାନସ ମାଡ଼କାମୀ କହିଥିଲେ। ସେହିପରି ବିଜେଡି ଜିଲ୍ଲା କାର୍ଯ୍ୟାଳୟ ଲାଠିଆଗୁଡ଼ାରେ ବିଜୁ ବାବୁଙ୍କ ଜିଲ୍ଲାୟସ୍ତରୀୟ ୧୧୦ତମ ଜୟନ୍ତୀ ପାଳନ କରାଯାଇଛି। ଏହି କାର୍ଯ୍ୟକ୍ରମରେ ବିଜୁ ମହିଳା ସଭାନେତ୍ରୀ ତଥା ଜିଲ୍ଲାପରିଷଦ ଅଧ୍ୟକ୍ଷା ସମାରି ଟାଙ୍ଗୁଲ, ଜିଲ୍ଲା ବିଜେଡି ଉପସଭାପତି ଉଦୟ ନାଥ ମାଦ୍ରୀ, ବରିଷ୍ଠ ବିଜେଡି ନେତା ଗୋପାଳ କୃଷ୍ଣ ପଣ୍ଡା, ରାଜ୍ୟ ବିଜେଡି ମହିଳା ଉପସଭାନେତ୍ରୀ ଲକ୍ଷ୍ମୀପ୍ରିୟା ନାୟକ, ପୌର ଉପାଧ୍ୟକ୍ଷା କବିତା ମହନ୍ତ, ଜିଲ୍ଲା ବିଜେଡି ଯୁବ ସଭାପତି ତଥା ଜିଲ୍ଲା ସରପଞ୍ଚ ସଂଘ ସଭାପତି ଶ୍ରୀନିବାସ ମୁଦୁଲି, ଜିଲ୍ଲା ଛାତ୍ର ସଭାପତି ସୁବ୍ରତ ଦାଶଙ୍କ ସମେତ ସମସ୍ତ ଜିଲ୍ଲାପରିଷଦ ସଭ୍ୟ, ପଞ୍ଚାୟତ ସମିତି ଅଧ୍ୟକ୍ଷା, ଅଧ୍ୟକ୍ଷ, ବିଜେଡି ସମସ୍ତ ବ୍ଲକ୍ /ନଗର ସଭାପତି, ବରିଷ୍ଠ ବିଜେଡି ନେତା ନକାଲ ରାଜୁ, ସତ୍ୟ ପାଣିଗ୍ରାହୀ, ବି.କାମେଶ୍ୱର ରାଓ, ଧନୁର୍ଜୟ ମାଡ଼କାମୀ ଓ ସମେଶ ବାଗ ପ୍ରମୁଖ ଯୋଗ ଦେଇଥିଲେ।



**■ପାଟଣାଗଡ଼:** ବଲାଙ୍ଗୀର ଜିଲ୍ଲା ପାଟଣାଗଡ଼ରେ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ବିଜେଡି ଜିଲ୍ଲା ସଭାପତି ତଥା ପାଟଣାଗଡ଼ ପୂର୍ବତନ ବିଧାୟକ ସରୋଜ କୁମାର ମେହେରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ନିର୍ବାଚନମଣ୍ଡଳୀର କର୍ମକର୍ତ୍ତା ଯୋଗଦେଇ ବିଜୁ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏହି ଅବସରରେ ଆଗାମୀ ପଞ୍ଚାୟତ ନିର୍ବାଚନରେ ସରପଞ୍ଚଠୁ ଆରମ୍ଭ କରି ଜିଲ୍ଲାପରିଷଦ ସଦସ୍ୟ ପର୍ଯ୍ୟନ୍ତ କିପରି ନିର୍ବାଚନରେ ବିଜୟୀ ହେବେ ସେ ଉପରେ ଜିଲ୍ଲା ସଭାପତି ଶ୍ରୀ ମେହେର ଆଲୋଚନା କରି ସମସ୍ତଙ୍କୁ ଏକତ୍ରିତ ହେବାକୁ ଆହ୍ୱାନ ଦେଇଥିଲେ। ଏହି ଅବସରରେ ନୂତନ ଜିଲ୍ଲା ପଦାଧିକାରୀଙ୍କୁ ସମ୍ବର୍ଦ୍ଧିତ କରଯାଇଥିଲା। ଏଥିରେ ଇନ୍ଦୁ ଭୂଷଣ ଠାକୁରଙ୍କ ସହ ପାଟଣାଗଡ଼ ନିର୍ବାଚନମଣ୍ଡଳୀର ବହୁ ବିଜେଡି କର୍ମୀ ଉପସ୍ଥିତ ଥିଲେ।



# ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଜୟନ୍ତୀ



**କଟକ,୫।୩/ଏନ୍‌ଏନ୍‌ଏସ୍:** ମହାନ୍ ଜନନାୟକ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ ତମ ଜୟନ୍ତୀ ଆଜି ଜିଲ୍ଲା ପ୍ରଶାସନ ପକ୍ଷରୁ ପାଳିତ ହୋଇଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ବିଜୁ ପଟ୍ଟନାୟକ ସଂଗ୍ରହାଳୟ (ଆନନ୍ଦ ଭବନ)ଠାରେ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ସଂଗ୍ରହାଳୟ ପରିସରରେ ବିଜୁ ପଟ୍ଟନାୟକଙ୍କ ଜୀବନୀ ଆଧାରିତ ଏକ ଫଟୋଚିତ୍ର ପ୍ରଦର୍ଶନୀ ବୁଲି ଦେଖିଥିଲେ । ଅତିରିକ୍ତ ଜିଲ୍ଲାପାଳ କମଲଜିତ୍ ଦାସ ବିଜୁ ପଟ୍ଟନାୟକ ଛକ ସ୍ଥିତ ବିଜୁ ପଟ୍ଟନାୟକଙ୍କ ପ୍ରତିମୂର୍ତି ଏବଂ ଯୋବ୍ରା ଆନିକଟ ସ୍ଥିତ ପ୍ରତିମୂର୍ତିରେ ମାଲ୍ୟାର୍ପଣ କରିଥିଲେ । ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭବାନୀ ଶଙ୍କର ଭୂୟାଁ, ଜିଲ୍ଲା ସଂସ୍କୃତି ଅଧିକାରୀ ନଳିନୀକାନ୍ତ ସାହୁ ଏବଂ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟାଳୟର ଅନ୍ୟାନ୍ୟ ଅଧିକାରୀ ଓ କର୍ମଚାରୀ ଏହି ଅବସରରେ ଉପସ୍ଥିତ ଥିଲେ ।

# ମୁଣ୍ଡଳି ସିଆଇଏସ୍‌ଏଫ୍‌ର ୫ କି.ମି ପରିଧି ଡ୍ରୋନ୍‌ମୁକ୍ତ ଅଞ୍ଚଳ

**କଟକ,୫।୩/ଏନ୍‌ଏନ୍‌ଏସ୍:** ମୁଣ୍ଡଳିସ୍ଥିତ ସିଆଇଏସ୍‌ଏଫର ୫୭ ତମ ରେଜିଙ୍ଗ ଡେ ପରେଡ୍ ଆୟୋଜିତ ହେବାକୁ ଯାଉଛି । ଉକ୍ତ ପରେଡ୍‌ରେ ବହୁ ସଂଖ୍ୟକ ବରିଷ୍ଠ ଅଧିକାରୀ, ସମ୍ମାନିତ ବ୍ୟକ୍ତି ଏବଂ ନିମନ୍ତ୍ରିତ ଅତିଥିମାନେ ଯୋଗଦେବାର ଆଶା କରାଯାଉଛି । କାର୍ଯ୍ୟକ୍ରମର ସୁଚାରୁ ପରିଚାଳନା ନିମନ୍ତେ ମାର୍ଚ୍ଚ ୩ ତାରିଖରୁ ୬ ତାରିଖ ପର୍ଯ୍ୟନ୍ତ କାର୍ଯ୍ୟକ୍ରମ ସ୍ଥଳୀ ଓ ଏହାର ଆଖପାଖ ଅଂଚଳରେ ପାରା ଗ୍ଲାଇଡର, ପାରା ମୋଟର୍ସ, ପାୱାର ହ୍ୟାଙ୍ଗ୍ ଗ୍ଲାଇଡର ମାଇକ୍ରୋ ଲାଇଟ୍ ଏୟାରକ୍ରାଫ୍ଟ, ହଟ୍ ଏୟାର ବେଲୁନ୍, ଟଇଠ କିମ୍ବା ଡ୍ରୋନ୍ ଉଡ଼ାଣକୁ ନିଷେଧ କରାଯାଇଛି । ଜିଲ୍ଲାପାଳ ଦତାତ୍ରୟ ଭାଉସାହେବ ଶିନ୍ଦେ ମୁଣ୍ଡଳି ସିଆଇଏସ୍‌ଏଫଠାରୁ ୫ କିଲୋମିଟର ପରିଧି ମଧ୍ୟରେ ଥିବା ଅଂଚଳକୁ "ଡ୍ରୋନ ମୁକ୍ତ ଅଂଚଳ" ଭାବରେ ଘୋଷଣା କରିଛନ୍ତି । ଏହି ଆଦେଶର ଉଲ୍ଲଂଘନ କଲେ ନିଷିଦ୍ଧ ଉପକରଣଗୁଡ଼ିକୁ ଜବତ କରାଯିବା ସହିତ ଡ୍ରୋନ୍ ନିୟମ, ୨୦୨୧, ଏୟାରକ୍ରାଫ୍ଟ ଆଇନ, ୧୯୩୪ ଏବଂ ଅନ୍ୟାନ୍ୟ ପ୍ରାସଙ୍ଗିକ ଆଇନଗତ ବ୍ୟବସ୍ଥା ସମେତ ପ୍ରଯୁଜ୍ୟ ଆଇନର ବ୍ୟବସ୍ଥା ଅନୁଯାୟୀ ଦଣ୍ଡବିଧାନ କରାଯିବ । ଏଣୁ, ସମସ୍ତ ବ୍ୟକ୍ତି ଏବଂ ସଂଗଠନ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି । କଟକ ଜିଲ୍ଲାପାଳଙ୍କ ନ୍ୟାୟିକ ବିଭାଗରୁ ପୂର୍ବ ଲିଖିତ ଅନୁମତି ବିନା ନିର୍ଦ୍ଦିଷ୍ଟ ଅଂଚଳ ଏବଂ ଅବଧି ମଧ୍ୟରେ କୌଣସି ଡ୍ରୋନ୍ କିମ୍ବା ୟୁଏଭି ପରିଚାଳନାକୁ ଅନୁମତି ଦିଆଯିବ ନାହିଁ ବୋଲି ସ୍ପଷ୍ଟ କରାଯାଇଛି । ଏଥିସହ ଏହି ସମୟ ମଧ୍ୟରେ ସିଆଇଏସ୍‌ଏଫ କ୍ୟାମ୍ପସ୍, ମୁଣ୍ଡଳୀ ଏବଂ ଗତିପଥର ନିର୍ଦ୍ଦିଷ୍ଟ ରାସ୍ତାରେ କୌଣସି ପ୍ରକାରର ସିଭିଲ୍ କାର୍ଯ୍ୟ, ନିର୍ମାଣ କାର୍ଯ୍ୟକଳାପ, ଖନନ, ରାସ୍ତା କଟା ଅଥବା ଅନ୍ୟ କୌଣସି ରକ୍ଷଣାବେକ୍ଷଣ/ମରାମତି କାର୍ଯ୍ୟ କରାଯିବ ନାହିଁ । ଏହି ସମୟ ମଧ୍ୟରେ ନିକଟବର୍ତ୍ତୀ ଅଞ୍ଚଳରେ ଚାଲିଥିବା ଯେକୌଣସି କାର୍ଯ୍ୟକୁ ଅସ୍ଥାୟୀ ଭାବରେ ସ୍ଥଗିତ ରଖାଯିବ । ଏହି ନିର୍ଦ୍ଦେଶର ଉଲ୍ଲଂଘନକୁ ଗମ୍ଭୀରତାର ସହ ବିଚାର କରାଯିବ ଏବଂ ଆଇନ ଅନୁଯାୟୀ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ନିଆଯିବ ।

# ସିଆର୍‌ପିଏଫ୍ ଯବାନଙ୍କ ସନ୍ଦେହଜନକ ମୃତ୍ୟୁ

**କଟକ,୫।୩/ଏନ୍‌ଏନ୍‌ଏସ୍:** ସ୍ଥାନୀୟ ସିଆରଆରଆଇ ଥାନା ଅନ୍ତର୍ଗତ ନୂଆବଜାର ଅଂଚଳରେ ଏକ ଅଭାବନୀୟ ଘଟଣା ଘଟିଛି । ହୋଲି ପାଇଁ ଛୁଟିରେ ଘରକୁ ଆସିଥିବା ବେଳେ ଜଣେ ସିଆରପିଏଫ ଯବାନଙ୍କ ସନ୍ଦେହଜନକ ଅବସ୍ଥାରେ ମୃତ୍ୟୁ ଘଟିଛି । ମୃତକ ଜଗତସିଂହପୁର ବିରିଡ଼ି ଅଂଚଳର ଦ୍ୱିତୀକୃଷ୍ଣ ପଣ୍ଡା (୪୫) ବୋଲି ଜଣାପଡ଼ିଛି । ଶ୍ରୀ ପଣ୍ଡା ଝାଡ଼ଖଣ୍ଡରେ ପୋଷ୍ଟିଂ ଥିଲାବେଳେ ନିକଟରେ ସେ ଛୁଟିରେ ଘରକୁ ଆସିଥିଲେ । ସୂଚନା ମୁତାବକ, ଶ୍ରୀ ପଣ୍ଡା ଦୀର୍ଘଦିନ ହେବ ସ୍ଥାନୀୟ ନୂଆବଜାର ଅଂଚଳରେ ଭଡ଼ା ନେଇ ରହୁଥିଲେ । ବୁଧବାର ହୋଲି ଅବସରରେ ଶ୍ରୀ ପଣ୍ଡା ତାଙ୍କ ସ୍ତ୍ରୀଙ୍କ ସହ ଘରେ ଥିଲେ ଓ ସେମାନଙ୍କର ୨ ପୁଅ ବାହାରେ ଥିଲେ । ଅପରାହ୍ନରେ ଶ୍ରୀ ପଣ୍ଡାଙ୍କର ମୃତ ଦେହ ଘର ଭିତରୁ ଝୁଲନ୍ତା ଅବସ୍ଥାରେ ମିଳିଥିଲା । ଖବର ପାଇ ସିଆରଆରଆଇ ଥାନା ପୋଲିସ ଘଟଣା ସ୍ଥଳରେ ପହଞ୍ଚି ମୃତ ଦେହକୁ ଜବତ କରି ବ୍ୟବଚ୍ଛେଦ ପାଇଁ କଟକ ବଡ଼ ମେଡ଼ିକାଲ ପଠାଇବା ସହ ଅଧିକ ତଦନ୍ତ ଜାରି ରଖିଛି । ସିଆରପିଏଫ ଯବାନ ଶ୍ରୀ ପଣ୍ଡାଙ୍କର ମୃତ୍ୟୁ ଖବର ତାଙ୍କ ସହକର୍ମୀ ଏବଂ ସ୍ଥାନୀୟ ଲୋକଙ୍କୁ ମର୍ମାହତ କରିଛି । ଏହି ଘଟଣାରେ ସାଥୀ ସିଆରପିଏଫ କର୍ମଚାରୀମାନେ ଗଭୀର ଶୋକ ପ୍ରକାଶ କରିଛନ୍ତି ଏବଂ ତାଙ୍କ ମୃତ୍ୟୁର ପରିସ୍ଥିତିର ପୁଙ୍ଖାନୁପୁଙ୍ଖ ତଦନ୍ତ ଦାବି କରିଛନ୍ତି । ପାରିବାରିକ ବିବାଦକୁ କେନ୍ଦ୍ର କରି ଏଭଳି ଅଘଟଣ ଘଟିଥିବା ସନ୍ଦେହ କରାଯାଉଛି । ଅପର ପକ୍ଷରେ ସମସ୍ତ ଦିଗକୁ ନେଇ ପୋଲିସ ଖୋଳତାଡ଼ ଜାରି ରଖିଥିବା ସୂଚନା ମିଳିଛି ।



# ଡ୍ରିମ୍ସ ଅଧକ୍ଷଙ୍କ ବାସଭବନରେ ହୋଲି ମିଳନ



**କଟକ,୫।୩/ଏନ୍‌ଏନ୍‌ଏସ୍:** ପବିତ୍ର ଦୋଳ ଓ ହୋଲି ଅବସରରେ ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପ୍ରତିଷ୍ଠାତା ଅଧକ୍ଷ ଡ. ପ୍ରମୋଦ ଚନ୍ଦ୍ର ରଥଙ୍କ ଟାଙ୍ଗୀ କଏରାପାରୀସ୍ଥିତ ବାସଭବନରେ ବନ୍ଧୁ ମିଳନ ଆୟୋଜିତ ହୋଇଥିଲା । ଏଥିରେ ଟାଙ୍ଗୀ ବିଦ୍ୟାପୀଠ ପୁରାତନ ଛାତ୍ର ସଂଘ କ୍ଲବ ଟିଭି -୭୪ର ସଦସ୍ୟ, ଡ୍ରିମ୍ସ ବିଶ୍ୱବିଦ୍ୟାଳୟର ପଦାଧିକାରୀ, କର୍ମଚାରୀ ଓ ସ୍ଥାନୀୟ ଅଞ୍ଚଳର ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ଡ. ରଥଙ୍କୁ ରଂଗ ଅବିର ଲଗାଇ ରଂଗର ପର୍ବ ହୋଲିର ଅଭିନନ୍ଦନ ଜଣାଇଥିଲେ । ଡ. ରଥଙ୍କ ମଧ ଅନୁରୂପ ଭାବରେ ସମବେତ ବନ୍ଧୁ ଓ ଶୁଭେଚ୍ଛୁମାନଙ୍କୁ ଶୁଭେଚ୍ଛା ଜ୍ଞାପନ କରିବା ସହ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ନିକଟରେ ସମସ୍ତଙ୍କର ସୁଖ, ଶାନ୍ତି ଓ ସମୃଦ୍ଧି କାମନା କରିଥିଲେ । 'ଡ୍ରିମ୍ସ'ର ବରିଷ୍ଠ ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ରମେଶ ବେହେରା, ଦୈତାରୀ ସାହୁ, ଶିବ ଚରଣ ଜେନା, ଜଗବନ୍ଧୁ ସାହୁ, ରବିନ୍ଦ୍ର ଲେଙ୍କା, ଲିଙ୍ଗରାଜ ସାହୁ, ବିଜୟ ପୃଷ୍ଟି, ଶୈଳେନ୍ଦ୍ର ଷଡଙ୍ଗୀ, ଦେବ ନାୟକ, ଧୂଳମଣି ସେଠୀ, ପ୍ରଶାସନିକ ଅଧିକାରୀ ଆଶୁତୋଷ ଦ୍ୱିବେଦୀ, ଲୋକ ସଂପର୍କ ଅଧିକାରୀ ନିରାକାର ସାହୁ ପ୍ରମୁଖ କାର୍ଯ୍ୟକ୍ରମରେ ଯୋଗଦାନ କରିଥିଲେ । ଏହି ଉପଲକ୍ଷେ କଟକର ପ୍ରସିଦ୍ଧ ଦହିବରାରେ ସମସ୍ତଙ୍କୁ ଆପ୍ୟାୟିତ କରାଯାଇଥିଲା ।

# ଉପନିର୍ଦ୍ଦେଶକ ଭାବେ ଦାୟିତ୍ୱ ଗ୍ରହଣ କଲେ ଭବାନୀ ଶଙ୍କର ଭୂୟାଁ

**କଟକ,୫।୩/ଏନ୍‌ଏନ୍‌ଏସ୍:** ସୂଚନା ଓ ଲୋକସମ୍ପର୍କ ବିଭାଗର ଉପନିର୍ଦ୍ଦେଶକ (କେନ୍ଦ୍ରାଂଚଳ) ଭାବେ ଭବାନୀ ଶଙ୍କର ଭୂୟାଁ ଦାୟିତ୍ୱ ଗ୍ରହଣ କରିଛନ୍ତି । କଟକ ସ୍ୱରାଜ ଆଶ୍ରମଠାରେ ଅବସ୍ଥିତ କାର୍ଯ୍ୟାଳୟରେ ସେ ଏହି ନୂତନ ଦାୟିତ୍ୱ ନେଇଛନ୍ତି । ଏଥିସହ ଶ୍ରୀ ଭୂୟାଁ କଟକ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ତୁଲାଇବେ । ଓଡ଼ିଶା ସୂଚନା ସେବା ଅଧିକାରୀ ଶ୍ରୀ ଭୂୟାଁ ୨୦୨୪ ଫେବୃଆରୀ ମାସରେ କଟକ ଜିଲ୍ଲା ସୂଚନା ଲୋକସମ୍ପର୍କ ଅଧିକାରୀ ଭାବେ ଦାୟିତ୍ୱ ଗ୍ରହଣ କରିଥଲେ । ଜିଲ୍ଲାରେ ବିଭିନ୍ନ ସରାକରୀ ଯୋଜନା ଓ କାର୍ଯ୍ୟକ୍ରମ ସମ୍ପର୍କିତ ସୂଚନାକୁ ଲୋକମାନଙ୍କ ନିକଟରେ ପହଂଚାଇବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ନିର୍ବାହ କରିବା ସହ ବିଭିନ୍ନ ସଚେତନତାମୂଳକ କାର୍ଯ୍ୟକ୍ରମର ସେ ସଫଳ ପରିଚାଳନା କରିଆସୁଛନ୍ତି । ଏହା ପୂର୍ବରୁ ସେ ବାଲେଶ୍ୱର ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଏବଂ ଭୁବନେଶ୍ୱର ଜୟଦେବ ଭବନର ମ୍ୟାନେଜର ଭାବେ ଦୀର୍ଘ ଦିନ ଧରି ଦାୟିତ୍ୱ ନିର୍ବାହ କରିଛନ୍ତି । ଦୀର୍ଘଦିନର ପ୍ରଶାସନିକ ଅଭିଜ୍ଞତା,ସରକାରୀ ସୂଚନା ପ୍ରସାରଣରେ ଦକ୍ଷତା ଓ ଲୋକସମ୍ପର୍କ କ୍ଷେତ୍ରରେ ବ୍ୟାପକ ଅନୁଭବକୁ ପାଥେୟ କରି ସେ ଜିଲ୍ଲାରେ ସୂଚନା ଓ ଲୋକସମ୍ପର୍କ ବ୍ୟବସ୍ଥାକୁ ଆହୁରି ସକ୍ରିୟ କରିବାରେ ଗୁରୁତ୍ୱ ଦେବେ ବୋଲି କହିଛନ୍ତି । ଏହି ଅବସରରେ ବିଭାଗୀୟ ଅଧିକାରୀ ଓ କର୍ମଚାରୀମାନେ ତାଙ୍କୁ ନୂତନ ଦାୟିତ୍ୱ ପାଇଁ ଅଭିନନ୍ଦନ ଜଣାଇବା ସହ ତାଙ୍କ ନେତୃତ୍ୱରେ କେନ୍ଦ୍ରାଂଚଳ ସୂଚନା ଓ ଲୋକସମ୍ପର୍କ କାର୍ଯ୍ୟକଳାପ ଆହୁରି ସୁଦୃଢ ହେବ ବୋଲି ଆଶା ପ୍ରକାଶ କରିଛନ୍ତି ।



# ଓଡ଼ିଶାର ବିକାଶ ପାଇଁ ଦିଲ୍ଲୀ ଦରବାରରେ ସ୍ୱର ଶାଣିତ ହେବ: ସଂତୃପ୍ତ ମିଶ୍ର



**କଟକ,୫।୩/ଏନ୍‌ଏନ୍‌ଏସ୍:** ବିଜୁ ଜନତା ଦଳ ପକ୍ଷରୁ ରାଜ୍ୟସଭା ପାଇଁ ମନୋନୀତ ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କଲା ପରେ ପ୍ରଥମ କରି କଟକ ଜିଲ୍ଲା ବିଜୁ ଜନତା ଦଳ ଦୋଳମୁଣ୍ଡାଇସ୍ଥିତ କାର୍ଯ୍ୟାଳୟରେ ବିଜୁ ଜୟନ୍ତୀ ଅବସରରେ ଯୋଗଦାନ କରି ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରି ଶ୍ରଦ୍ଧାଞ୍ଜଳି ଦେବା ପରେ ଡକ୍ଟର ସଂତୃପ୍ତ ମିଶ୍ର କହିଲେ ଯେ ରାଜ୍ୟସଭା ସାଂସଦ ଭାବେ ନିର୍ବାଚିତ ହେଲା ପରେ ଓଡିଶାର ପ୍ରଗତି ଓ ବିକାଶ ପାଇଁ ସ୍ୱର ଦିଲ୍ଲୀ ଦରବାରରେ ନିଶ୍ଚିତ ଭାବେ ଶାଣିତ ହେବ । କଟକ ମୋର ଜନ୍ମ ମାଟି ହୋଇଥିବାରୁ ପିତୃ ରଣ ପରିଶୋଧ କରିବାକୁ ଜଗନ୍ନାଥ ମୋତେ ସୁଯୋଗ ଦେଇଛନ୍ତି, କଟକ ଜିଲ୍ଲାକୁ ଅଗ୍ରାଧିକାର ଭିତ୍ତିରେ ସର୍ବାଧିକ ଅନୁଦାନ ଆଣିବା ପାଇଁ ଚେଷ୍ଟା କରିବି । ଏହି ଅବସରରେ କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ କୁମାର ସିଂହ, ବରିଷ୍ଠ ନେତା ମହମ୍ମଦ ସକିଲ, ପ୍ରକାଶ ସିଂହ, କଟକ ଜିଲ୍ଲା ସାଧାରଣ ସମ୍ପାଦକ (ସଂଗଠନ) ତାପସ ମହାନ୍ତି, କଟକ ଜିଲ୍ଲା ମହିଳା ବିଜେଡି ସଭାନେତ୍ରୀ ଅନିତା ବେହେରା, କାର୍ଯ୍ୟକାରୀ ସଭାନେତ୍ରୀ ପୂର୍ଣ୍ଣିମା ସିଂହ, କଟକ ଅର୍ବାନ ବ୍ୟାଙ୍କ ଡାଇରେକ୍ଟର ସଂଗୀତା ଦାସ, ସ୍ୱଦେଶ ଦାସ, ବିଷ୍ଣୁ ଚରଣ ସାହୁ, ସ୍ମୃତି ନାୟକ, ମନୋରଞ୍ଜନ ଦାଶ, ରାଜେନ୍ଦ୍ର ରଣା, ଜନସନ ମହାପାତ୍ର, ଶ୍ରୀୟା ସାହୁ, ଯୁଧିଷ୍ଠିର ବିଶ୍ୱାଳ, ପ୍ରତାପ ନାୟକ, ନୀଳ ମାଧବ ଖୁଣ୍ଟିଆ, ପୂର୍ବତନ କର୍ପୋରେଟର ଇତିଶ୍ରୀ ବେହେରା, ବିଶ୍ୱ ପ୍ରକାଶ ଦାଶ, ସେକ ରିୟାଜୁଲ୍ଲା, ଅବଦୁଲ କରିମ ପ୍ରମୁଖ ଉପସ୍ଥିତ ଥିଲେ ।

# କଟକ ଜିଲ୍ଲା ବିଜୁ ଜନତା ଦଳ ପକ୍ଷରୁ ବିଜୁ ଜୟନ୍ତୀ



**କଟକ,୫।୩/ଏନ୍‌ଏନ୍‌ଏସ୍:** ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କ ୧୧୦ତମ ଜନ୍ମ ଜୟନ୍ତୀ ଦୋଳମୁଣ୍ଡାଇ ସ୍ଥିତ କାର୍ଯ୍ୟାଳୟ ଠାରେ ପାଳିତ ହୋଇଯାଇଛି । ଆଜି ପ୍ରତ୍ୟୁଷ ରୁ କଟକ ଜିଲ୍ଲା ବିଜେଡ଼ି ସଭାପତି ପ୍ରଫୁଲ୍ଲ ସିଂହଙ୍କ ନେତୃତ୍ୱରେ ତୁଳସୀପୁ ସ୍ଥିତ ଆନନ୍ଦ ଭବନ ଏବଂ ବିଜୁ ପଟ୍ଟନାୟକ ଛକ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କଲା ପରେ ଦୋଳମୁଣ୍ଡାଇ ସ୍ଥିତ କାର୍ଯ୍ୟାଳୟ ଠାରେ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଥିଲା, ଉକ୍ତ ସଭାରେ ରାଜ୍ୟସଭା ସାଂସଦ ଦେବାଶିଷ ସାମନ୍ତରାୟ, ମେୟର ସୁବାଷ ସିଂହ, ପୂର୍ବତନ ମନ୍ତ୍ରୀ ଚନ୍ଦ୍ରସାରଥୀ ବେହେରା, ବିଧାୟକ ସୌଭିକ ବିଶ୍ୱାଳ, ବରିଷ୍ଠ ନେତା ମଧୁସୂଦନ ସାହୁ,ମହମ୍ମଦ ସକିଲ, ଡେପୁଟି ମେୟର ଦମୟନ୍ତୀ ମାଝୀ, ପ୍ରକାଶ ସିଂହ,ଡକ୍ଟର ରଞ୍ଜନ ବିଶ୍ୱାଳ, ଅନିତା ବେହେରା, ପୂର୍ଣ୍ଣିମା ସିଂହ, ଭାରତୀ ଦାଶ, ସଂଗଠନ ସାଧାରଣ ସମ୍ପାଦକ ତାପସ ମହାନ୍ତି, କର୍ପୋରେଟର ପ୍ରଦୀପ୍ତ କିଶୋର ଖୁଂଟିଆ, ବିକାଶ ବେହେରା, ଏ ଶ୍ରୀଦେବୀ, ଇତିଶ୍ରୀ ଦାସ, ଅରୁନ୍ଧତୀ କର, ଆରତୀ ସାହୁ, ଦୀପାଞ୍ଜଳି ସିଂହ, ରିତାଞ୍ଜଳୀ ବେହେରା, ଚନ୍ଦନ ଜେନା, ନମିତା ବାରିକ,ପୁଷ୍ପିତା ମହାନ୍ତି, ସତ୍ୟରାମ ସାହୁ, ଝିଲ୍ଲୀ ବିହାରୀ, ବିଶ୍ୱ ବନ୍ଦିତା ପଣ୍ଡା, ବସନ୍ତ ବେହେରା, ବନଲତା ପ୍ରଧାନ,ସତ୍ୟ ରଞ୍ଜନ ତ୍ରିପାଠୀ,ପ୍ରେମାଂଶୁ ବେହେରା, ମନୋରଞ୍ଜନ ଦାଶ, ଗଦାଧର ସାହୁ,ସ୍ୱଦେଶ ଦାସ, ପ୍ରଫୁଲ୍ଲ ବେହେରା, ଦେବେନ୍ଦ୍ର କାହାଳି,ରାଜେନ୍ଦ୍ର ରଣା,ଜନସନ ମହାପାତ୍ର, ବିଜୟ ଓଝା,ସରୋଜ ରଞ୍ଜନ କର, ତନ୍ମୟା ରାୟ,ସୂର୍ଯ୍ୟମଣି ବେହେରା,ସ୍ମୃତି ନାୟକ, ନିମାଇଁ ବିଶ୍ୱାଳ, ଯୁଧିଷ୍ଠିର ବିଶ୍ୱାଳ, ଇତିଶ୍ରୀ ବେହେରା, ଆକାଶୀ ସୁନିତା ଶେଖର, ଅର୍ପିତା ଦାସ, ମିତାଲି ଭଞ୍ଜ,ଅବଦୁଲ କରିମ, ସେକ ରିୟାଜୁଲ୍ଲା , ବିଷ୍ଣୁ ଚରଣ ସାହୁ,ସନ୍ତୋଷ ମହାପାତ୍ର, ନୀଳ ମାଧବ ଖୁଂଟିଆ, ଅମରେଶ ପରିଜା, ବିଶ୍ୱ ପ୍ରକାଶ ଦାଶ, ଶିବ ଶଙ୍କର ସିଂହ, ଦିଲ୍ଲୀପ ବିଶ୍ୱାଳ, ଚନ୍ଦନ ବିଶ୍ୱାଳ, ପ୍ରତାପ ନାୟକ, ମନୋଜ ମହାନ୍ତି, ଶର୍ମିଷ୍ଠା ନାଟିଆ, ଇଂ ଆଶିଷ କୁମାର ସ୍ୱାଇଁ, ସୁବୋଧ ବେହେରା, ସୁଦର୍ଶନ ଜେନା, ସେକ ଆଲାମ, ସମ୍ପଦ କୁମାର ମଲ୍ଲିକ, କାଳନ୍ଦୀ ନାରାୟଣ ମଲ୍ଲିକ, ନିରୁପମା ପ୍ରଧାନ ପ୍ରମୁଖ ଶତାଧିକ ଯୋଗଦେଇ ପ୍ରବାଦ ପୁରୁଷଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ ।

# ବିଜୁ ଜୟନ୍ତୀରେ ମିନି ମାରାଥନ୍ ପ୍ରତିଯୋଗିତା

**କଟକ,୫।୩/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ଭଳି ଚଳିତ ବର୍ଷ ପ୍ରବାଦ ପୁରୁଷ ବିଜୁ ପଟ୍ଟନାୟକଙ୍କର ୧୧୦ତମ ଜୟନ୍ତୀ ଅବସରରେ ଏକ ମିନି ମାରାଥନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି । ଏଥିରେ କାଜିବଜାର ବାଳିକା ବିଦ୍ୟାଳୟର ଛାତ୍ରୀ ଶିବାନୀ ବାରିକ ଓ ବାଳକ ବିଭାଗରେ ତରଳ ୟୁପିସ୍କୁଲର ଛାତ୍ର ସୁରଜ ଚୌହାନ ପ୍ରଥମ ସ୍ଥାନ ଅଧିକାର କରିଛନ୍ତି । ସେହିଭଳି ବାଳିକା ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ରୀ ଶାନ୍ତି ପୂର୍ତ୍ତି ଦ୍ୱିତୀୟ ଏବଂ ରେଭେନ୍ସା କଲିଜିଏଟ ସ୍କୁଲର ଛାତ୍ରୀ ଆସ୍ଥା ଆହ୍ଲା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ବାଳକ ବିଭାଗରେ ତରଳ ୟୁପି ସ୍କୁଲର ଛାତ୍ର ତାରକ ଟୁଡୁ ଦ୍ୱିତୀୟ ସ୍ଥାନ ଏବଂ କାହ୍ନୁ ହାଂସଦା ତୃତୀୟ ସ୍ଥାନ ଅଧିକାର କରିଛନ୍ତି । ମିନି ମାରାଥନ ପ୍ରତିଯୋଗିତାରେ ବିଭିନ୍ନ ବିଦ୍ୟାଳୟରୁ ୨୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ । ସ୍ଥାନୀୟ ସାରଳା ଭବନଠାରେ ଆୟୋଜିତ ପୁରସ୍କାର ବିତରଣ ଉତ୍ସବରେ ଅତିଥି ଭାବେ ବିଶିଷ୍ଟ କ୍ରୀଡ଼ା ପ୍ରଶିକ୍ଷକ ଯୁଗଳ କିଶୋର ଦାସ, ଇଂ ପ୍ରଭାକର ସ୍ୱାଇଁ ଓ ଶିଳ୍ପଦ୍ୟୋଗୀ ସୁନିଲ ମୁରାର୍କା ପ୍ରମୁଖ ଯୋଗଦେଇ ପ୍ରତିଯୋଗୀମାନଙ୍କୁ ପୁରସ୍କାର ପ୍ରଦାନ କରିଥିଲେ । ଏହି ଅବସରରେ ଓଡ଼ିଶା ଭେଟେରାଲ ସ୍ପୋର୍ଟସ ପର୍ସନ ଆସୋସିଏସନ ପକ୍ଷରୁ ପ୍ରଖ୍ୟାତ ଫୁଟବଲ ଖେଳାଳୀ ଭାରତୀ ମିଶ୍ର, ଜିମ୍ନାଷ୍ଟିକ ଖେଳାଳୀ ଶୟଦକବି ଉଲା, ଭାରା ଉତ୍ତୋଳନକାରୀ ଏସ ରାମାରାଓ ଓ ପ୍ରାକ୍ତନ କ୍ରୀଡ଼ା ପ୍ରଶିକ୍ଷକ ସୁବାସ ଚନ୍ଦ୍ର ଦାସ ମହାପାତ୍ରଙ୍କୁ ସ୍ୱତନ୍ତ୍ର ଭାବରେ ସମ୍ମାନୀତ କରାଯାଇଥିଲା । ଶ୍ରଦ୍ଧାନନ୍ଦ ଦାସ କାର୍ଯ୍ୟକ୍ରମରେ ପ୍ରାରମ୍ଭିକ ସୂଚନା ଦେଇଥିଲେ । ସଂଘର ବରିଷ୍ଠ କର୍ମକର୍ତ୍ତା ସରୋଜ ସିଂ, ରବି ପଟ୍ଟନାୟକ, ଖିତିଶ ପାତ୍ର, ସମୀର ପରିଜା, ଶ୍ରୀଧର ଦାସ, ବିଷ୍ଣୁ ଦାସ, ସୁଘୋଷ ଦାସ, ଅମୂଲ୍ୟ ବେହେରା, ସୌଦାମିନୀ ଦାସ, ଲକ୍ଷ୍ମୀପ୍ରିୟା ଦେଇ, ଅର୍ପିତା ଦାସ ପ୍ରମୁଖ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ । ପ୍ରସନ୍ନ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ ।

# ଇରାନ ଉପରେ ଆମେରିକାର ଆକ୍ରମଣ ବିରୁଦ୍ଧରେ ବିକ୍ଷୋଭ



**କଟକ,୫।୩/ଏନ୍‌ଏନ୍‌ଏସ୍:** ଇରାନ ଉପରେ ଆମେରିକା ଓ ଇସ୍ରାଏଲର ମିଳିତ ଆକ୍ରମଣ ବିରୁଦ୍ଧରେ ଓ ଭାରତ ସରକାରଙ୍କ ଆକ୍ରମଣକୁ ନିନ୍ଦା ନକରି ନୀରବ ରହିବାର ପ୍ରତିବାଦରେ ଓ ମଧ୍ୟପ୍ରାଚ୍ୟରେ ଶାନ୍ତି ପ୍ରତିଷ୍ଠା ଦାବିରେ ଆଜି କଟକର କଚେରି ଗଡା ଠାରେ ଭାରତୀୟ କମ୍ୟୁନିଷ୍ଟ ପାର୍ଟି ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି । ଏକ ସାର୍ବଭୌମ ରାଷ୍ଟ୍ର ଉପରେ ହଠାତ୍ ଆକ୍ରମଣ ଏବଂ ଏହାର ରାଷ୍ଟ୍ରମୁଖ୍ୟ ଓ ତାଙ୍କ ପରିବାରକୁ ହତ୍ୟା କରିବା, ବିଦ୍ୟାଳୟ ଉପରେ ଆକ୍ରମଣକରି ନିରୀହ ଛାତ୍ର ଛାତ୍ରୀମାନଙ୍କୁ ହତ୍ୟା କରିବା ସହ ସମଗ୍ର ମଧ୍ୟପ୍ରାଚ୍ୟରେ ଯୁଦ୍ଧର ବିଭୀଷିକା ସୃଷ୍ଟି କରିଥିବା ଆମେରିକା ଓ ଇସ୍ରାଏଲକୁ ନିନ୍ଦା ନକରି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ପ୍ରକାରାନ୍ତରେ ଆକ୍ରମଣର ସମର୍ଥନର ନିନ୍ଦା କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ କମ୍ୟୁନିଷ୍ଟ ନେତା ଅମରେନ୍ଦୁ ମହାନ୍ତି, ଶ୍ରମିକ ନେତା କିଶୋର ଜେନା,ନଗର ସମ୍ପାଦକ ପ୍ରସନ୍ନ କୁମାର ମହାପାତ୍ର, ଉଦୟ କେଶରୀ ବର୍ମା, କୃଷ୍ଣ ପ୍ରିୟା ମିଶ୍ର, ଇପ୍ଟାର ସମ୍ପାଦକ ସୁଶାନ୍ତ ମହାପାତ୍ର,ଇସକଫର ସମ୍ପାଦକ ସଞ୍ଜୟ ପରିଜା, ବିପିନ ପାଢୀ, ଅଶୋକ ତାହା, କୁଳମଣି ପଣ୍ଡା, ପୂର୍ଣ୍ଣଚନ୍ଦ୍ର ସିଂ, ଭ୍ରମର ସାହୁ, ମିହିର ବିଶ୍ୱାଳ, ତପନ ମିଶ୍ର, ନୈନା ଦେହୁରୀ, ଭାବଗ୍ରାହୀ ଦାସ, ରାଜକିଶୋର ସାହୁ, ପ୍ରଭାତ କୁମାର ସାହୁ ପ୍ରମୁଖ ବକ୍ତବ୍ୟ ରଖିଥିଲେ । ଭାରତ ତଥା ବିଶ୍ୱର ଶାନ୍ତିକାମୀ ଜନସାଧାରଣ ଏହି ଯୁଦ୍ଧର ଅବସାନ ପାଇଁ ଗଣ ଆନ୍ଦୋଳନ ଗଢିତୋଳିବା ପାଇଁ ଅହ୍ୱାନ ଦେଇଥିଲେ ।

## ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଲିକ୍ ମାମଲା

# ପୂର୍ବତନ ବୋର୍ଡ଼ ଉପସଭାପତିଙ୍କ ସମେତ ୮ ଅଭିଯୁକ୍ତଙ୍କୁ ଜାମିନ

**କଟକ,୫।୩/ଏନ୍‌ଏନ୍‌ଏସ୍:** ସ୍ପେଶାଲ ଓଟିଇଟି ପ୍ରଶ୍ନପତ୍ର ଲିକ ମାମଲାରେ ଗିରଫ ହୋଇଥିବା ସମସ୍ତ ଅଭିଯୁକ୍ତଙ୍କର ଆଜି ହାଇକୋର୍ଟ ଜାମିନ ମଞ୍ଜୁର କରିଛନ୍ତି । ମାଧ୍ୟମିକ ଶିକ୍ଷା ପରିଷଦର ପୂର୍ବତନ ଉପସଭାପତି ଡ ନିହାର ରଂଜନ ମହାନ୍ତିଙ୍କ ସମେତ ୮ ଅଭିଯୁକ୍ତଙ୍କ ସର୍ତମୂଳକ ଜାମିନ ମଞ୍ଜୁର ହୋଇଛି । ତେବେ କୌଣସି ଅଭିଯୁକ୍ତଙ୍କୁ ବୋର୍ଡ଼ର କନଫିଡେନସିଆଲ କାମରେ ନିଯୁକ୍ତ ନକରିବାକୁ ହାଇକୋର୍ଟ ନିର୍ଦ୍ଦେଶ ଦେଇଛନ୍ତି । ଏହା ସହିତ ଅଭିଯୁକ୍ତମାନେ ତଦନ୍ତରେ ସହଯୋଗ କରିବା ଏବଂ ଟ୍ରାଏଲକୋର୍ଟଙ୍କ ବିନା ଅନୁମତିରେ ଅଭିଯୁକ୍ତମାନେ ବିଦେଶ ଯାଇପାରିବେ ନାହିଁ ବୋଲି ହାଇକୋର୍ଟ ସର୍ତ ରଖିଛନ୍ତି । ସୂଚନାଯୋଗ୍ୟ, ଗତବର୍ଷ ଜୁଲାଇ ୧୯ ତାରିଖରେ ସ୍ପେଶାଲ ଓଟିଇଟି ପରୀକ୍ଷା ହେବାର ଥିଲା । ତାହାର ଗୋଟିଏ ଦିନ ପୂର୍ବରୁ ପ୍ରଶ୍ନପତ୍ର ଲିକ ହୋଇଥିଲା । ଯାହା ଫଳରେ ପରୀକ୍ଷା ବାତିଲ ହୋଇଥିଲା । ମାମଲାର ତଦନ୍ତ ଭାର ରାଜ୍ୟସରକାର କ୍ରାଇମବ୍ରାଂଚକୁ ଦେଇଥିଲେ । ଅଗଷ୍ଟ ୩ ତାରିଖରେ ଏହି ମାମଲାରେ ବୋର୍ଡ଼ର ଉପସଭାପତି ଥିବା ନିହାର ମହାନ୍ତିଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା । ପରେ ଆଉ ୭ ଜଣକୁ କ୍ରାଇମବ୍ରାଂଚ ଗିରଫ କରିଥିଲା । ଗିରଫଦାରୀ ପରଠାରୁ ସମସ୍ତ ଅଭିଯୁକ୍ତ ଜେଲରେ ଥିଲେ । ପ୍ରଶ୍ନପତ୍ର ପ୍ରଘଟ କାରଣରୁ ପ୍ରଥମେ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷାକୁ ବାତିଲ କରିଥିଲା । ଗତବର୍ଷ ସେପ୍ଟେମ୍ବର ୨୭ ତାରିଖରେ ସ୍ପେଶାଲ ଓଟିଇଟି ପରୀକ୍ଷା ଅନୁଷ୍ଠିତ ହୋଇଥିଲା ।

# ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ସଂକଳ୍ପ ପାଠ



**କଟକ,୫।୩/ଏନ୍‌ଏନ୍‌ଏସ୍:** ଉତ୍କଳ ସାହିତ୍ୟ ସମାଜ ପକ୍ଷରୁ ମନୋନୀତ ଉପସଭାପତି ଓ କାର୍ଯ୍ୟନିର୍ବାହିକା ସମିତି ସଭ୍ୟଙ୍କ ସଂକଳ୍ପ ପାଠ ଉତ୍ସବ ଉତ୍କଳ ସାହିତ୍ୟ ସମାଜ ଶତାବ୍ଦୀ ଭବନର ସାହିତ୍ୟ ଭବନଠାରେ ଗୁରୁବାର ସଂଧ୍ୟାରେ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବରେ ଡକ୍ଟର ରମାକାନ୍ତ ସିଂହ(ମୟୂରଭଞ୍ଜ) ଓ ସୁଶାନ୍ତ କୁମାର ନାୟକ(ରାୟଗଡ଼ା)ଙ୍କୁ ମନୋନୀତ ଉପସଭାପତି ଭାବେ ଏବଂ ଶିବାଶିଷ କର(କଟକ) ଓ ଡକ୍ଟର ଆର୍ଯ୍ୟକୁମାର ହର୍ଷବର୍ଦ୍ଧନ(ସୁବର୍ଣ୍ଣପୁର)ଙ୍କୁ ମନୋନୀତ କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଭାବେ ଅନୁଷ୍ଠାନର ସଭାପତି ଡକ୍ଟର ଗୋବିନ୍ଦ ଚନ୍ଦ୍ର ଚାନ୍ଦ ଶପଥପାଠ କରାଇଥିଲେ । ଉତ୍ସବରେ ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିବା ବେଳେ ଧନ୍ୟବାଦ ପ୍ରଦାନ କରିଥିଲେ ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ । ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟନିର୍ବାହିକା ସମିତି ସଭ୍ୟ ଡକ୍ଟର ବୈଜୟନ୍ତୀମାଳା ଶତପଥୀ, ଡକ୍ଟର ଗାୟତ୍ରୀ ଦେବୀ, ମୀରା ବେଉରା, ଡକ୍ଟର ସେନାପତି ପ୍ରଦ୍ୟୁମ୍ନ କେଶରୀ, ଡକ୍ଟର ରଘୁ ସାହୁ ଓ ଗୀତାଞ୍ଜଳି ପୃଷ୍ଟି ଉପସ୍ଥିତ ଥିଲେ ।

## ରାଜ୍ୟସଭା ଯିବେ ବିହାର ମୁଖ୍ୟମନ୍ତ୍ରୀ

# ଅମିତ ଶାହଙ୍କ ଉପସ୍ଥିତିରେ ଭରିଲେ ନାମାଙ୍କନ



**ନୂଆଦିଲ୍ଲୀ,୫।୩/ଏଜେନ୍ସି:** ବିହାରରେ ସରିବ ନୀତୀଶ କୁମାରଙ୍କ ଯୁଗ। ଦୀର୍ଘ ୨୦ ବର୍ଷ ହେଲା ମୁଖ୍ୟମନ୍ତ୍ରୀ ଭାବେ କାର୍ଯ୍ୟ କରୁଥିବା ନୀତୀଶ କୁମାର ରାଜ୍ୟ ଶାସନରୁ ଦୂରେଇ ଯିବାକୁ ନିଷ୍ପତ୍ତି ନେଇଛନ୍ତି। ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ସେ ରାଜ୍ୟସଭାକୁ ଯିବେ। ଆଜି ସେ ରାଜ୍ୟସଭା ପାଇଁ ନାମାଙ୍କନ ଭରିଛନ୍ତି। ସେ ନାମାଙ୍କନ ଭରିବା ପରେ ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହଙ୍କ ଠାରୁ ଆରମ୍ଭ କରି ବରିଷ୍ଠ ନେତାମାନେ ଉପସ୍ଥିତ ରହିଥିଲେ। ଆଜି ନୀତୀଶ କୁମାର ନାମାଙ୍କନ ଭରିବାକୁ ଥିବାରୁ ମଧ୍ୟାହ୍ନ ସମୟରେ ଅମିତ ଶାହ ପାଟନାରେ ପହଞ୍ଚିଥିଲେ। ଏହାପରେ ସେ ନୀତୀଶ କୁମାରଙ୍କ ବାସଭବନକୁ ଯାଇ ତାଙ୍କୁ ଭେଟିଥିଲେ। ସେଠାରେ ତାଙ୍କୁ ନିଜେ ନୀତୀଶ କୁମାର ସ୍ୱାଗତ କରିଥିଲେ। ଶାହଙ୍କ ସହ ଆଲୋଚନା କରିବା ପରେ ନୀତୀଶ କୁମାର ରାଜ୍ୟସଭା ପାଇଁ ନାମାଙ୍କନ ଭରିଛନ୍ତି। ସେ ରାଜ୍ୟସଭା ଯାଉଥିବା ସ୍ପଷ୍ଟ କରିବା ସହ ବିହାରବାସୀଙ୍କୁ ଧନ୍ୟବାଦ ଜଣାଇଛନ୍ତି।ନୀତୀଶ କୁମାର ରାଜ୍ୟସଭା ଯାଉଥିବା ନିଶ୍ଚିତ ହେବା ପରେ ସେ ଆସନ୍ତା ୧୬ ତାରିଖ ଯାଏ ମୁଖ୍ୟମନ୍ତ୍ରୀ ଭାବେ କାମ କରିବେ ବୋଲି ଜେଡିୟୁ ପକ୍ଷରୁ କୁହାଯାଇଛି। ନୀତୀଶ କୁମାର ମୁଖ୍ୟମନ୍ତ୍ରୀ ପଦ ଛାଡୁଥିବା ବେଳେ ତାଙ୍କ ପୁଅ ନିଶାନ୍ତ ରାଜ୍ୟ ରାଜନୀତିରେ ଡେବ୍ୟୁ କରିବେ। ବିଜେପି ମୁଖ୍ୟମନ୍ତ୍ରୀ ପଦ ହାତେଇବାକୁ ଥିବା ବେଳେ ନିଶାନ୍ତ ବିହାରର ଉପ ମୁଖ୍ୟମନ୍ତ୍ରୀ ହେବେ। ରାଜ୍ୟସଭା ନାମାଙ୍କନ ଦାଖଲ କରିବା ପୂର୍ବରୁ ନୀତୀଶ କୁମାର ବିହାର ଭୋଟରଙ୍କୁ ଧନ୍ୟବାଦ ଜଣାଇଛନ୍ତି। ଏଥିସହ ବିହାରରେ ଗଠନ ହେବାକୁ ଥିବା ନୂଆ ସରକାରକୁ ସେ ପୂର୍ଣ୍ଣ ସମର୍ଥନ କରିବେ ବୋଲି ମଧ୍ୟ କହିଛନ୍ତି। ମାତ୍ର ୪ ମାସ ତଳେ ରେକର୍ଡ ୧୦ମ ଥର ପାଇଁ ବିହାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେଇଥିଲେ ନୀତୀଶ କୁମାର। ଏବେ ସେ ମୁଖ୍ୟମନ୍ତ୍ରୀ ପଦ ଛାଡ଼ି ରାଜ୍ୟସଭାକୁ ଯାଉଛନ୍ତି।

## ପ୍ରଥମ ପୃଷ୍ଠାରୁ

### ସୁରେଶ ପୂଜାରୀ ଦିଲ୍ଲୀ ...

ମଙ୍ଗଳବାର ସନ୍ଧ୍ୟାରେ ମନ୍ତ୍ରୀ ସୁରେଶ ପୂଜାରୀଙ୍କ ଛାତିରେ ପ୍ରବଳ ଯନ୍ତ୍ରଣା ହୋଇଥିଲା। ଯାହା ଫଳରେ ତାଙ୍କୁ ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ କାର୍ଡିଓଥୋରାସିକ୍ ଆଣ୍ଡ ଭାସ୍କୁଲାର ସର୍ଜରୀ (ସିଟିଭି) ଆଇସିୟୁରେ ରଖାଯାଇଥିଲା। ଏମ୍ସର ଏକ ସ୍ୱତନ୍ତ୍ର ଟିମ୍ ତାଙ୍କ ସ୍ୱାସ୍ଥ୍ୟ ଉପରେ ନଜର ରଖିବା ସହ ବିଭିନ୍ନ ପ୍ରକାର ପରୀକ୍ଷା ମଧ୍ୟ କରିଥିଲେ। ହେଲେ ଆଜି ଡାକ୍ତରଙ୍କ ପରାମର୍ଶ କ୍ରମେ ତାଙ୍କୁ ଅଧିକ ଚିକିତ୍ସା ପାଇଁ ଦିଲ୍ଲୀ ଏମ୍ସକୁ ସ୍ଥାନାନ୍ତର କରାଯାଇଛି।

### ନାମାଙ୍କନ ଭରିଲେ ...

ଦୁଇ ପ୍ରାର୍ଥୀ ଭୁବନେଶ୍ୱର ସ୍ଥିତ ରାମ ମନ୍ଦିରକୁ ଯାଇ ପ୍ରଭୁ ରାମଙ୍କ ପୂଜାର୍ଚ୍ଚନା ସହ ଆଶୀର୍ବାଦ ଗ୍ରହଣ କରିଥିଲେ। ପରେ ବିଜେପି ନେତା ଓ କର୍ମୀଙ୍କ ଗହଣରେ ଏକ ଭବ୍ୟ ଶୋଭାଯାତ୍ରାରେ ଆସି ବିଧାନସଭାକୁ ଆସି ନାମାଙ୍କନ ଦାଖଲ କରିଥିଲେ। ଏହି ଅବସରରେ ବିଜେପିର ବହୁ ସଂଖ୍ୟକ ନେତା, ବିଧାୟକ ଓ କର୍ମୀମାନେ ଉପସ୍ଥିତ ଥିଲେ। ପରେ ସ୍ୱାଧୀନ ପ୍ରାର୍ଥୀ ଭାବେ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଦିଲ୍ଲୀପ ରାୟ ନାମାଙ୍କନ ଭରିଥିଲେ। ଦିଲ୍ଲୀପଙ୍କୁ ବିଜେପି ସମର୍ଥନ ଦେବ ବୋଲି ଘୋଷଣା କରିସାରିଛି। ମନମୋହନ ସାମଲ ୨୦୦୦-୨୦୦୪ ପର୍ଯ୍ୟନ୍ତ ରାଜ୍ୟ ସଭାର ସଭ୍ୟ ଥିଲେ ଏବଂ ସୁଜିତ କୁମାରଙ୍କର ସଦସ୍ୟତା ଆସନ୍ତା ଏପ୍ରିଲ ୨ରେ ଶେଷ ହେବାକୁ ଯାଉଛି। ସେହିପରି ଦିଲ୍ଲୀପ ୨୦୦୦ ମସିହାରେ ସ୍ୱାଧୀନ ପ୍ରାର୍ଥୀ ଭାବେ ନିର୍ବାଚନ ଜିତି ରାଜ୍ୟସଭାକୁ ମନୋନୀତ ହୋଇଥିଲେ। ଉଲ୍ଲେଖନୀୟ ଯେ, ଓଡ଼ିଶାରେ ହେବାକୁ ଥିବା ରାଜ୍ୟସଭା ନିର୍ବାଚନ ପରିଚାଳନା ପାଇଁ ଭାରତର ନିର୍ବାଚନ କମିସନ ଓଡ଼ିଶା ବିଧାନସଭାର ସଚିବ ସତ୍ୟବ୍ରତ ରାଉତଙ୍କୁ ରିଟର୍ଣ୍ଣିଂ ଅଧିକାରୀ ଏବଂ ଯୁଗ୍ମ ସଚିବ ବିଦ୍ୟାଧର ମାଝୀଙ୍କୁ ସହାୟକ ରିଟର୍ଣ୍ଣିଂ ଅଧିକାରୀ ଭାବେ ନିୟୋଜିତ କରିଛନ୍ତି।

### ବିଶ୍ୱକପ୍ ଫାଇନାଲ୍‌ରେ ...

ପରାଜିତ ହୋଇଥିଲା। ୨୦୨୪ରେ ଇଂଲଣ୍ଡକୁ ହରାଇଥିବା ବେଳେ ଏବେ ପୁଣିଥରେ ଇଂଲିଶ ଟିମ୍‌କୁ ମାତ୍ ଦେଇଛି। ଭାରତ ଏବେ ଫାଇନାଲ୍‌ରେ ନ୍ୟୁଜିଲାଣ୍ଡକୁ ମାର୍ଚ୍ଚ ୮ ତାରିଖରେ ଭେଟିବ। ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍‌ରେ ଖେଳାଯିବାକୁ ଥିବା ଫାଇନାଲ୍‌ରେ ଭାରତୀୟ ଟିମ୍ ଲଗାତାର ଦ୍ୱିତୀୟ ଟାଇଟଲ୍ ଜିତିବା ଲକ୍ଷ୍ୟରେ ରହିବ। ଲକ୍ଷ୍ୟର ପିଛା କରୁଥିବା ଇଂଲଣ୍ଡର ଆରମ୍ଭ ଭଲ ନଥିଲା। ଫିଲ୍ ସଲ୍ଟ ମାତ୍ର ୫ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ଶିକାର ହୋଇଥିଲେ। ସେହିପରି କ୍ୟାପ୍ଟେନ୍ ହ୍ୟାରୀ ବ୍ରୁକ୍ ୭ ରନ୍ କରି ଜସ୍‌ପ୍ରୀତ୍ ବୁମ୍‌ରାଙ୍କ ବଲ୍‌ରେ ଅକ୍ଷର ପଟେଲ୍‌ଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଜୋସ୍ ବଟ୍‌ଲର୍ ଲୟରେ ଥିଲେ ମଧ୍ୟ ବ୍ୟକ୍ତିଗତ ୨୫ ରନ୍‌ର ସ୍କୋର୍‌ରେ ବରୁଣ ଚକ୍ରବର୍ତ୍ତୀଙ୍କ ଦ୍ୱାରା ବୋଲ୍ଡ ହୋଇଥିଲେ। ଏହାପରେ ଟମ୍ ବାଣ୍ଟମ୍ (୧୭ ରନ୍) ଅକ୍ଷର ପଟେଲ୍‌ଙ୍କ ବଲ୍‌ରେ ଦୁଇଟି ଆକାଶଛୁଆଁ ଛକା ମାରିଥିଲେ। ମାତ୍ର ଭାରତୀୟ ଭାଇସ୍ କ୍ୟାପ୍ଟେନ୍ ତାଙ୍କୁ ତୁରନ୍ତ ପ୍ୟାଭିଲିୟନ୍ ଫେରାଇ ଇଂଲଣ୍ଡ ସ୍କୋର୍ ୯୫/୪ କରିଥିଲେ। ୱିକେଟ୍ ପତନ ସତ୍ତ୍ୱେ ଜ୍ୟାକବ୍ ବେଥେଲ୍ ରନ୍ ଗତିକୁ ବଜାୟ ରଖିଥିଲେ। ସେ ୫ ଛକା ଓ ତିନି ଚୌକା ସହାୟତାରେ ୧୯ ବଲ୍‌ରେ ଅର୍ଦ୍ଧଶତକ ହାସଲ କରିଥିଲେ। ପଞ୍ଚମ ୱିକେଟ୍ ପାଇଁ ସେ ୱିଲ୍ ଜ୍ୟାକ୍ସଙ୍କ ସହ ୭୭ ରନ୍‌ର ପାର୍ଟନରଶିପ୍ କରି ଇଂଲଣ୍ଡକୁ କିଛିଟା ଆଶା ଦେଇଥିଲେ। ୱିଲ୍ ଜ୍ୟାକ୍ସଙ୍କୁ ଆଉଟ୍ କରି ଅର୍ଶଦୀପ୍ ସିଂହ ଏହି ପାର୍ଟନରଶିପ୍‌ରେ ବ୍ରେକ୍ ଲଗାଇଥିଲେ। ଜ୍ୟାକ୍ସ ୨୦ ବଲ୍‌ରେ ୪ ଚୌକା ଓ ୨ ଛକା ବଳରେ ୩୫ ରନ୍ କରିଥିଲେ। ପରେ ବେଥେଲ୍‌ଙ୍କ ସହ ସାମ୍ କରନ୍ (୧୮) ୫୦ ରନ୍‌ର ପାର୍ଟନରଶିପ୍ କରି ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ତିଳକ ବର୍ମାଙ୍କୁ କ୍ୟାଚ୍ ଦେଇ ଫେରିଥିଲେ। ଇତିମଧ୍ୟରେ ହାର୍ଦ୍ଦିକ ପାଣ୍ଡ୍ୟାଙ୍କ ବଲ୍‌ରେ ଛକା ମାରି ୪୫ ବଲ୍‌ରେ ଶତକ ପୂରଣ କରିଥିବା ବେଥେଲ୍ ଅନ୍ତିମ ଓଭର୍‌ରେ ୧୦୫ ରନ୍‌ର ବ୍ୟକ୍ତିଗତ ସ୍କୋର୍‌ରେ ଦୁର୍ଭାଗ୍ୟଜନକ ଭାବେ ରନ୍‌ଆଉଟ୍ ହୋଇଥିଲେ। ତାଙ୍କ ୪୮ ବଲ୍‌ର ଇନିଂସ୍‌ରେ ୮ ଚୌକା ଓ ୭ ଛକା ସାମିଲ ଥିଲା। ଭାରତ ପକ୍ଷରୁ ହାର୍ଦ୍ଦିକ ପାଣ୍ଡ୍ୟା ସର୍ବାଧିକ ୨ଟି ୱିକେଟ୍ ନେଇଥିବା ବେଳେ ଅର୍ଶଦୀପ୍, ବୁମ୍‌ରା, ବରୁଣ ଚକ୍ରବର୍ତ୍ତୀ ଏବଂ ଅକ୍ଷର ପଟେଲ୍‌ଙ୍କୁ ୧-୧ ସଫଳତା ମିଳିଥିଲା। ଟସ୍ ହାରି ପ୍ରଥମେ ବ୍ୟାଟିଂ ପାଇଥିବା ଭାରତ ୭ ୱିକେଟ୍ ହରାଇ ୨୫୩ ରନ୍ କରିଥିଲା। ଏହା ଟି-୨୦ ବିଶ୍ୱକପ୍‌ରେ ଭାରତର ଦ୍ୱିତୀୟ ସର୍ବାଧିକ ସ୍କୋର୍। ଟିମ୍ ଇଣ୍ଡିଆର ସବୁଠୁ ବଡ଼ ସ୍କୋର୍ ରେକର୍ଡ ୨୫୬ ରନ୍ ରହିଛି। ସୁପର୍-୮ରେ ଜିମ୍ବାୱେ ବିପକ୍ଷରେ ଟିମ୍ ଏହି ସ୍କୋର୍ କରିଥିଲା। ଆଜି ସଞ୍ଜୁ ସାମ୍‌ସନ୍‌ଙ୍କ ସହ ଇନିଂସ୍ ଓପନ୍ କରିଥିବା ଅଭିଷେକ ଶର୍ମା ପୁଣିଥରେ ବିଫଳ ହୋଇଥିଲେ। ଅଭିଷେକ ମାତ୍ର ୯ ରନ୍ କରି ୱିଲ୍ ଜ୍ୟାକ୍ସଙ୍କ ବଲ୍‌ରେ କ୍ୟାଚ୍ ଆଉଟ୍ ହୋଇଥିଲେ। ଏହାପରେ ଈଶାନ୍ତ ଶର୍ମାଙ୍କ ସହ ସାମ୍‌ସନ୍ ସତର୍କତାର ସହ ଖେଳ ପାୱାରପ୍ଲେରେ ସ୍କୋର୍ ୬୭/୧ରେ ପହଞ୍ଚାଇଥିଲେ। ପାୱାର୍‌ପ୍ଲେର ତୁରନ୍ତ ପରେ ସଞ୍ଜୁ ୨୬ ବଲ୍‌ରେ ୭ ଚୌକା ଓ ୩ ଛକା ସହାୟତାରେ ଅର୍ଦ୍ଧଶତକ ହାସଲ କରିଥିଲେ। ଭାରତ ୮.୩ ଓଭର୍‌ରେ ୧୦୦ ରନ୍ ପୂରଣ କରିଥିଲା। ଟି-୨୦ ବିଶ୍ୱକପ୍ ନକ୍‌ଆଉଟ୍‌ରେ କୌଣସି ଟିମ୍‌ର ଏହା ଦ୍ୱିତୀୟ ଦ୍ରୁତତମ ୧୦୦ ରନ୍। ଏହା ପୂର୍ବରୁ ଗତକାଲି ସାଉଥ୍ ଆଫ୍ରିକା ବିପକ୍ଷରେ ନ୍ୟୁଜିଲାଣ୍ଡ ୭.୫ ଓଭର୍‌ରେ ୧୦୦ ରନ୍ ପୂରା କରିଥିଲା। ଲୟରେ ଥିବା ଈଶାନ୍ କିଶନ୍ ୧୦ମ ଓଭର୍‌ରେ ଆଦିଲ୍ ରଶିଦ୍‌ଙ୍କ ବଡ଼ ଶଟ୍ ଖେଳିବାକୁ ଯାଇ ଲଙ୍ଗ୍-ଅଫ୍‌ରେ ୱିଲ୍ସ ଜ୍ୟାକ୍ସଙ୍କ ଦ୍ୱାରା କ୍ୟାଚ୍ ଆଉଟ୍ ହୋଇଥିଲେ। ଈଶାନ୍ ଏବଂ ସଞ୍ଜୁଙ୍କ ମଧ୍ୟରେ ଦ୍ୱିତୀୟ ୱିକେଟ୍ ପାଇଁ ୪୫ ବଲ୍‌ରେ ୯୭ ରନ୍‌ର ପାର୍ଟନରଶିପ୍ ହୋଇଥିଲା। ଏହାପରେ ସଞ୍ଜୁ ତୃତୀୟ ୱିକେଟ୍ ପାଇଁ ଶିଭମ୍ ଦୁବେଙ୍କ ସହ ୪୩ ରନ୍ ଯୋଡ଼ିଥିଲେ। ତେବେ ୱିଲ୍ ଜ୍ୟାକ୍ସଙ୍କ ଏକ ଫ୍ଲାଇଟେଡ୍ ବଲ୍‌ରେ ସଞ୍ଜୁ କ୍ୟାଚ୍ ଆଉଟ୍ ହୋଇଥିଲେ। ସେ ୪୨ ବଲ୍‌ରେ ୮ ଚୌକା ଓ ୭ ଛକା ସହାୟତାରେ ୮୯ ରନ୍‌ର ବିସ୍ଫୋରକ ଇନିଂସ୍ ଖେଳି ଫେରିଥିଲେ। ଏହାପରେ କ୍ୟାପ୍ଟେନ୍ ସୂର୍ଯ୍ୟକୁମାର ଯାଦବ ୧୧ ରନ୍ କରି ଆଦିଲ୍ ରଶିଦ୍‌ଙ୍କ ବଲ୍‌ରେ ଷ୍ଟମ୍ପ୍ ଆଉଟ୍ ହୋଇଥିଲେ। ଚମତ୍କାର ଲୟରେ ଥିବା ଶିଭମ୍ ଦୁବେ ରନ୍ ଆଉଟ୍ ହୋଇଥିଲେ। ସେ ୪ ଛକା ଏବଂ ଗୋଟିଏ ଚୌକା ବଳରେ ୨୫ ବଲ୍‌ରେ ୪୩ ରନ୍ କରିଥିଲେ। ଭାରତର ୬ଷ୍ଠ ୱିକେଟ୍ ତିଳକ ବର୍ମାଙ୍କ ରୂପରେ ପଡ଼ିଥିଲା। ତିଳକ ତିନି ଛକା ବଳରେ ୭ ବଲ୍‌ରେ ୨୧ ରନ୍‌ର ଯୋଗଦାନ ଦେଇଥିଲେ। ଶେଷରେ ହାର୍ଦ୍ଦିକ ପାଣ୍ଡ୍ୟା ୨୭ ରନ୍‌ରେ ରନ୍ ଆଉଟ୍ ହୋଇ ଫେରିଥିଲେ। ଇଂଲଣ୍ଡ ପକ୍ଷରୁ ୱିଲ୍ ଜ୍ୟାକ୍ସ ଓ ଆଦିଲ୍ ରଶିଦ୍ ୨-୨ ୱିକେଟ୍ ନେଇଥିବା ବେଳେ ଜୋଫ୍ରା ଆର୍ଚର୍‌ଙ୍କୁ ଗୋଟିଏ ସଫଳତା ମିଳିଥିଲା।

### ଆଜି ଆସିବେ ଅମିତ ...

ଦେବା ସହ ମଧ୍ୟାହ୍ନ ୧୨ଟା ୩୦ଯାଏ ସେଠାରେ ରହିବେ। ଏହାପରେ ଶାହ ସେଠାରୁ ବାହାରି ଦିନ ପ୍ରାୟ ୧ଟାଏ ବେଳେ ଇନଫୋଭ୍ୟାଲିସ୍ଥିତ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ କ୍ୟାମ୍ପସରେ ପହଞ୍ଚିବେ। ସେଠାରେ ଚିହ୍ନଟ ହୋଇଥିବା ଜମିରେ କେନ୍ଦ୍ରୀୟ ଫୋରେନ୍ସିକ୍ ବିଜ୍ଞାନ ପରୀକ୍ଷାଗାର ଭୁବନେଶ୍ୱର କ୍ୟାମ୍ପସ ପାଇଁ ଭୂମି ପୂଜନ କରିବା ସହ ଆଭାସୀ ମାଧ୍ୟମରେ ଜାତୀୟ ଫୋରେନ୍ସିକ୍ ବିଜ୍ଞାନ ବିଶ୍ୱବିଦ୍ୟାଳୟ ଟ୍ରାନଜିଟ୍ କ୍ୟାମ୍ପସ ଶୁଭ ଉଦ୍‌ଘାଟନ କରିବେ। ଅପରାହ୍ଣ ୨ଟା ୧୦ରେ ଶାହ ସେଠାରୁ ସ୍ୱତନ୍ତ୍ର ବିମାନ ଜରିଆରେ ପାରାଦୀପ ଯିବେ। ୨ଟା ୪୫ରେ ଇଫ୍‌କୋ ପାରାଦୀପ ୟୁନିଟସ୍ଥିତ କାର୍ଯ୍ୟକ୍ରମ ସ୍ଥଳରେ ଶାହ ଯୋଗ ଦେବେ। ଶାହ ସେଠାରେ ସଲଫ୍ୟୁରିକ ଏସିଡ୍ ପ୍ଲାଣ୍ଟ ଶୁଭ ଉଦଘାଟନ କରିବେ। ତେବେ ଅପରାହ୍ଣ ୪ଟା ୫ରେ ବିଏସଏଫ ବିମାନ ଯୋଗେ ସେଠାରୁ ବାହାରି ୪ଟା ୩୫ରେ ଭୁବନେଶ୍ୱର ବିମାନ ବନ୍ଦରରେ ପହଞ୍ଚିବେ। ସେଠାରୁ ଶାହ ପ୍ରଦର୍ଶନୀ ପଡ଼ିଆରେ ଆୟୋଜିତ ନ୍ୟାୟ ସଂହିତା ପ୍ରଦର୍ଶନୀକୁ ଉଦଘାଟନ କରିବା ସହ ସମବାୟ ଏବଂ ଅନ୍ୟ ବିଭାଗ ପ୍ରକଳ୍ପଗୁଡିକର ଶିଳାନ୍ୟାସ ଓ ଉଦଘାଟନ କରିବା କାର୍ଯ୍ୟକ୍ରମ ରହିଛି। ସନ୍ଧ୍ୟା ପ୍ରାୟ ୬ଟା ୩୫ରେ ମନ୍ତ୍ରୀ ଶାହ ସଡ଼କ ପଥ ହୋଇ ସିଧା ଭୁବନେଶ୍ୱର ବିମାନ ବନ୍ଦରକୁ ଯିବେ। ୬ଟା ୫୦ରେ ବିଏସଏଫ ବିମାନ ଯୋଗେ ଶାହ ଦିଲ୍ଲୀ ଫେରିଯିବାର କାର୍ଯ୍ୟକ୍ରମ ରହିଛି।

# ମଦ୍ୟପ ଚାଳକଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ

## ୧୫୩ଙ୍କ ବିରୋଧରେ ପୁରୀ ପୁଲିସର ମାମଲା



**ପୁରୀ,୫।୩/ଏନ୍‌ଏନ୍‌ଏସ୍:** ପୁରୀ ଜିଲ୍ଲାରେ ସଡ଼କ ସୁରକ୍ଷା ବ୍ୟବସ୍ଥାକୁ ଆହୁରି ସୁଦୃଢ଼ କରିବା ସହିତ ମଦ୍ୟପାନ କରି ଯାନ ଚାଳନା ବା ଡ୍ରଙ୍କନ୍ ଡ୍ରାଇଭିଂ ଉପରେ ନିୟନ୍ତ୍ରଣ ଆଣିବା ପାଇଁ ପୁରୀ ପୋଲିସ ଫେବୃଆରୀ ମାସ ପୁରୀ ଜିଲ୍ଲାର ବିଭିନ୍ନ ସ୍ଥାନରେ ବିଶେଷ ଅଭିଯାନ ଚାଲାଇଥିଲେ। ଏହି ଅଭିଯାନ ସମୟରେ ପୁରୀ ପୋଲିସର ବିଭିନ୍ନ ଥାନା ଅଞ୍ଚଳରେ ଗାଡି ଯାଞ୍ଚ କଡ଼ାକଡ଼ି ଭାବେ କରାଯାଇଥିଲା। ଏହି ବିଶେଷ ଅଭିଯାନ ଅଧୀନରେ ମଦ୍ୟପାନ କରି ଗାଡି ଚାଳନା କରୁଥିବା ଚାଳକ ମାନଙ୍କ ବିରୋଧରେ ଆଇନନୁସାରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ପୁରୀ ଜିଲ୍ଲାର ଚାରିଟି ସବ୍ ?ଡିଭିଜନ ଅଞ୍ଚଳରେ ଏହି ଅଭିଯାନ ଚାଲିଥିବା ବେଳେ ମୋଟ ୧୫୩ଟି ମଦ୍ୟପାନ କରି ଯାନ ଚାଳନା ମାମଲା ଚିହ୍ନଟ କରାଯାଇଥିଲା। ସବ୍‌ଡିଭିଜନ ଅନୁସାରେ ସିଟି ସବ୍‌ଡିଭିଜନ ୮୬ଟି ମାମଲା, ସଦର ସବ୍ ?ଡିଭିଜନ ୩୪ଟି ମାମଲା, ନିମାପଡା ସବ୍‌ଡିଭିଜନ ୧୯ଟି ମାମଲା, ପିପିଲି ସବ୍ ?ଡିଭିଜନ ୧୪ଟି ମାମଲା ଏହିପରି ମୋଟ ୧୫୩ଟି ଯାନ ଚାଳକଙ୍କ ବିରୋଧରେ ଆଇନନୁସାରେ ମାମଲା ରୁଜୁ କରାଯାଇଛି। ପୁରୀ ପୋଲିସ ପକ୍ଷରୁ ସମସ୍ତ ଯାନ ଚାଳକଙ୍କୁ ଅନୁରୋଧ କରାଯାଉଛି ଯେ ସେମାନେ ସଡ଼କ ସୁରକ୍ଷା ନିୟମକୁ ସମ୍ମାନ କରିବେ ଏବଂ କେବେ ମଧ୍ୟ ମଦ୍ୟପାନ କରି ଯାନ ଚାଳନା କରିବେ ନାହିଁ। ମଦ୍ୟପାନ କରି ଯାନ ଚାଳନା କରିବା ଫଳରେ ଗୁରୁତର ସଡ଼କ ଦୁର୍ଘଟଣା ଘଟିପାରେ, ଯାହା ନିଜ ଓ ଅନ୍ୟମାନଙ୍କ ଜୀବନକୁ ବିପଦରେ ପକାଇଥାଏ। ଏହିପରି ଅବହେଳା ଦୁର୍ଘଟଣାର ପ୍ରମୁଖ କାରଣ ହୋଇଥାଏ। ପୁରୀ ପୋଲିସ ଆଗାମୀ ଦିନରେ ମଧ୍ୟ ଏହିପରି ଅଭିଯାନକୁ ଆହୁରି ଜୋରଦାର ଭାବରେ ଜାରି ରହିବ ଏବଂ ମଦ୍ୟପାନ କରି ଯାନ ଚାଳନା କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ। ସମସ୍ତ ସାଧାରଣ ଲୋକଙ୍କୁ ମଧ ଏହି ବିଷୟରେ ସଚେତନ ହେବା ସହ ଆଇନ ମାନି ଯାନ ଚାଳନା କରିବାକୁ ପୁରୀ ପୋଲିସ ଅନୁରୋଧ କରୁଛି। ଯଦି କୌଣସି ସନ୍ଦେହଜନକ କାର୍ଯ୍ୟକଳାପ, ଅସୁବିଧା ବା ଜରୁରୀ ପରିସ୍ଥିତି ବିଷୟରେ ସୂଚନା ଥାଏ, ତେବେ ୧୧୨କୁ ସୂଚନା ଦେବାକୁ ପୁରୀ ପୋଲିସ ସାଧାରଣ ଲୋକଙ୍କୁ ଅନୁରୋଧ କରିଛି।

# ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ବିଭିନ୍ନ ସମସ୍ୟା ସମାଧାନ ଦାବିରେ ଶରଣକୁଳ ବନ୍ଦ୍




**ଶରଣକୁଳ,୫।୩/ଏନ୍‌ଏନ୍‌ଏସ୍:** ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଉନ୍ନତି ଓ ବିଭିନ୍ନ ସମସ୍ୟା ସମାଧାନ ଦାବି ନେଇ ଶରଣକୁଳ ବିକାଶ ମଞ୍ଚ ପକ୍ଷରୁ ଗୁରୁବାର ୧୨ଘଣ୍ଟିଆ ଶରଣ କୁଳବନ୍ଦ ଡାକରା ଦିଆଯାଇଥିଲା। ଏହି ସମୟରେ ଶରଣକୁଳ ଅଞ୍ଚଳର ବିଭିନ୍ନ ସରକାରୀ ଓ ବେସରକାରୀ ବିଦ୍ୟାଳୟ, କଲେଜ, ବ୍ୟାଙ୍କ, ସରକାରୀ କାର୍ଯ୍ୟାଳୟ, ବ୍ୟବସାୟିକ ପ୍ରତିଷ୍ଠାନ, ଦୋକାନ ବଜାର ଆଦି ବନ୍ଦ ରହିଥିଲା। ବିକାଶ ମଞ୍ଚ ଆହ୍ୱାନରେ ଏହି ଅଞ୍ଚଳର ବିଭିନ୍ନ ଗ୍ରାମରୁ ଶତାଧିକ ପୁରୁଷ ମହିଳା ଏକାଠି ହୋଇ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ଏକ ପଦଯାତ୍ରାରେ ବାହାରି ଲଡୁବାବାଙ୍କ ମନ୍ଦିର ନିକଟରେ ପହଞ୍ଚିଥିଲେ। ସେଠାରେ କୃଷକ ନେତା ଗୋଲକ ବିହାରୀ ମୁଦୁଲିଙ୍କ ସଭାପତିତ୍ୱରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ବିଧାୟକ ସତ୍ୟନାରାୟଣ ପ୍ରଧାନ, ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଛାତ୍ର କଂଗ୍ରେସ ସଭାପତି ଶିବପ୍ରସାଦ ସାହୁ, ଶିଖରପୁର ସରପଞ୍ଚ ସନ୍ୟାସୀ ପ୍ରଧାନ, କଂଗ୍ରେସ ଯୁବନେତା ବିଭୁ ପ୍ରସାଦ ମିଶ୍ର, ଜିଲ୍ଲାପରିଷଦ ସଭ୍ୟ ଚିନ୍ମୟୀ ଦାଶ, ପବିତ୍ର ଇନ୍ଦ୍ରଜିତ, ସମିତିସଭ୍ୟ ପ୍ରତୀକ ମହାପାତ୍ର, ଆଲୋକ ପ୍ରଧାନ, ତ୍ରିଲୋଚନ ମହାପାତ୍ର, ନାରୀନେତ୍ରୀ ଜ୍ୟୋତିପ୍ରଭା ଜେନା, କୃଷ୍ଣ ଚନ୍ଦ୍ର ମହାପାତ୍ର ପ୍ରମୁଖ ଯୋଗଦେଇ ସ୍ୱାସ୍ଥ୍ୟ କେନ୍ଦ୍ରରେ ଉପୁଜିଥିବା ବିଭିନ୍ନ ସମସ୍ୟା, ରୋଗୀସେବା ବ୍ୟାହତ ଓ ଛଅ ଦଫା ଦ୍ୱାରା ସମାଧାନ ଉପରେ ବକ୍ତବ୍ୟ ରଖିଥିଲେ। ପ୍ରକାଶଥାଉ କି ଶରଣକୁଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଏକ ପୁରାତନ ସ୍ୱାସ୍ଥ୍ୟକେନ୍ଦ୍ର ହୋଇଥିବା ବେଳେ ଦୀର୍ଘ ବର୍ଷ ହେଲା ଏଠାରେ ଡାକ୍ତର ପଦବୀ ଖାଲି ପଡ଼ି ରହିବା, ପାଳିକରି ଏଠାକୁ ରୋଗୀ ସେବାପାଇଁ ଡାକ୍ତରମାନେ ଆସିବା, ରୋଗୀସେବା ପାଇଁ ଆସିଥିବା ଅତ୍ୟାଧୁନିକ ଯନ୍ତ୍ରପାତି ଗୁଡିକ ବ୍ୟବହାର ନ ହୋଇ ଅଚଳ ଅବସ୍ଥାରେ ପଡି ରହିବା, ନୂତନ ଗୃହ ନିର୍ମାଣରେ ମନ୍ଥରତା ହେତୁ ସ୍ୱାସ୍ଥ୍ୟ କେନ୍ଦ୍ରର ଉନ୍ନତି ନହେବା ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଥିବା ଅନ୍ତର୍ଦ୍ୱନ୍ଦ୍ୱ ନେଇ ସାଧାରଣରେ ଅସନ୍ତୋଷ ଦେଖାଦେଇଛି। ଏହାର ସମାଧାନ ପାଇଁ ବିକାଶ ମଞ୍ଚ ପକ୍ଷରୁ ନୟାଗଡ଼ ଜିଲ୍ଲାପାଳ, ଜିଲ୍ଲା ମୁଖ୍ୟ ଚିକିତ୍ସା ଅଧିକାରୀଙ୍କୁ ଦାବିପତ୍ର ଦିଆଯାଇ ଥିଲେ ମଧ୍ୟ ଏପର୍ଯ୍ୟନ୍ତ ଏହାର ସମାଧାନ ହୋଇପାରି ନାହିଁ। ସପ୍ତାହ ମଧ୍ୟରେ ସମସ୍ୟାଗୁଡିକର ସମାଧାନ ନହେଲେ ଆନ୍ଦୋଳନ ଜୋର୍‌ଦାର୍ ହେବ ବୋଲି ବିକାଶ ମଞ୍ଚ ପକ୍ଷରୁ କୁହାଯାଇଛି।

# ଗୁରୁ ଘନଶ୍ୟାମ, ଶିବପ୍ରସାଦ ଓ ମନୋରଞ୍ଜନଙ୍କୁ ସିଂହାରୀ ସମ୍ମାନ




**ପୁରୀ,୫।୩/ଏନ୍‌ଏନ୍‌ଏସ୍:** ଆଗାମୀ ବର୍ଷରୁ ଓଡ଼ିଶୀ ସଂଗୀତକୁ ଜାତୀୟ ସ୍ତରରେ ସମୃଦ୍ଧ କରିଥିବା ଗାୟକରନ୍ ସିଂହାରୀ ଶ୍ୟାମସୁନ୍ଦର କରଙ୍କ ଜୟନ୍ତୀ, ଓଡ଼ିଶା ସଂଗୀତ ନାଟକ ଏକାଡେମୀ ପୁରୀରେ ପାଳନ କରିବ ବୋଲି ଏକାଡେମୀ ସଚିବ ଡକ୍ଟର ଚନ୍ଦ୍ରଶେଖର ହୋତାଙ୍କ ପକ୍ଷରୁ ଘୋଷଣା କରିଛନ୍ତି ଏକାଡେମୀ ସଦସ୍ୟ ଡକ୍ଟର ବଦ୍ରି ମିଶ୍ର। ପୁରୀ ଅନ୍ନପୂର୍ଣ୍ଣା ରଙ୍ଗମଞ୍ଚ ରେ ଅନୁଷ୍ଠିତ ସିଂହାରୀ ଜୟନ୍ତୀ ରେ ମୁଖ୍ୟବକ୍ତା ଭାବେ ଯୋଗଦେଇ ଡକ୍ଟର ମିଶ୍ର, ଓଡ଼ିଶୀ ସଂଗୀତ, ମର୍ଦ୍ଦଳ ଓ ଶ୍ରୀଜଗନ୍ନାଥ ସଂସ୍କୃତି କୁ ବିକଶିତ କରିଥିବା ସିଂହାରୀ ଶ୍ୟାମସୁନ୍ଦରଙ୍କ ସ୍ମୃତିଚାରଣ କରିଥିଲେ। ସୁଶ୍ରୀ କୁନାମଣି ଦେବୀଙ୍କ ସଭାପତିତ୍ୱ ଓ ସଂପାଦକ ମହାବୀର ପ୍ରତିହାରୀଙ୍କ ପରିଚାଳନା ରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମ ରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଶ୍ରୀମନ୍ଦିର ପରିଚାଳନା କମିଟି ସଦସ୍ୟ ମଧୁସୂଦନ ସିଂହାରୀ କହିଥିଲେ ଯେ ପୁରୀ ରେ ସିଂହାରୀଙ୍କ ନାମରେ ଏକ ସଂଗୀତ ମହାବିଦ୍ୟାଳୟ ଏକ ଆବଶ୍ୟକତା। ଏନେଇ ସେ ସରକାର ଓ ଶ୍ରୀମନ୍ଦିର ପ୍ରଶାସନ ସହ ଆଲୋଚନା କରିବେ। ଏଥିରେ ସମ୍ମାନିତ ଅତିଥି ଭାବେ ଯୋଗାର୍ଜୁନ ଜମ୍ବେଶ୍ୱର ଖୁଣ୍ଟିଆ ଯୋଗ ଦେଇଥିଲେ। ଏହି ଅବସରରେ ଓଡ଼ିଶାର ବିଶିଷ୍ଟ ସଂଗୀତ ଗୁରୁ ତଥା କବିସମ୍ରାଟ ଉପେନ୍ଦ୍ର ଭଞ୍ଜ ସମ୍ମାନ ରେ ସମ୍ମାନିତ ଘନଶ୍ୟାମ ପଣ୍ଡା, ବର୍ଷିଆନ ବାଦ୍ୟ ଗୁରୁ ଶିବପ୍ରସାଦ ରଥ ଓ ବିଶିଷ୍ଟ ନୃତ୍ୟଗୁରୁ ମନୋରଞ୍ଜନ ପ୍ରଧାନଙ୍କୁ ଅତିଥିମାନେ ସିଂହାରୀ ସମ୍ମାନ ପ୍ରଦାନ କରିଥିଲେ। ଏହି ପରିପ୍ରେକ୍ଷୀରେ ଗୁରୁ ମନୋଜ ମହାପାତ୍ର, ଗୁରୁ ଅଚ୍ୟୁତ ମହାରଣା, ଗୁରୁ ପ୍ରିୟବ୍ରତ ରାୟ ସଂଗୀତ ପରିବେଷଣ କରିଥିବା ବେଳେ, ଗୁରୁ ମିନତୀ ପ୍ରଧାନ ଓ ଗୁରୁ ପ୍ରତିମା ମହାନ୍ତିଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ନୃତ୍ୟ ପରିବେଷଣ କରିଥିଲେ। ପ୍ରାରମ୍ଭରେ ଗୁରୁ ଲିଙ୍ଗରାଜ ମିଶ୍ରଙ୍କ ନିର୍ଦ୍ଦେଶନାରେ ଶିଳ୍ପୀମାନେ ଗୀତଗୋବିନ୍ଦ ଗାନ କରିଥିଲେ। କାର୍ଯ୍ୟକ୍ରମ ପରିଚାଳନା ରେ କାର୍ଯ୍ୟକାରୀ ସଭାପତି ଗୋବିନ୍ଦ ଚନ୍ଦ୍ର ପାଳ, କୋଷାଧ୍ୟକ୍ଷ ରଘୁନାଥ ଖୁଣ୍ଟିଆ, ଗୁରୁ ଅନୀଲ ଦାସ, ରବିନାରାୟଣ ଦାଶ ଓ ଜଗନ୍ନାଥ ଦେଓ ସହଯୋଗ କରିଥିଲେ।

# ଶ୍ରୀଜିଉଙ୍କ ବନକଲାଗି ନୀତି



**ପୁରୀ,୫।୩/ଏନ୍‌ଏନ୍‌ଏସ୍:** ଶ୍ରୀମନ୍ଦିରରେ ବନକଲାଗି ନୀତି ନେଇ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ପୂର୍ବରୁ ଶ୍ରୀମନ୍ଦିର ପ୍ରଶାସନ ତରଫରୁ ମିଳିଥିବା ସୂଚନା ମୁତାବକ, ଶ୍ରୀଜିଉଙ୍କ ବନକଲାଗି ନୀତି ଲାଗି ଭୋଗମଣ୍ଡପ ଭୋଗ ଶେଷ ହେବା ପରେ ସନ୍ଧ୍ୟା ୬ଟା ରୁ ରାତି ୧୦ଟା ପର୍ଯ୍ୟନ୍ତ ୪ଘଣ୍ଟା ପାଇଁ ମହାପ୍ରଭୁଙ୍କ ସର୍ବସାଧାରଣ ଦର୍ଶନ ବନ୍ଦ ରହିଥିଲା। ସନ୍ଧ୍ୟା ୬ ଟା ୨୦ରେ ପହୁଡ଼ ଆଳତି କରାଯାଇ ୬ଟା ୪୦ରେ ବନକଲାଗି ପାଇଁ ଦତ୍ତ ମହାପାତ୍ର ପ୍ରବେଶ କରିଥିଲେ। ଏହି ବନକଲାଗି ନୀତି ପାଇଁ ଏକ ସ୍ୱତନ୍ତ୍ର ସେବାୟତ ଗୋଷ୍ଠୀ ଅଛନ୍ତି। ଏମାନଙ୍କୁ ଦତ୍ତ ମହାପାତ୍ର କୁହାଯାଏ। ଏମାନଙ୍କ କାମ ହେଲା ରଙ୍ଗପ୍ରସ୍ତୁତ କରିବା ଓ ବିଗ୍ରହରେ ଲଗାଇବା। ରଙ୍ଗ ସହିତ କସ୍ତୁରୀ ଓ କେଶର ଭଳି ଦାମୀ ସୁବାସିତ ପଦାର୍ଥ ବ୍ୟବହୃତ ହୋଇଥାଏ। ବଜାରରେ ମିଳୁଥିବା ରଙ୍ଗ ବନକଲାଗିରେ ବ୍ୟବହାର ହୁଏ ନାହିଁ। ମହାପ୍ରଭୁଙ୍କ ଲାଗି ଉର୍ଦ୍ଦିଷ୍ଟ ରଙ୍ଗଗୁଡିକ ପ୍ରସ୍ତୁତ ପାଇଁ ଭିତର ବେଢାର ଉତ୍ତର ପଟେ ଗୋଟିଏ କୋଠରୀ ରହିଛି। ଏହାକୁ ବନକଲାଗି ଘର କୁହାଯାଏ। ଶଙ୍ଖକୁ ଚୂର୍ଣ୍ଣ କରି ଧଳାରଙ୍ଗ, ହରିତାଳରୁ ହଳଦିଆ ଓ ହିଙ୍ଗୁଳରୁ କଳା ପ୍ରସ୍ତୁତ ହୁଏ। ଏସବୁ ରଙ୍ଗରେ କର୍ପୂର ଓ କସ୍ତୁରୀ ମିଶେ। କସ୍ତୁରୀ ଯୋଗୁଁ ମହାପ୍ରଭୁଙ୍କ ମୁଖମଣ୍ଡଳ ଉଓ ମସୃଣ ରହେ। ତେବେ ବନକଲାଗି ନୀତି ସରିବା ପରେ ଅନ୍ୟାନ୍ୟ ନୀତି ବଢିଥିଲା।

# ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଜିଲ୍ଲା ଠିକାଦାର ସଂଘ



**ଖୋର୍ଦ୍ଧା,୫।୩/ଏନ୍‌ଏନ୍‌ଏସ୍:** ଦୀର୍ଘ ୧୫ ଦିନ ଧରି ଭୁବନେଶ୍ୱର ଗାନ୍ଧୀମାର୍ଗରେ ରାଜ୍ୟ ଠିକାଦାର ସଂଘ ଅନଶନରେ ବସିଛନ୍ତି। ଯାହା ଫଳରେ ରାଜ୍ୟରେ ସମସ୍ତ ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ରାସ୍ତାଘାଟ ଠାରୁ ଆରମ୍ଭ କରି ଡ୍ରେନ୍ ଓ ବିଲଡିଂ କାମ ସଂପୂର୍ଣ୍ଣ ବନ୍ଦ ହୋଇଯାଇଛି। ସରକାର କୁମ୍ଭକର୍ଣ୍ଣ ନିଦ୍ରାରେ ଶୋଇ ଥିବା ବେଳେ ରାଜ୍ୟ ଠିକାଦାର ସଂଘର ନିଷ୍ପତ୍ତି କ୍ରମେ ଆଜି ସମସ୍ତ ଜିଲ୍ଲାର ମୁଖ୍ୟ ଦପ୍ତର ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ ସହ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଦାବିପତ୍ର ଜିଲ୍ଲାପାଳଙ୍କୁ ପ୍ରଦାନ କରାଯାଇଛି। ଏନେଇ ଖୋର୍ଦ୍ଧା ଠିକାଦାର ସଂଘ ପକ୍ଷରୁ ଜିଲ୍ଲାର ଶତାଧିକ ଠିକାଦାର ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରାରେ ଆସି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ନାରାବାଜି କରିଥିଲେ। ବିଶେଷକରି ସଂଘ ପକ୍ଷରୁ ନେଗେଟିଭ ବିଡ୍ ସର୍କୁଲାରକୁ ତୁରନ୍ତ ପ୍ରତ୍ୟାହାର କରିବା ପାଇଁ ଦାବି କରିଥିଲେ। ସଂଘର ବରିଷ୍ଠ ସଦସ୍ୟ ସୁରେନ୍ଦ୍ର ସାହୁ, ପ୍ରଦୀପ ମିଶ୍ର, ପ୍ରକାଶ ରଣସିଂହ, ରବିନ୍ଦ୍ର ରାଉତରାୟ, କରୁଣାକର ରାଉତଙ୍କ ଉପସ୍ଥିତିରେ ୮ ଦଫା ଦାବି ସମ୍ବଳିତ ଏକ ସ୍ମାରକପତ୍ର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଜିଲ୍ଲାପାଳଙ୍କ ଜରିଆରେ ପ୍ରଦାନ କରାଯାଇଥିଲା। ଆଜିର ଏହି ଶୋଭାଯାତ୍ରାରେ ଠିକାଦାର ବିଜୟ ବିଶ୍ୱାଳ, ରଶ୍ମିରଞ୍ଜନ ବଳିୟାରସିଂ, ରାଜେଶ କୁମାର ପ୍ରଧାନ, ଶୁଭକାନ୍ତ ମହାପାତ୍ର, ଦୀପ ମହାନ୍ତିଙ୍କ ସମେତ ଶତାଧିକ ଠିକାଦାର ଉପସ୍ଥିତ ଥିଲେ।

# ବିଶୃଙ୍ଖଳ ଆଚରଣ ଓ ସେବାପୂଜାରେ ବିଳମ୍ବ ପାଇଁ ତିନି ସେବକଙ୍କୁ କୈଫିୟତ୍ ତଲବ

## ଜଣେ ସେବକଙ୍କ ଶାଢ଼ୀବନ୍ଧା ଆଦେଶ ପ୍ରତ୍ୟାହାର ପାଇଁ ନୋଟିସ୍

**ପୁରୀ,୫।୩/ଏନ୍‌ଏନ୍‌ଏସ୍:** ଗତ ୨୮ ଫେବୃଆରୀ ତାରିଖରେ ସେବାପୂଜାରେ ବିଳମ୍ବ, କର୍ତ୍ତବ୍ୟରତ ଅଧିକାରୀଙ୍କ ପ୍ରତି ଦୁର୍ବ୍ୟବହାର ଓ ବିଶୃଂଖଳ ଆଚରଣ ଅଭିଯୋଗରେ ତିନିଜଣ ସେବକଙ୍କୁ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡ଼. ଅରବିନ୍ଦ ପାଢ଼ୀ କୈଫିୟତ୍ ତଲବ କରିଛନ୍ତି। ସେବକ ମାନେ ହେଉଛନ୍ତି ରାମକୃଷ୍ଣ ଖୁଣ୍ଟିଆ, ଅନ୍ୟ ଜଣେ ପାଳିଆ ଖୁଣ୍ଟିଆ ସେବକଙ୍କ ଖଟଣିଆ ଭାବେ ପାଳି ଖଟିଥିବା ସତ୍ତ୍ୱେ, ନିର୍ଦ୍ଦିଷ୍ଟ ନୀତି ସମ୍ପାଦନରେ ଅହେତୁକ ବିଳମ୍ବ କରିବା ସହ କର୍ତ୍ତବ୍ୟରତ କର୍ମଚାରୀ ଓ ଅଧିକାରୀଙ୍କ ସହ ଅଶୋଭନୀୟ ବ୍ୟବହାର କରିଥିବା ଅଭିଯୋଗ ରହିଛି। ସେହିପରି ମାଧବ ଖୁଣ୍ଟିଆ ଓ ମଧୁସୂଦନ ଖୁଣ୍ଟିଆ ମଧ୍ୟ ସେବା ସମ୍ପାଦନରେ ବାଧା ସୃଷ୍ଟି କରି ବିଶୃଂଖଳା ପ୍ରଦର୍ଶନ କରିଥିବା ଅଭିଯୋଗ ଆସିଛି। ତେଣୁ ଉକ୍ତ ତିନିଜଣ ସେବକଙ୍କୁ ସାତ ଦିନ ମଧ୍ୟରେ ନିଜର ଲିଖିତ କୈଫିୟତ୍ ଦାଖଲ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହା ସହିତ ଶ୍ରୀ ରାମକୃଷ୍ଣ ଖୁଣ୍ଟିଆଙ୍କ ବିରୋଧରେ ଜାରି ହୋଇଥିବା ଶାଢ଼ୀବନ୍ଧା ଆଦେଶ କାହିଁକି ପ୍ରତ୍ୟାହାର କରାଯିବ ନାହିଁ, ସେ ବିଷୟରେ ସନ୍ତୋଷଜନକ ଉତ୍ତର ଦେବା ପାଇଁ ମଧ୍ୟ ନୋଟିସ୍ ଜାରି କରାଯାଇଛି। ଚଳିତ ବର୍ଷ ଦୋଳ ପୂର୍ଣ୍ଣିମା ସହ ଅନ୍ୟାନ୍ୟ ପର୍ବପର୍ବାଣୀରେ ଅଧିକାଂଶ ସେବକଙ୍କ ସହଯୋଗ ଓ ସମନ୍ୱୟରେ ସେବାପୂଜା ଶୃଂଖଳିତ ଭାବେ ସମ୍ପାଦିତ ହୋଇଆସୁଥିବା ବେଳେ କିଛି ସେବକଙ୍କ ଏପରି ଆଚରଣ ଗ୍ରହଣୀୟ ନୁହେଁ ବୋଲି ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ ଉଲ୍ଲେଖ କରିଛନ୍ତି। ବିଶୃଂଖଳ ଆଚରଣ ପ୍ରତି ଶ୍ରୀମନ୍ଦିର ଆଇନନୁଯାୟୀ ଦୃଢ଼ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ ସଚେତନ କରାଇଛନ୍ତି। ମହାପ୍ରଭୁଙ୍କ ନୀତିକାନ୍ତି ସମ୍ପାଦନରେ ସହଯୋଗ ଓ ସମନ୍ୱୟ ରକ୍ଷା କରୁଥିବା ସମସ୍ତ ସେବକଙ୍କ ପ୍ରତି ସେ କୃତଜ୍ଞତା ଜଣାଇଛନ୍ତି।

# ଶ୍ରୀରଘୁନାଥଙ୍କ ନିକଟରେ 'ଆମ ପାଞ୍ଜି' ଉନ୍ମୋଚିତ



**ଓଡ଼ଗାଁ,୫।୩/ଏନ୍‌ଏନ୍‌ଏସ୍:** ପବିତ୍ର ଦୋଳ ପୂର୍ଣ୍ଣିମା ଅବସରରେ ଆମ ଓଡ଼ିଶାର 'ଆମ ପାଞ୍ଜି' ଓଡ଼ଗାଁ ବିଜେ ଶ୍ରୀରଘୁନାଥ ଜିଉଙ୍କ ନିକଟରେ ଗୁରୁବାର ଉନ୍ମୋଚିତ ହୋଇଯାଇଛି। ୨୦୨୬-୨୭ ବର୍ଷପାଇଁ ଆଜି ଏହି ପାଞ୍ଜି ପ୍ରକାଶ ପାଇଛି। ଏହି ପବିତ୍ର ଉନ୍ମୋଚନ ଅବସରରେ ଓଡ଼ଗାଁ ଏନ୍.ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ନିହାର ରଞ୍ଜନ ବେହେରା, ତହସିଲଦାର ଡ.ମାନସ ରଞ୍ଜନ ଭୋଇ, ରଘୁନାଥ ପୂଜକପରିଷଦ ସଭାପତି ପ୍ରଫୁଲ୍ଲ ମହାପାତ୍ର, ମନ୍ଦିର ସୁପରଭାଇଜର ଜିତେନ୍ଦ୍ର କୁମାର ମିଶ୍ର, ସମ୍ବାଦ ପ୍ରତିନିଧି ସୁନୀଲ ପଟ୍ଟନାୟକ, ସାମ୍ବାଦିକ ଗଣେଶ୍ୱର ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ୧୬ ବର୍ଷ ଧରି 'ଆମ ଓଡ଼ିଶା' ପକ୍ଷରୁ ଏହି ପାଞ୍ଜି ପ୍ରସ୍ତୁତ କରାଯାଉଛି ଓ ସମଗ୍ର ରାଜ୍ୟରେ ବେଶ୍ ପ୍ରସିଦ୍ଧି ଲାଭକରିଛି। ବିଶିଷ୍ଟ ଗଣକବୃନ୍ଦଙ୍କ ଦ୍ୱାରାପ୍ରସ୍ତୁତ ଏହି ପାଞ୍ଜି ବହୁ ଦୃଷ୍ଟିରୁ ସ୍ୱତନ୍ତ୍ରତା ରହିଛି। ମୁଖ୍ୟତଃ ସରଳଭାଷା ହେଉଛି ଏହାର ସ୍ୱାତନ୍ତ୍ରତା। ତିଥି, ବାର, ନକ୍ଷତ୍ର, ଶ୍ରାଦ୍ଧ, ପୁଷ୍କର ଦୋଷ, ଯୋଗିନୀ ସ୍ଥିତି, ଦୂରଯାତ୍ରାର ଶୁଭାଶୁଭ, ବିବାହ, ବ୍ରତ ଆଦିର ଦିନ ସଂପର୍କରେ ସମସ୍ତ ତଥ୍ୟ ସରଳ ଭାଷାରେ ଉଲ୍ଲେଖ କରାଯାଇଛି। ଫଳରେ ସାଧାରଣ ଲୋକଙ୍କ ପାଇଁ ଏହା ଅତ୍ୟନ୍ତ ଉପଯୋଗୀ ହୋଇପାରୁଛି। ଏହାର ଅନ୍ୟ ଆକର୍ଷଣ ହେଉଛି ମାସ ଅନୁସାରେ ବିଭିନ୍ନ ବାର ଓ ରାଶିର ଫଳାଫଳ। ସେହିଭଳି ଏହାର ସୁଲଭ ମୂଲ୍ୟ ମଧ୍ୟ ସାଧାରଣ ଲୋକଙ୍କ ପାଇଁ ଗ୍ରହଣୀୟ ହୋଇପାରୁଛି। ପୂର୍ବ ଭଳି ଚଳିତ ବର୍ଷ ପାଞ୍ଜିର ମୂଲ୍ୟ ମାତ୍ର ୪୦ ଟଙ୍କା ରଖାଯାଇଥିବାରୁ ଏହାକୁ ସମସ୍ତେ କିଣି ପାରିବେ। ଏହାର ସୁଯୋଗ ନେବାକୁ 'ଆମ ଓଡ଼ିଶା' ପକ୍ଷରୁ ସମସ୍ତଙ୍କୁ ଅନୁରୋଧ କରାଯାଇଛି।

## ଆଜିର ଇତିହାସ

- ୧୮୯୦-ସ୍ୱାଧୀନତା ସଂଗ୍ରାମୀ ଅବ୍ଦୁଲ ଗଫର୍ ଖାନ ଜନ୍ମଗ୍ରହଣ କରିଥିଲେ।
- ୧୯୩୧-ମୋତିଲାଲ୍ ନେହେରୁଙ୍କର ନିଧନ ହୋଇଥିଲା।
- ୧୯୫୯-ଶ୍ରୀମତୀ ଅନ୍ନାଚଣ୍ଡୀ କେରଳର ଉଚ୍ଚ ନ୍ୟାୟାଳୟର ପ୍ରଥମ ମହିଳା ନ୍ୟାୟାଧୀଶ ନିଯୁକ୍ତ ହୋଇଥିଲେ।
- ୧୯୮୩-କ୍ରିକେଟର୍ ଏସ୍. ଶ୍ରୀସାନ୍ତ କୋଚି ଠାରେ ଜନ୍ମଗ୍ରହଣ କରିଥିଲେ।
- ୧୯୯୯-ଦେଶର ପ୍ରଥମ ପେସ୍ ମେକର୍ ବ୍ୟାଙ୍କ୍ କୋଲକାତା ଠାରେ ସ୍ଥାପିତ ହୋଇଥିଲା।

## ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ ବିଶ୍ୱନାଥ ପରିଡ଼ା, ନିମାପଡ଼ା, ପୁରୀ, ମୋ: ୯୭୭୭୨୫୨୨୪୦

**ମେଷ**: ଆଜି ସକାରାତ୍ମକ ରହିବେ। ଶାନ୍ତ ରହିବେ। ଅଳ୍ପ କ୍ରୋଧ ଜମା ହୋଇପାରେ। ଏଥିପାଇଁ ବ୍ୟାୟାମ କରନ୍ତୁ। ମନ ହାଲୁକା ରହିବ। ନିଜକୁ କାମରେ ବ୍ୟସ୍ତ ରଖିଲେ ଭଲ। ସ୍ୱାସ୍ଥ୍ୟ ଭଲ ରହିବ।

**ବୃଷ**: ଲମ୍ବା ଯୋଜନାଗୁଡ଼ିକରେ ନିବେଶ କରିବେ। ବିଦେଶ ଯାତ୍ରାରେ ନୂଆ ଆଧ୍ୟାତ୍ମିକତା ରୁଚି ଜାଗ୍ରତ ହେବ। କିଛି ଲୋକଙ୍କ ପାଇଁ ଧାର୍ମିକ ଯାତ୍ରା ଯୋଗ ରହିଛି। ଏହାର ସୁଯୋଗ ଛାଡ଼ନ୍ତୁ ନାହିଁ।

**ମିଥୁନ**: ନାଟକୀୟ ପରିବର୍ତ୍ତନର ଆଶା କରିପାରନ୍ତି। ଉଦ୍ୟମୀ ଦିଗରେ ନିଜର ଲକ୍ଷ୍ୟକୁ ଆଗକୁ ବଢ଼େଇବେ। ଉତ୍କୃଷ୍ଟ ସମୟ। ଅନୁକୂଳ ସମୟ ଓ ଅବସରର ଅବଧି ପାଇଁ ପ୍ରତୀକ୍ଷା କରିବାକୁ ପଡିପାରେ।

**କର୍କଟ**: ସାମାଜିକ ଜୀବନରେ କିଛି ଲୋକ ସକ୍ରିୟ ରହିବେ। କୌଣସି ପୁରୁଣା ମୁଦ୍ଦାର ସମାଧାନ କରିବେ। ଏଥିପାଇଁ ସାଙ୍ଗସାଥିଙ୍କ ସହିତ ସମ୍ପର୍କ କରିବେ। ବିଦ୍ୟାର୍ଥୀମାନେ ସଫଳ ହେବେ।

**ସିଂହ**: ଦିନଟି ଶାନ୍‌ଦାର ରହିବ। ପ୍ରମୋଶନ ଓ କ୍ୟାରିୟରରେ ସମ୍ମାନ ମିଳିବାର ଯୋଗ ରହିଛି। ଅଟକିଥିବା ଧନ ପ୍ରାପ୍ତ ହେବ। ସୂର୍ଯ୍ୟଙ୍କୁ ଅର୍ଘ୍ୟ ଦିଅନ୍ତୁ। ରୋମାଞ୍ଚକର ସାମାଜିକ କାର୍ଯ୍ୟକ୍ରମରେ ଭାଗ ନେବେ।

**କନ୍ୟା**: ଅଫିସ୍ କାମ ପାଇଁ ଦିନଟି ଉତ୍ତମ। ଆଜି ଏକ ଶାନ୍‌ଦାର ଦିନ। ଦିନଟି ଆଗକୁ ବଢ଼େଇବ। ଆପଣଙ୍କ କ୍ୟାରିୟରର ଉଦ୍ଦେଶ୍ୟ ପ୍ରାପ୍ତ ପାଇଁ ଦିନଟି ସାହାଯ୍ୟ କରିବ। ଆର୍ଥିକ ଭାବରେ ସ୍ଥିର ରହିବେ।

**ତୁଳା**: ବର୍ତ୍ତମାନ ସ୍ଥିତିରେ ନେତୃତ୍ୱ ନେବାର ଭୂମିକା ସାମିଲ ରହିବ। ଏଥିପାଇଁ ଶାନ୍‌ଦାର ସମୟ। ଏକା ସହିତ ବୋଝ ଉଠାନ୍ତୁ ନାହିଁ। ବ୍ୟକ୍ତିଗତ ଜୀବନରେ ରୋମାନ୍ସ କରିବାର ସମୟ।

**ବିଛା**: ସଂଘର୍ଷର ସମ୍ମୁଖୀନ ହେବେ। ବର୍ତ୍ତମାନ କ୍ୟାରିୟର୍ ପଥରେ ଆଗକୁ ବଢ଼ିବେ। ଅଲଗା ରାସ୍ତା ଚୟନ କରିପାରନ୍ତି। ସବୁବେଳେ ନାରେଟିଭ୍ ରହିବେ ନାହିଁ। କଠୋର ପଦକ୍ଷେପ ଉଠାନ୍ତୁ ନାହିଁ।

**ଧନୁ**: କମିଟେଡ୍ ଲୋକମାନେ ରୋମାଣ୍ଟିକ ସମ୍ପର୍କକୁ ଅନୁଭବ କରିବେ। କିଛି ବ୍ୟବସାୟରେ ଭାଗୀଦାରୀ ମାଧ୍ୟମରେ ଭଲ ଫଳାଫଳ ପାଇବେ। ଚଞ୍ଚଳ ଓ ରଚନାତ୍ମକ ପରିବେଶକୁ ସ୍ୱାଗତ କରିବେ।


**ମକର**: ପେସାଗତ ଓ ବ୍ୟକ୍ତିଗତ ଜୀବନ ମଧ୍ୟରେ ସନ୍ତୁଳନ ରକ୍ଷା କରିବେ। କପଲ୍ସ କ୍ୟାରିୟର୍ ଓ ସମ୍ପର୍କକୁ ମଜଭୁତ କରିବେ। କ୍ଲାଏଣ୍ଟସ୍ ସହିତ ଅଭିଜ୍ଞତା ସେୟାର୍ କରିବେ। ଲାଭଦାୟକ ପ୍ରୋଜେକ୍ଟସର ଦ୍ୱାର ଖୋଲିବ।

**କୁମ୍ଭ**: ଆଜି ଉତ୍କୃଷ୍ଟ ବିକାଶର ସମ୍ଭାବନା ରହିଛି। ଆପଣଙ୍କ ମହତ୍ତ୍ୱାକାଂକ୍ଷୀ ଓ କଠିନ ପରିଶ୍ରମ ଉପରେ ଧ୍ୟାନ ଦେବେ। ପ୍ରମୋଶନ ଓ ଉନ୍ନତିର ଅବସର ମିଳିପାରେ। ବ୍ୟାପାରିକ ଅବସର ସଫଳ ହେବ।

**ମୀନ**: ନିଜ ପର୍‌ଫର୍ମାନ୍ସ ଉପରେ ଦୃଷ୍ଟି ଦେବେ। ବାହାର ଦୁନିଆରୁ ଫେରିଆସିବେ। ନିଶ୍ଚିତ ଭାବରେ ନିଜକୁ ଏକ୍ସପ୍ଲୋର୍ କରିବାର ସମୟ। ନିଜ କାହାଣୀକୁ ପୁଣି ଥରେ ଲେଖିବାର ସୁଯୋଗ ପାଇବେ।

## ଶ୍ରୀମଦ୍ ଭଗବଦ୍‌ଗୀତା

**ଯଦାଦିତ୍ୟଗତଂ ତେଜୋ ଜଗଦ୍‌ଭାସୟତେଽଖିଳମ୍।**
**ଯଚ୍ଚନ୍ଦ୍ରମସି ଯଚ୍ଚାଗ୍ନୌ ତତ୍ତେଜୋ ବିଦ୍ଧି ମାମକମ୍। (୧୫/୧୨)**
**ଗାମାବିଶ୍ୟ ଚ ଭୂତାନି ଧାରୟାମ୍ୟହମୋଜସା।**
**ପୁଷ୍ଣାମି ଚୌଷଧୀଃ ସର୍ବାଃ ସୋମୋ ଭୂତ୍ୱା ରସାତ୍ମକଃ। (୧୫/୧୩)**



ସୂର୍ଯ୍ୟଙ୍କର ଯେଉଁ ତେଜ ସମସ୍ତ ଜଗତକୁ ଆଲୋକିତ କରେ, ଚନ୍ଦ୍ରଙ୍କ ଠାରେ ଯେଉଁ ତେଜ ଅଛି ଏବଂ ଅଗ୍ନିଙ୍କ ଠାରେ ଯେଉଁ ତେଜ ଅଛି, ସେସବୁ ମୋର ତେଜ ବୋଲି ଜାଣିବ।

ମୁଁ ନିଜ ପ୍ରଭାବରେ ପୃଥିବୀରେ ଅନୁପ୍ରବିଷ୍ଟ ହୋଇ ସମସ୍ତ ଭୂତଙ୍କୁ ଧାରଣ କରୁଛି ଏବଂ ରସମୟ ଚନ୍ଦ୍ର ରୂପ ଧାରଣ କରି ବ୍ରିହୀ ଜବାଦି ଔଷଧୀମାନଙ୍କୁ ପରିପୁଷ୍ଟ କରିଛି।

ଅର୍ଥାତ ଐଶୀଶକ୍ତି ପ୍ରଭାବରେ ପୃଥିବୀ ସ୍ଥିର ହେଇ ରହିଛି ଏବଂ ସେଥିରେ ଭୂତସମୂହ ସ୍ଥିର ରହିଛନ୍ତି। ତା'ନ ହେଇଥିଲେ ପୃଥିବୀ ସୂର୍ଯ୍ୟ ଆଡକୁ ଧାବିତ ହେଇ ଭସ୍ମୀଭୂତ ହେଇ ଯାଆନ୍ତା ଅଥବା ରସାତଳଗାମୀ ହେଇଥାନ୍ତା। ଚନ୍ଦ୍ରଙ୍କ ଠାରେ ସୁଧାରସ ଥିବାରୁ ତାଙ୍କର ନାମ ସୋମ। ଏହି ଅମୃତ ଦ୍ୱାରା ପରିପୁଷ୍ଟ ହେବାରୁ ଔଷଧ ଆଦି ରୋଗ ନିବାରଣୀ ଶକ୍ତି ଦେଖାଯାଏ। ଏହା ସେହି ଐଶୀଶକ୍ତିର ଅଂଶ।

## ସୂର୍ଯ୍ୟପରାଗର ଦିଗ ପରିବର୍ତ୍ତନ



ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍ ଆଧୁନିକ ବିଜ୍ଞାନର ସବୁଠାରୁ ଅଧିକ ଜଣେ ପ୍ରଭାବଶାଳୀ ବୈଜ୍ଞାନିକଙ୍କ ମଧ୍ୟରୁ ଅନ୍ୟତମ ଥିଲେ। ୧୪ ମାର୍ଚ୍ଚ, ୧୮୭୯ରେ ଜର୍ମାନୀ ଠାରେ ସେ ଜନ୍ମଗ୍ରହଣ କରିଥିଲେ। ପିଲାଦିନରୁ ଗଣିତ ଓ ଫିଜିକ୍ସରେ ରୁଚି ରଖୁଥିବା ଆଇନ୍‌ଷ୍ଟାଇନ୍ ୧୯୧୯ରେ ଲାଗିଥିବା ସୂର୍ଯ୍ୟପରାଗ ପରଠାରୁ ଖୁବ୍ ପ୍ରସିଦ୍ଧ ହୋଇଯାଇଥିଲେ। ୨୯ ମେ', ୧୯୧୯ରେ ଯେତେବେଳେ ସୂର୍ଯ୍ୟପରାଗ ହୋଇଥିଲା ସେତେବେଳେ ସୂର୍ଯ୍ୟ ଓ ଚନ୍ଦ୍ର ଏକ ସରଳରେଖାରେ ଅବସ୍ଥାନ କରିଥିଲେ। ସେତେବେଳ ପର୍ଯ୍ୟନ୍ତ ଯେତେ ତାରାଙ୍କ ବିଷୟରେ ତଥ୍ୟ ଥିଲା ସେମାନଙ୍କର ଫଟୋଗୁଡ଼ିକ ପ୍ରମାଣିତ କରିଦେଇଥିଲା ଯେ ସେଗୁଡ଼ିକର ଭବିଷ୍ୟବାଣୀ ଆଇନ୍‌ଷ୍ଟାଇନ୍ ସାପେକ୍ଷତାର ସାମାନ୍ୟ ସିଦ୍ଧାନ୍ତରେ କରିସାରିଥିଲେ। ଏହି ଭବିଷ୍ୟବାଣୀ ଥିଲା ଯେ ସୂର୍ଯ୍ୟଙ୍କ ଗୁରୁତ୍ୱାକର୍ଷଣ ଏକ ଲେନ୍ସ ଭଳି କାମ କରେ। ଦୂରରେ ସ୍ଥିତ ତାରାଗୁଡ଼ିକରୁ ଆସୁଥିବା ପ୍ରକାଶକୁ ଏହା ବିକ୍ଷେପିତ କରିଦିଏ ଯେଉଁ କାରଣରୁ ଏଗୁଡିକ ନୂଆ ସ୍ଥାନରେ ଦେଖିବାକୁ ମିଳନ୍ତି। ପରବର୍ତ୍ତୀ କିଛି ମାସ ମଧ୍ୟରେ ଆଲ୍‌ବର୍ଟ ଆଇନ୍‌ଷ୍ଟାଇନ୍‌ଙ୍କ ନାମ ପୂରା ଦୁନିଆରେ ପ୍ରସିଦ୍ଧ ହୋଇଗଲା। ଏହାପରେ ଆଇନ୍‌ଷ୍ଟାଇନ୍‌ଙ୍କ ସିଦ୍ଧାନ୍ତଗୁଡ଼ିକ ଭୌତିକ ବିଜ୍ଞାନକୁ ନୂଆ ଦିଗ ଦେଇଥିଲେ। ଆଇନ୍‌ଷ୍ଟାଇନ୍‌ଙ୍କ ଅନୁସାରେ ଓଜନିଆ ବସ୍ତୁଗୁଡ଼ିକ ଆଲୋକକୁ ନୂଆ ଦିଗ ଦେଇପାରନ୍ତି। ୧୯୧୯ରେ ହୋଇଥିବା ସୂର୍ଯ୍ୟପରାଗରେ ଏହି ସିଦ୍ଧାନ୍ତର ଯାଞ୍ଚ ହୋଇଥିଲା। ବ୍ରିଟିଶ ଖଗୋଳବିତ୍ ଆର୍ଥର ଏଡିଂଗଟନ୍ ଆଫ୍ରିକାରେ ଗ୍ରହଣ ଲାଗିଥିବା ସମୟରେ ତାରାମାନଙ୍କର ଫଟୋ ନେଇଥିଲେ ଯେଉଁଥିରୁ ଜଣାପଡୁଥିଲା ଯେ ତାରାମାନଙ୍କର ଆଲୋକ ସୂର୍ଯ୍ୟଙ୍କ ପାଖରେ ମୋଡ଼ିହୋଇ ଯାଉଛି। ଏଇଥିରୁ ଆଇନ୍‌ଷ୍ଟାଇନ୍‌ଙ୍କ ସିଦ୍ଧାନ୍ତ ସଠିକ୍ ପ୍ରମାଣିତ ହୋଇଥିଲା। ବିଜ୍ଞାନ ଦୁନିଆରେ ଆଇନ୍‌ଷ୍ଟାଇନ୍‌ଙ୍କ ଯୋଗଦାନ ଓ ଖାସ୍ କରି ଫଟୋଇଲେକ୍ଟ୍ରିକ୍ ଇଫେକ୍ଟ ନିୟମର ଅନ୍ୱେଷଣ ପାଇଁ ତାଙ୍କୁ ଫିଜିକ୍ସରେ ନୋବେଲ୍ ପୁରସ୍କାର ପ୍ରଦାନ କରାଯାଇଥିଲା। ଆଇନ୍‌ଷ୍ଟାଇନ୍ ତାଙ୍କ ଶେଷ ସମୟ ଆମେରିକାରେ ବିତାଇଥିଲେ ଓ ୧୮ ଏପ୍ରିଲ, ୧୯୫୫ରେ ସେ ଦୁନିଆରୁ ବିଦାୟ ନେଇଥିଲେ।

## ଲୁଚିକି ଦେଖିବା




ମସ୍ତିଷ୍କର ଦଶଟି ଅଲଗା ଅଲଗା ଭାଗ ହ୍ୟୁମାନ୍ ସାଇଟ୍ ସହିତ ଜଡ଼ିତ ଥାଆନ୍ତି। ଭିଜୁଆଲ୍ କର୍ଟିକ୍ସ ଏମାନଙ୍କ ମଧ୍ୟରେ ମୁଖ୍ୟ। ଏହା ମସ୍ତିଷ୍କର ପଛ ଭାଗର ଏକ ବଡ଼ ଅଂଶ ଯାହା ଦେଖିବା ପାଇଁ ଆମକୁ ସାହାଯ୍ୟ କରେ। ଏହି ପ୍ରକାରର କାର୍ଯ୍ୟ ଏମିଗ୍‌ଡାଲା (ପ୍ରମସ୍ତିଷ୍କଖଣ୍ଡ) ମଧ୍ୟ କରେ। କିନ୍ତୁ ଏହାର ଅସଲ କାମ ହେଉଛି ଦେଖିବା ଅର୍ଥାତ ଗେଜ୍‌କୁ ପ୍ରୋସେସ୍ ଓ ଡିଟେକ୍ଟ କରିବା। ଯଦି କାହାରିକୁ ଦେଖିଲେ ଲାଗିବ ଯେ ବିପଦ ଅଛି ତେବେ ମଣିଷ ତୁରନ୍ତ ଆଲର୍ଟ ହୋଇଯାଏ। ଏପରିକି ଆମ ଆଖପାଖରେ ଛିଡ଼ା ହୋଇଥିବା ଲୋକଙ୍କର ନଜର ଏପଟ ସେପଟ ହୋଇ ଘୁରି ବୁଲୁଥାଏ ତେବେ ଏହାକୁ ମଧ୍ୟ ଆମ ଆଖି ଫଲୋ କରିଥାଏ। କେବଳ ବୟସ୍କମାନେ ନୁହନ୍ତି, ନବଜାତମାନଙ୍କ ମଧ୍ୟରେ ଗେଜ୍ ଡିଟେକ୍ସନ୍ ଦେଖିବାକୁ ମିଳେ। ଆଖି ବୁଲେଇ ଦେଖିବାର ପ୍ରକ୍ରିୟାକୁ ବୁଝି ପାରିବାକୁ ମାନବୀୟ ବିକାଶର ମୁଖ୍ୟ ଅଂଶ ବୋଲି ଏକ ଅଧ୍ୟୟନରେ କୁହାଯାଇଛି। ଏହା ପାଞ୍ଚ ଦିନର ଶିଶୁଙ୍କ ମଧ୍ୟରେ ଦେଖିବାକୁ ମିଳେ। ସେମାନେ ଆଖି ବୁଲେଇବାର ଅର୍ଥକୁ ବୁଝି ପାରନ୍ତି। କେହି ଯଦି ଜଣେ ଆମକୁ ବୁଲି ବୁଲି ଦେଖୁଥାଏ ତେବେ ମଧ୍ୟ ଆମେ ଜାଣିପାରନ୍ତି। ଗେଜ୍ ଡିଟେକ୍ସନ୍ ବା ଗେଜ୍ ପର୍ସେପ୍ସନ୍ ପଛରେ ରହିଛି ପୂରା ବିଜ୍ଞାନ। ମଣିଷର ଆଖି ବାକି ପଶୁ-ପକ୍ଷୀଙ୍କ ଆଖି ଠାରୁ ଅଲଗା। ଆଖିର ପିତୁଳାକୁ ପ୍ୟୁପିଲ୍ ବୋଲି କୁହାଯାଏ। ଆଖପାଖର ଧଳା ଅଂଶ ଶ୍ୱେତପଟଳ ବହୁତ ବଡ଼ ଥାଏ। ଏହା ଏତେ ବ୍ୟାପି ରହିଥାଏ ଯେ ଯଦି ପିତୁଳା ଯେ କୌଣସି ଦିଗରେ ବୁଲେ ବା ସେଥିରେ କୌଣସି ପରିବର୍ତ୍ତନ ହେଉଥାଏ ଯଥା-ସଂକୁଚନ ବା ବ୍ୟାପ୍ତ ତେବେ ବଡ଼ ଧଳା ଅଂଶ କାରଣରୁ ଏହା ସହଜରେ ଧରା ପଡ଼ିଯାଏ। ସେହିପରି ବାକି ପଶୁଙ୍କର ପିତୁଳା ଅଧିକ ସ୍ଥାନ ଘେରି ରହିଥାଏ ଓ ଶ୍ୱେତପଟଳ ପାଇଁ କମ୍ ସ୍ଥାନ ଥାଏ। ତେବେ ନଦେଖିଲେ ବି କେହି ଜଣେ ଆମକୁ ଦେଖୁଥିବାର ସିଧା କାରଣ ବୈଜ୍ଞାନିକମାନେ ଏମିଗ୍‌ଡାଲାକୁ ମାନନ୍ତି। କୌଣସି ପ୍ରକାରର ବିପଦ ବିଷୟରେ ଏହା ସଂକେତ ଦିଏ। ଗେଜ୍ ଡିଟେକ୍ସନ୍ ଏହାର ଅଂଶ।

## ଦୁନିଆ ପାଇଁ ପ୍ରେରଣା



ବସ୍ତରର ଜଙ୍ଗଲରେ ସ୍ଥିତ ଧୁଡ୍‌ମାରାସ ଏବେ କେବଳ ଏକ ଗ୍ରାମ ହୋଇ ଆଉ ରହିନାହିଁ ଏହା ଦୁନିଆ ପାଇଁ ଏକ ପ୍ରେରଣା ହୋଇସାରିଲାଣି। ପରମ୍ପରା, ପର୍ଯ୍ୟାବରଣ ଓ ପର୍ଯ୍ୟଟନ ସନ୍ତୁଳନ ଏହାକୁ ବିଶ୍ୱ ସ୍ତରରେ ନୂଆ ପରିଚୟ ଦେଇଛି। ନିକଟରେ ମିଳିତ ଜାତିସଂଘର ମେଣ୍ଟର ଏହି ଗ୍ରାମର ଭ୍ରମଣ କରି ସେଠିକାର ବିକାଶ ମଡେଲ୍‌କୁ ମନଖୋଲି ପ୍ରଶଂସା କରିଛନ୍ତି। ସେ ଗ୍ରାମୀଣଙ୍କ ସହିତ କଥାବାର୍ତ୍ତା କରି କହିଥିଲେ ଯେ ଏହି କ୍ଷେତ୍ରର ବିକାଶର ବୁନିଆଦି ସହଯୋଗ ଓ ସମ୍ବାଦ ଦ୍ୱାରା ବହୁତ ଜରୁରୀ ଅଟେ। ବିଶେଷ କରି ଗ୍ରାମଟିର ପ୍ଲାଷ୍ଟିକମୁକ୍ତ ଜୀବନ ସେମାନଙ୍କୁ ବହୁତ ପ୍ରଭାବିତ କରିଥିଲା ଯାହାକୁ ପୂରା ବିଶ୍ୱ ପାଇଁ ଅନୁକରଣୀୟ ବୋଲି ସେ କହିଛନ୍ତି। ଗ୍ରାମଟି ଆଜି ସେହି ୨୦ଟି ବୈଶ୍ୱିକ ଗ୍ରାମର ନେଟ୍‌ୱର୍କର ଅଂଶବିଶେଷ ହୋଇସାରିଛି ଯେଉଁମାନେ ପରସ୍ପର ସହିତ ଜଡ଼ିତ ରହି ସତତ ବିକାଶର ମଡ଼େଲ ଉପରେ କାମ କରୁଛନ୍ତି। ତେବେ ଘୁଡ୍‌ମାରାସ ଗ୍ରାମ ପର୍ଯ୍ୟଟନର ସମସ୍ତ ମାନକକୁ ପୂରଣ କରିଛି। ଏଥିପାଇଁ ମେଣ୍ଟର ଗ୍ରାମବାସୀଙ୍କୁ ପୁନଃ ବନୀକରଣ ପାଇଁ ପରାମର୍ଶ ଦେଇଛନ୍ତି। ଏହି ଗ୍ରାମରେ ପକ୍ଷୀମାନଙ୍କର ବିଭିନ୍ନ ପ୍ରଜାତିଗୁଡ଼ିକର ଦସ୍ତାବିଜକରଣ କରାଯାଇପାରିବ। ଏହା ସହିତ ସଭ୍ୟତା, ସଂସ୍କୃତି ଓ ଲୋକକଥାଗୁଡ଼ିକୁ ସଂକଳିତ କରି ପର୍ଯ୍ୟଟକମାନଙ୍କ ପର୍ଯ୍ୟନ୍ତ ପହଞ୍ଚେଇବା ଉଚିତ। ଯେପରି ଏକ ବୃକ୍ଷ ତା'ର ମୂଳ ପାଇଁ ମଜଭୁତ ହୋଇଥାଏ ସେହିପରି ଘୁଡ୍‌ମାରାସର ମୂଳ ହେଉଛନ୍ତି ସେହି ଗ୍ରାମର ଲୋକମାନେ ଯେଉଁମାନେ ହେଉଛନ୍ତି ବିକାଶର ଅସଲି ତାକତ। ସେମାନେ ଗ୍ଲୋବାଲ୍ ନେଟ୍‌ୱର୍କର ଉପଯୋଗ କରି ଏପରି ପର୍ଯ୍ୟଟକମାନଙ୍କୁ ଆକର୍ଷିତ କରିବା ଉପରେ ଜୋର୍ ଦେଇଛନ୍ତି ଯେଉଁଥିରେ ସ୍ଥାନୀୟ ସଂସ୍କୃତି ଓ ମାଟିକୁ ସମ୍ମାନ ମିଳିବ। ଯେହେତୁ ବସ୍ତରର ଏହି ଗ୍ରାମଟି ସମ୍ପୂର୍ଣ୍ଣ ଭାବରେ ପ୍ଲାଷ୍ଟିକମୁକ୍ତ ହୋଇସାରିଛି ଗ୍ରାମୀଣମାନଙ୍କ ସାମୂହିକତା ସଂକଳ୍ପ ଏହାକୁ ୱର୍ଲ୍ଡ ବେଷ୍ଟ ଟୁରିଜମ୍ ଭିଲେଜର ମାନ୍ୟତା ଦେଇଛି।

## ସମୁଦ୍ର ରହସ୍ୟର ସମାଧାନ



ଆମ ପୃଥିବୀର ଏକ ବଡ଼ ଭାଗ ସମୁଦ୍ର ଦ୍ୱାରା ଘେରି ରହିଛି। କିନ୍ତୁ ଏହାର ଗଭୀରତାକୁ ନେଇ ଅନେକ ରହସ୍ୟ ଆଜି ମଧ୍ୟ ଲୁଚି ରହିଛି। ଅନେକ ଲୋକ ଏହାକୁ ନେଇ ଖୁବ୍ ଉତ୍ସାହିତ ରହିଥାନ୍ତି। ସେମାନଙ୍କର ଏହି ପ୍ରଶ୍ନଗୁଡ଼ିକର ଉତ୍ତର ଦିଅନ୍ତି ଓସିନୋଗ୍ରାଫର୍‌ମାନେ। ଯଦି ଆପଣ ବି ସମୁଦ୍ରକୁ ଭଲ ପାଆନ୍ତି ଓ ଏହା ବିଷୟରେ ଜାଣିବାକୁ ପସନ୍ଦ କରନ୍ତି ତେବେ ଓସିନୋଗ୍ରାଫି ଆପଣଙ୍କ ପାଇଁ ଏକ ଶାନ୍‌ଦାର ବିକଳ୍ପ ହୋଇପାରେ। ଓସିନୋଗ୍ରାଫର୍‌ମାନେ ସେହି ବୈଜ୍ଞାନିକ ହୋଇଥାନ୍ତି ଯେଉଁମାନେ ମହାସାଗର ଓ ସମୁଦ୍ର ସହିତ ଜଡ଼ିତ ସମୁଦ୍ରର ଧାରା, ଗଭୀରତା, ଜଳବାୟୁ ପରିବର୍ତ୍ତନ ଓ ସମୁଦ୍ରୀ ଜୀବମାନଙ୍କ ଉପରେ ଅଧ୍ୟୟନ କରନ୍ତି। ଏମାନେ ସମୁଦ୍ର ପାଣି ଓ ମାଟିରୁ ନମୁନା ସଂଗ୍ରହ କରି ଲ୍ୟାବ୍‌କୁ ନେଇ ଯାଆନ୍ତି ପରୀକ୍ଷା କରିବା ପାଇଁ। ସେମାନଙ୍କର କାମ ହେଉଛି ସମୁଦ୍ରର ଯାଞ୍ଚ କରିବା, ପାଣିପାଗ ଓ ଚକ୍ରବାତର ଭବିଷ୍ୟବାଣୀ, ଜଳବାୟୁ ପରିବର୍ତ୍ତନର ପ୍ରଭାବଗୁଡ଼ିକ ଉପରେ ଅଧ୍ୟୟନ ଓ ସମୁଦ୍ରୀ ସଂସାଧନଗୁଡ଼ିକର ସଂରକ୍ଷଣ ସହିତ ମଧ୍ୟ ସେମାନେ ଜଡିତ ଥାଆନ୍ତି।

କ୍ୟାରିୟର୍-ଓସିନୋଗ୍ରାଫର୍ ହେବା ପାଇଁ ବିଜ୍ଞାନରେ ଦ୍ୱାଦଶ ଶ୍ରେଣୀ (ଫିଜିକ୍ସ, କେମିଷ୍ଟ୍ରି, ମ୍ୟାଥ୍‌ସ ବା ବାୟୋଲୋଜି)ରେ ପାସ୍ ହୋଇଥିବା ଜରୁରୀ। ଏହାପରେ ଓସିନୋଗ୍ରାଫି, ମାରାଇନ୍ ସାଇନ୍ସ, ଆର୍ଥ ସାଇନ୍ସ ବା ଏନ୍‌ଭିରନମେଣ୍ଟାଲ୍ ସାଇନ୍ସରେ ସ୍ନାତକ ହୋଇଥିବା ଆବଶ୍ୟକ। ଏହି କ୍ଷେତ୍ରରେ ଆହୁରି ବହୁତ କିଛି ଜାଣିବା ପାଇଁ ଏମ୍.ଏସ୍‌ସି ବା ପିଏଚ୍.ଡି କରିପାରିବେ। ଓସିନୋଗ୍ରାଫର୍‌ଙ୍କୁ ସରକାରୀ ସଂସ୍ଥା, ପର୍ଯ୍ୟାବରଣ ବିଭାଗ, ପାଣିପାଗ ବିଭାଗ, ତେଲ ଓ ଗ୍ୟାସ୍ କମ୍ପାନୀଗୁଡ଼ିକ ସହିତ ମିଶି ନୌସେନାରେ ରୋଜଗାରର ଅବସର ମିଳିଥାଏ। ଏସବୁ ବ୍ୟତୀତ ସମୁଦ୍ରୀ ରିସର୍ଚ୍ଚ ସହିତ ଜଡ଼ିତ ଅନ୍ତଃରାଷ୍ଟ୍ରୀୟ ସଂଗଠନଗୁଡ଼ିକରେ ମଧ୍ୟ ନିଜ କ୍ୟାରିୟର୍ ଗଢ଼ି ପାରିବେ।



## ଏବେ ଦକ୍ଷିଣରେ ନିତାଂଶୀ

ଫିଲ୍ମ 'ଲାପତା ଲେଡିଜ୍'ରେ ଚର୍ଚ୍ଚାର ପରିସରକୁ ଆସିଥିବା ନିତାଂଶୀ ଗୋଏଲ୍ ବଲିଉଡ୍‌ରେ ଖୁବ୍ ନାମ କମେଇବା ପରେ ଏବେ ଦକ୍ଷିଣ ଭାରତୀୟ ଫିଲ୍ମ କରିବା ପାଇଁ ଇଚ୍ଛା ପ୍ରକାଶ କରିଛନ୍ତି। ନିତାଂଶୀ ଏବେ ଫିଲ୍ମ 'ତକ୍ସାକୁଡୁ'ରେ ନଜର ଆସିବେ। ଏଥିରେ ଦକ୍ଷିଣ ଭାରତର ସୁପରଷ୍ଟାର ବିଜୟ ଦେବରକୋଣ୍ଡାଙ୍କ ଭାଇ ଆନନ୍ଦ ଦେବରକୋଣ୍ଡା ମୁଖ୍ୟ ଭୂମିକାରେ ଅଭିନୟ କରିବେ। ଅମିର ଖାନଙ୍କ ପ୍ରଡକ୍ସନ୍ ଅନ୍ତର୍ଗତ ନିର୍ମିତ 'ଲାପତା ଲେଡିଜ୍' ଜରିଆରେ ଦର୍ଶକମାନଙ୍କ ମଧ୍ୟରେ ନିଜର ପରିଚୟ ସୃଷ୍ଟି କରାଇ ନିତାଂଶୀ ପୁଣି ଥରେ ଚର୍ଚ୍ଚାର ପରିସରକୁ ଆସିଛନ୍ତି। ନିତାଂଶୀ ଟିଭି ଓ ବଲିଉଡ୍‌ରେ ନିଜ ଅଭିନୟର ପ୍ରତିଭା ଦେଖେଇବା ପରେ ଦକ୍ଷିଣର ଏକ ବଡ଼ ପ୍ରୋଜେକ୍ଟରେ ନଜର ଆସିବେ ଯାହାର ଟିଜର ଜାରି କରିଦିଆଯାଇଛି। 'ଲାପତା ଲେଡିଜ' ରିଲିଜ ହେବା ପୂର୍ବରୁ ନିତାଂଶୀ ବଲିଉଡ୍‌ର ଏକ ଲୋକପ୍ରିୟ ଚେହେରା ହୋଇସାରିଥିଲେ। ଏବେ ତେଲୁଗୁ ସିନେମାରେ ତାଙ୍କ ପରିଚୟ ସୃଷ୍ଟି କରେଇବା ପାଇଁ ସେ ପ୍ରସ୍ତୁତ ହେଉଛନ୍ତି। ଆନନ୍ଦ ଦେବରକୋଣ୍ଡାଙ୍କ ସହିତ ତାଙ୍କର ଆଗାମୀ ପ୍ୟାନ୍ ଇଣ୍ଡିଆ ଫିଲ୍ମର ନାମ ରଖାଯାଇଛି 'ତକ୍ସାକୁଡୁ'। ଯେବେଠାରୁ ନିର୍ମାତାମାନେ ଫିଲ୍ମର ଟିଜର ଜାରି କରିଛନ୍ତି ସେବେଠାରୁ ନିତାଂଶୀଙ୍କ ପ୍ରଶଂସକମାନେ ଖୁବ୍ ଉତ୍ସାହିତ ଅଛନ୍ତି। ଏଥିରେ ନିତାଂଶୀଙ୍କୁ ଏକ ଭିନ୍ନ ଅବତାରରେ ଦେଖିବାକୁ ପାଇବେ। ଏହି ଆକ୍ସନ୍-ଥ୍ରୀଲର୍‌ଟି ସିଧା ନେଟ୍‌ଫ୍ଲିକ୍ସରେ ରିଲିଜ ହେବ। କିନ୍ତୁ ଏହାର ରିଲିଜ ତାରିଖ ବିଷୟରେ ଘୋଷଣା କରାଯାଇ ନାହିଁ। ନିତାଂଶୀ ଗୋଏଲ ଟିଭି ଦୁନିଆରୁ ନିଜର କ୍ୟାରିୟର୍ ଆରମ୍ଭ କରିଥିଲେ। 'ପେଶୱା ବାଜିରାଓ'ରେ ତାଙ୍କର ଭୂମିକା ପାଇଁ ଖୁବ୍ ପ୍ରଶଂସିତ ହୋଇଥିଲେ ନିତାଂଶୀ ଓ ୨୦୨୩ରେ ରିଲିଜ ହୋଇଥିବା 'ଲାପତା ଲେଡିଜ' ସହିତ ସେ ସବୁଆଡୁ ପ୍ରଶଂସା ସାଉଁଟି ଥିଲେ। ଏହି ଫିଲ୍ମରେ ତାଙ୍କ ସହିତ ଥିଲେ ପ୍ରତିଭା ରାଣ୍ଟା ଓ ସ୍ୱର୍ଶ ଶ୍ରୀବାସ୍ତବ। ନିତାଂଶୀ ଏଥିରେ ଫୁଲ୍ କୁମାରୀ ନାମକ ଏକ ସାଧାରଣ ଝିଅ ଭୂମିକାରେ ଦର୍ଶକମାନଙ୍କ ହୃଦୟରେ ଗଭୀର ଛାପ ଛାଡ଼ିଥିଲେ।

## ଦୀର୍ଘାୟୁ ଉତ୍ସବର ପରମ୍ପରା

ଡିଏକ ଗ୍ରାମର ଏକ ପ୍ରାଚୀନ ପରମ୍ପରା ଅନୁସାରେ କୌଣସି ବ୍ୟକ୍ତିଙ୍କୁ ୫୩-୫୪ ବର୍ଷ ପୂରା ହେଲେ ପୁରୁଷ ଓ ପୂର୍ବଜମାନଙ୍କୁ ସମ୍ମାନ ଜଣାଇ ଏକ ଭୋଜିର ଆୟୋଜନ କରାଯାଏ ଯାହାକୁ ୟେନ ଲାଓ ବା ଦୀର୍ଘାୟୁ ଉତ୍ସବର ପରମ୍ପରା ବୋଲି କୁହାଯାଏ। ଏଥିରେ ୫୫ ବର୍ଷରୁ ଅଧିକ ଆୟୁର ଲୋକମାନଙ୍କୁ ଆମନ୍ତ୍ରିତ କରାଯାଏ। ଏହି ଭୋଜିର ସବୁଠାରୁ ଖାସ୍ ବ୍ୟଞ୍ଜନ ଝୁଲାରେ ରଖାଯାଇଥିବା କାର୍ପ ମାଛ ଯାହା ନା କେବଳ ସ୍ୱାଦିଷ୍ଟ ହୋଇଥାଏ ଆକର୍ଷଣୀୟ ମଧ୍ୟ ହୋଇଥାଏ। ପ୍ରଥମେ ଏହି ଭୋଜି ଚନ୍ଦ୍ର ନବବର୍ଷର ଷଷ୍ଠ ଦିନରେ ଆୟୋଜିତ କରାଯାଉଥିଲା କିନ୍ତୁ ଏବେ ଏହାକୁ ପ୍ରତିବର୍ଷ ଚନ୍ଦ୍ର ନବବର୍ଷର ତୃତୀୟ ଦିନ ଆୟୋଜିତ କରାଯାଉଛି। ବୟସ୍କମାନଙ୍କୁ ସମ୍ମାନ ଜଣାଇ ଆୟୋଜିତ ହେଉଥିବା ଏହି ପ୍ରଯୁକ୍ତ କାର୍ପ ମାଛ ଏକ ନର ମାଛ ହୋଇଥାଏ ଯାହାର ଓଜନ ପାଖାପାଖି ୩-୪ କି.ଗ୍ରା କିମ୍ବା ତା' ଠାରୁ ଅଧିକ ହେବ। ଏହି ମାଛକୁ ପରିଷ୍କାର କରାଯାଇ ତା'ର ଆନ୍ତଗୁଡ଼ିକୁ ବାହାର କରିଦିଆଯାଏ। ଏହାପରେ ମାଛର ପେଟରେ ଶୃଙ୍ଖଳା କଦଳୀ ପତ୍ର ସେ ପର୍ଯ୍ୟନ୍ତ ଭରାଯାଏ ଯେଉଁ ପର୍ଯ୍ୟନ୍ତ ତାହା ଫୁଲି ଗୋଲ ନହୋଇ ଯାଇଛି। ତା'ର ଚିରା ଦେଖାନଯିବା ପାଇଁ ଏହାପରେ ସାବଧାନତାର ସହିତ ଏହାକୁ ସିଲେଇ କରିଦିଆଯାଏ। ଏହି ମାଛକୁ ବାଉଁଶରେ ବା ମୋଡ଼ି ହୋଇଥିବା ଷ୍ଟିଲ୍‌ରେ ତିଆରି ଝୁଲା ପରି ଫ୍ରେମ୍‌ରେ ରଖାଯାଏ ଓ ପାଖାପାଖି ୬-୧୦ ଘଣ୍ଟା ପର୍ଯ୍ୟନ୍ତ ଛଣାଯାଏ। ମାଛ ଶରୀରର ନରମ ଓ ବକ୍ର ଆକାରକୁ ବଜାୟ ରଖିବା ପାଇଁ ଓ ଏହାର ଉପର ପରତକୁ ସୁରକ୍ଷିତ କରି ରଖିବା ପାଇଁ ଏହାକୁ ଦୀର୍ଘ ସମୟ ପର୍ଯ୍ୟନ୍ତ ଛାଣିବାକୁ ପଡ଼େ। ଝୁଲାରେ ଶୋଇଥିବା କାର୍ପ ମାଛ ନାମକ ଏହି ବ୍ୟଞ୍ଜନକୁ ପ୍ରସ୍ତୁତ କରିବା ପାଇଁ ପାଖାପାଖି ୧୦ ଘଣ୍ଟାର ସମୟ ଲାଗେ ଓ ଏହାକୁ ଟେଟ୍ (ଚନ୍ଦ୍ର ନବବର୍ଷ)ର ଦ୍ୱିତୀୟ ଦିନର ଦ୍ୱିପହରୁ ଆରମ୍ଭ କରିବା ଉଚିତ। ଛାଣିବାର ଏହି ପ୍ରକ୍ରିୟାରେ ରୋଷେଇର ଏହି କୌଶଳର ଆବଶ୍ୟକ ହୁଏ। ଏକ ବଡ଼ କାର୍ପ ମାଛକୁ ସମ୍ପୂର୍ଣ୍ଣ ଭାବରେ ଛାଣିବା ପାଇଁ ପାଖାପାଖି ୫ ଲିଟରର ତେଲରେ ଭରା ଏକ ବଡ଼ ତାୱାର ଆବଶ୍ୟକ ହୁଏ। ମାଛକୁ ତାୱା ମଝିରେ ରଖାଯାଏ ଯେଉଁ ପର୍ଯ୍ୟନ୍ତ ଏହାର ମାଂସ ସୁନେଲି ରଙ୍ଗ ନହୋଇ ଯାଇଛି। ଏହି କାମକୁ ଅନୁଭବୀ ଗ୍ରାମୀଣମାନେ ପାଳି କରି କରିଥାନ୍ତି। ବଳି ଭାବରେ ବ୍ୟବହୃତ ଏହି କାର୍ପ ମାଛ ପାଇଁ କିଛି ମାନଦଣ୍ଡ ନିଶ୍ଚିତ ଭାବରେ ଥାଏ- ଏହାର ଶରୀର ବକ୍ର ହୋଇଥିବା ଆବଶ୍ୟକ, ଏହାର ମୁହଁ ଓସାର ଓ ଖୋଲା ହୋଇଥିବା ଉଚିତ। ଚେହେରା ସମ୍ପୂର୍ଣ୍ଣ ଭାବରେ ସମତଳ ଓ ସୁନେଲି ହୋଇଥିବା ସହିତ ଚକ୍ଷୁ ଅକ୍ଷୁଣ୍ଣ ହୋଇଥିବା ଉଚିତ।



# ଅଲ୍ ଇଂଲଣ୍ଡ କ୍ୱାର୍ଟର୍ ଫାଇନାଲ୍‌ରେ ଲକ୍ଷ୍ୟ




**ଲଣ୍ଡନ,୫ା୩/ଏଜେନ୍ସି:** ଭାରତୀୟ ଶଟ୍‌ଲର୍ ଲକ୍ଷ୍ୟ ସେନ୍ ଚମତ୍କାର ପ୍ରଦର୍ଶନ ଜାରି ରଖି ଅଲ୍ ଇଂଲଣ୍ଡ ଓପନ୍ ବ୍ୟାଡ୍‌ମିଣ୍ଟନ୍ ଚାମ୍ପିଅନ୍‌ଶିପ୍‌ର କ୍ୱାର୍ଟର୍ ଫାଇନାଲ୍‌ରେ ସ୍ଥାନ ପକ୍କା କରିଛନ୍ତି। ପୁରୁଷ ସିଙ୍ଗଲ୍ସର ପ୍ରି-କ୍ୱାର୍ଟର୍ ଫାଇନାଲ୍‌ରେ ୨୦୨୨ ସିଜନ୍‌ର ଫାଇନାଲିଷ୍ଟ ବିଶ୍ୱର ୧୨ଶ ନମ୍ବର ଖେଳାଳି ଲକ୍ଷ୍ୟ ହଂକଂ ଲୋଙ୍ଗ୍ ଏଙ୍ଗସ୍‌କୁ ୨୧-୧୯, ୨୧-୨୩, ୨୧-୧୦ରେ ହରାଇ ଦେଇଛନ୍ତି। କ୍ୱାର୍ଟର୍ ଫାଇନାଲ୍‌ରେ ଏବେ ଲକ୍ଷ୍ୟଙ୍କ ସାମ୍ନା ଚୀନ୍‌ର ୬ଷ୍ଠ ସିଡ୍ ଲି ଶି ଫେଙ୍ଗ୍ କିମ୍ବା ଆୟର୍ଲାଣ୍ଡର ନହାତ୍ ନଗୁୟେନ୍‌ଙ୍କ ସହ ହେବ। ୨୦୨୧ ବିଶ୍ୱ ଚାମ୍ପିଅନ୍‌ଶିପ୍ ବ୍ରୋଞ୍ଜ୍ ପଦକ ବିଜେତା ଲକ୍ଷ୍ୟ ଏହା ପୂର୍ବରୁ ଲୋଙ୍ଗ୍‌ଙ୍କ ବିପକ୍ଷରେ ଖେଳିଥିବା ସମସ୍ତ ତିନିଟି ଯାକ ମ୍ୟାଚ୍‌ରେ ପରାଜିତ ହୋଇଥିଲେ।

ଅନ୍ୟପକ୍ଷରେ ଭାରତର ଶୀର୍ଷ ପୁରୁଷ ଡବଲ୍ସ ଯୋଡ଼ି ସାତ୍ୱିକସାଇରାଜ ରାଙ୍କିରେଡ୍ଡୀ ଓ ଚିରାଗ ସେଟ୍ଟୀ ମାଲେସିଆର କାଙ୍ଗ ଖାଇ ଜିଙ୍ଗ୍ ଏବଂ ଷରାନ୍ ତାଇଙ୍କଠାରୁ ସିଧା ଗେମ୍‌ରେ ହାରି ବୁଧବାର ଟୁର୍ଣ୍ଣାମେଣ୍ଟର ପ୍ରଥମ ରାଉଣ୍ଡରୁ ହିଁ ବାଦ୍ ପଡ଼ିଛନ୍ତି। ବର୍ମିଂହାମ୍‌ର ୟୁଟିଲିଟା ଏରିନାରେ ଖେଳାଯାଇଥିବା ମ୍ୟାଚ୍‌ରେ ଚତୁର୍ଥ ର୍ୟାଙ୍କ୍‌ର ଭାରତୀୟ ଯୋଡ଼ି ବିଶ୍ୱ ୩୩ ନମ୍ବର ଯୋଡ଼ି ଠାରୁ ୨୩-୨୧,୨୧-୧୨ ପରାଜିତ ହୋଇଛନ୍ତି।

**ଶ୍ରୀଲଙ୍କା ବିପକ୍ଷ ସିରିଜ୍ ପାଇଁ ଆଫଗାନିସ୍ତାନ ଟିମ୍ ଘୋଷଣା**

# ଇବ୍ରାହିମ୍ ଜାଦ୍‌ରାନ୍ ନୂଆ ଟି-୨୦ କ୍ୟାପ୍‌ଟେନ୍



**କାବୁଲ,୫ା୩/ଏଜେନ୍ସି:** ଆଫଗାନିସ୍ତାନ କ୍ରିକେଟ୍ ବୋର୍ଡ (ଏସିବି) ଇବ୍ରାହିମ୍ ଜାଦରାନ୍‌ଙ୍କୁ ଟି-୨୦ ଟିମ୍‌ର ନୂଆ କ୍ୟାପ୍‌ଟେନ୍ ନିଯୁକ୍ତ କରିଛି। ଜାଦରାନ୍ ଷ୍ଟାର୍ ସ୍ପିନର୍ ରଶିଦ୍ ଖାନ୍‌ଙ୍କ ସ୍ଥାନ ନେବେ। ଆଫଗାନିସ୍ତାନ ବୋର୍ଡ ଶ୍ରୀଲଙ୍କା ବିପକ୍ଷ ଆଗାମୀ ଟି-୨୦ ଏବଂ ଦିନିକିଆ ସିରିଜ୍ ପାଇଁ ଗୁରୁବାର ଟିମ୍ ଘୋଷଣା କରିଛି। ଟି-୨୦ ସ୍କ୍ୱାଡ୍‌ରେ କେତେକ ପରିବର୍ତ୍ତନ କରାଯାଇଛି। ଫଜଲ୍ ହକ୍ ଫାରୁକୀ, ଗୁଲବଦିନ୍ ନାଏବ୍ ଏବଂ ମହମ୍ମଦ ଇଶାକ୍‌ଙ୍କ ପରି ଖେଳାଳିଙ୍କୁ ବାଦ୍ ଦିଆଯାଇଥିବା ବେଳେ ନର ରହମାନ୍, ଶରାଫୁଦ୍ଦିନ୍ ଅଶରଫ୍ ଏବଂ ଫରିସ୍ ଅହମଦ୍‌ଙ୍କ ପରି ନୂଆ ଖେଳାଳିଙ୍କୁ ସାମିଲ କରାଯାଇଛି। ବୋର୍ଡ ଅନୁସାରେ ଜାଦରାନ୍ ଏବେ ଟି-୨୦ ଫର୍ମାଟ୍‌ରେ ଟିମ୍‌ର ନେତୃତ୍ୱ ନେବେ ଏବଂ ତାଙ୍କ ନେତୃତ୍ୱର ପ୍ରଥମ ଦାୟିତ୍ୱ ଶ୍ରୀଲଙ୍କା ବିପକ୍ଷ ସିରିଜ୍ ହେବ। ରଶିଦ୍ ଖାନ୍ ଦୀର୍ଘ ସମୟ ଧରି ଆଫଗାନିସ୍ତାନ ଟି-୨୦ ଟିମ୍‌ର କ୍ୟାପ୍‌ଟେନ୍ ଥିଲେ। କିନ୍ତୁ ନିକଟରେ ଟି-୨୦ ବିଶ୍ୱକପ୍‌ରେ ଟିମ୍‌ର ପ୍ରଦର୍ଶନ ପରେ ନେତୃତ୍ୱ ପରିବର୍ତ୍ତନ କରାଯାଇଛି। ଜାଦ୍‌ରାନ୍ ନିକଟ ବର୍ଷଗୁଡ଼ିକରେ ଆଫଗାନିସ୍ତାନର ସବୁଠୁ ଭରସାଯୋଗ୍ୟ ବ୍ୟାଟର୍ ମଧ୍ୟରୁ ଅନ୍ୟତମ ରହିଆସିଥିବା ବେଳେ ଟିମ୍‌ର ଭାଇସ୍ କ୍ୟାପ୍‌ଟେନ୍ ରହିଥିଲେ।

ଟିମ୍‌ର ଶ୍ରୀଲଙ୍କା ବିପକ୍ଷ ଟି-୨୦ ସିରିଜ୍ ମାର୍ଚ୍ଚ ୧୩ରୁ ଆରମ୍ଭ ହେବ। ଦ୍ୱିତୀୟ ଏବଂ ତୃତୀୟ ଟି-୨୦ ମ୍ୟାଚ୍ ମାର୍ଚ୍ଚ ୧୫ ଏବଂ ୧୭ ତାରିଖରେ ଖେଳାଯିବ। ସିରିଜ୍‌ର ସମସ୍ତ ମ୍ୟାଚ୍ ଶାରଜାହ କ୍ରିକେଟ୍ ଷ୍ଟାଡିୟମ୍‌ରେ ଖେଳାଯିବାର ଅଛି। ଏହାପରେ ମାର୍ଚ୍ଚ ୨୦ରୁ ଦିନିକିଆ ସିରିଜ୍ ଆରମ୍ଭ ହେବ।

**ଟି-୨୦ ବିଶ୍ୱକପ: ଫିନ୍ ଏଲନ୍‌ଙ୍କ ଦ୍ରୁତତମ ଶତକ**

# ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ଫାଇନାଲ୍‌ରେ

**କୋଲ୍‌କାତା,୫ା୩/ଏଜେନ୍ସି:** ନ୍ୟୁଜିଲାଣ୍ଡ ଦ୍ୱିତୀୟ ଥର ଟି-୨୦ ବିଶ୍ୱକପ୍ ଫାଇନାଲ୍‌ରେ ପ୍ରବେଶ କରିଛି। ବୁଧବାର ଖେଳାଯାଇଥିବା ପ୍ରଥମ ସେମିଫାଇନାଲ୍‌ରେ କିୱି ଟିମ୍ ସାଉଥ୍ ଆଫ୍ରିକାକୁ ୯ ୱିକେଟ୍‌ରେ ହରାଇ ଦେଇଛି। ଏହା ପୂର୍ବରୁ ଟିମ୍ ୨୦୨୧ରେ ପ୍ରଥମ ଥର ଫାଇନାଲ୍‌ରେ ପ୍ରବେଶ କରିଥିଲା। ଅନ୍ୟପକ୍ଷରେ ଟୁର୍ଣ୍ଣାମେଣ୍ଟର ଗ୍ରୁପ୍ ଏବଂ ସୁପର୍-୮ ପର୍ଯ୍ୟାୟରେ ଅଜେୟ ରହି ସେମିଫାଇନାଲ୍‌ରେ ପ୍ରବେଶ କରିଥିବା ସାଉଥ୍ ଆଫ୍ରିକା ପୁଣିଥରେ ଚୋକର୍ସ ସାବ୍ୟସ୍ତ ହୋଇଛି। ମାର୍ଚ୍ଚ ୮ ତାରିଖର ଫାଇନାଲ୍‌ରେ ଟିମ୍ ଅହମଦାବାଦରେ ଭାରତକୁ ଭେଟିବ।

ସ୍ଥାନୀୟ ଇଡେନ୍ ଗାର୍ଡେନ୍ସ ଷ୍ଟାଡିୟମ୍‌ରେ ଖେଳାଯାଇଥିବା ମ୍ୟାଚ୍‌ରେ ନ୍ୟୁଜିଲାଣ୍ଡ କ୍ୟାପ୍‌ଟେନ୍ ମିଚେଲ୍ ସାଣ୍ଟନର୍ ଟସ୍ ଜିତି ପ୍ରଥମେ ଫିଲ୍ଡିଂ ନିଷ୍ପତ୍ତି ନେଇଥିଲେ। ସାଉଥ୍ ଆଫ୍ରିକା ନିର୍ଦ୍ଧାରିତ ୨୦ ଓଭର୍‌ରେ ୮ ୱିକେଟ୍ ହରାଇ ୧୬୯ ରନ୍ କରିଥିଲା। ଜବାବରେ ନ୍ୟୁଜିଲାଣ୍ଡ ୧୭୦ ରନ୍‌ର ଲକ୍ଷ୍ୟକୁ ୧୨.୫ ଓଭର୍‌ରେ ମାତ୍ର ଗୋଟିଏ ୱିକେଟ୍ ହରାଇ ହାସଲ କରିନେଇଥିଲା।

**ସାଉଥ୍ ଆଫ୍ରିକା ପୁଣିଥରେ ଚୋକର୍ସ ସାବ୍ୟସ୍ତ**

ଫିନ୍ ଏଲନ୍ ୩୩ ବଲ୍‌ରେ ୧୦୦ ରନ୍‌ର ଅପରାଜିତ ଇନିଂସ୍ ଖେଳିଥିଲେ। ସେ ଟି-୨୦ ବିଶ୍ୱକପ୍ ଇତିହାସରେ ଦ୍ରୁତତମ ଶତକ ହାସଲ କରିଥିଲେ। ଏହି ମାମଲାରେ ସେ ୱେଷ୍ଟଇଣ୍ଡିଜ୍‌ର ମହାନ୍ ବ୍ୟାଟର୍ କ୍ରିସ୍ ଗେଲ୍‌ଙ୍କ ରେକର୍ଡ ଭଙ୍ଗ କରିଛନ୍ତି। କ୍ରିସ୍ ଗେଲ୍ ୨୦୧୬ରେ ଇଂଲଣ୍ଡ ବିପକ୍ଷରେ ୪୭ ବଲ୍‌ରେ ଶତକ ହାସଲ କରିଥିଲେ।



ଲକ୍ଷ୍ୟର ପିଛା କରୁଥିବା ନ୍ୟୁଜିଲାଣ୍ଡ ପକ୍ଷରୁ ଦୁଇ ଓପନର୍ ଟିମ୍ ସିଫର୍ଟ ଏବଂ ଫିନ୍ ଏଲନ୍ ୧୧୭ ରନ୍‌ର ଶତକୀୟ ପାର୍ଟନରଶିପ୍ କରିଥିଲେ। ୧୦ମ ଓଭର୍‌ରେ ସିଫର୍ଟଙ୍କୁ ଆଉଟ୍ କରି କାଗିସୋ ରବାଡା ଏହି ପାର୍ଟନର୍‌ଶିପ୍ ବ୍ରେକ୍ କରିଥିଲେ। ସିଫର୍ଟ ୩୩ ବଲ୍‌ରେ ୭ ଚୌକା ଓ ଦୁଇଟି ଛକା ସହାୟତାରେ ୫୮ ରନ୍‌ର ଇନିଂସ୍ ଖେଳିଥିଲେ। ଚଳିତ ଟୁର୍ଣ୍ଣାମେଣ୍ଟରେ ଏହା ତାଙ୍କର ତୃତୀୟ ଅର୍ଦ୍ଧଶତକ ଥିଲା। ଫିନ୍ ଏଲନ୍ ୧୦୦ ରନ୍ କରି ରଚିନ୍ ରବୀନ୍ଦ୍ର (୧୩)ଙ୍କ ସହ ଅପରାଜିତ ଫେରିଥିଲେ।

ପୂର୍ବରୁ ବ୍ୟାଟିଂ ଆମନ୍ତ୍ରଣ ପାଇଥିବା ସାଉଥ୍ ଆଫ୍ରିକା ପକ୍ଷରୁ ମାର୍କୋ ଜାନ୍‌ସେନ୍ ସର୍ବାଧିକ ୫୫ ରନ୍ କରିଥିଲେ। ତାଙ୍କ ୩୦ ବଲ୍‌ର ଇନିଂସ୍‌ରେ ଦୁଇଟି ଚୌକା ଏବଂ ପାଞ୍ଚ ଛକା ସାମିଲ ଥିଲା। ଏହା ବ୍ୟତୀତ ଡେୱାଲ୍ଡ ବ୍ରେଭିସ୍ ୩୪, ଟ୍ରିଷ୍ଟନ୍ ଷ୍ଟବ୍ସ ୨୯, କ୍ୟାପ୍‌ଟେନ୍ ଏଡେନ୍ ମାର୍କରନ୍ ୧୮ ଏବଂ କ୍ୱିଣ୍ଟନ୍ ଡିକକ୍ ୧୦ ରନ୍ କରିଥିଲେ। ନ୍ୟୁଜିଲାଣ୍ଡ ପକ୍ଷରୁ ମ୍ୟାଟ୍ ହେନ୍‌ରୀ, କୋଲେ ମ୍ୟାକ୍‌କୋଞ୍ଚି ଏବଂ ରଚିନ୍ ରବୀନ୍ଦ୍ର ଦୁଇଟି ଲେଖାଏଁ ୱିକେଟ୍ ନେଇଥିଲେ।

# ୧୧ରେ କଳାହାଣ୍ଡି କପ୍ ଫାଇନାଲ୍

**କଟକ,୫ା୩/ଏନ୍‌ଏନ୍‌ଏସ୍:** ଓଡ଼ିଶା କ୍ରିକେଟ୍ ସଂଘ (ଓସିଏ)ର ଘରୋଇ ସିନିୟର୍ ପୁରୁଷ ଆନ୍ତଃଜିଲ୍ଲା କ୍ରିକେଟ୍ ଟୁର୍ଣ୍ଣାମେଣ୍ଟ (୫୦ ଓଭର୍ ବିଶିଷ୍ଟ) କଳାହାଣ୍ଡି କପ୍ ୨୦୨୬ର ନକ୍‌ଆଉଟ୍ କାର୍ଯ୍ୟସୂଚୀ ଘୋଷିତ ହୋଇଛି। ମାର୍ଚ୍ଚ ୮ ତାରିଖରେ ଚାରିଟି ଯାକ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ଖେଳାଯିବ। ଏହାପରେ ମାର୍ଚ୍ଚ ୯ରେ ସେମିଫାଇନାଲ୍ ମ୍ୟାଚ୍ ରେଭେନ୍ସା ଗ୍ରାଉଣ୍ଡ-୧ ଓ ବାରବାଟୀ ଷ୍ଟାଡିୟମ୍‌ରେ ଅନୁଷ୍ଠିତ ହେବ। ଫାଇନାଲ୍ ମ୍ୟାଚ୍ ମାର୍ଚ୍ଚ ୧୧ ତାରିଖରେ ବାରବାଟୀ ଷ୍ଟାଡିୟମ୍‌ରେ ଖେଳାଯିବ।

ଗୁରୁବାର ଅନ୍ତିମ ଗ୍ରୁପ୍ ପର୍ଯ୍ୟାୟ ମ୍ୟାଚ୍ ଶେଷ ହେବା ପରେ ଟୁର୍ଣ୍ଣାମେଣ୍ଟର କ୍ୱାର୍ଟର୍ ଫାଇନାଲ୍ ଲାଇନ୍ ଅପ୍ ଚୂଡ଼ାନ୍ତ ହୋଇଛି। ପ୍ରଥମ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ କଟକ-ଏ' ଏବଂ ବଲାଙ୍ଗିର ମଧ୍ୟରେ ଡ୍ରିମ୍ସ ଗ୍ରାଉଣ୍ଡରେ ଖେଳାଯିବ। ସେହିପରି ଦ୍ୱିତୀୟ ମ୍ୟାଚ୍ ସୁନ୍ଦରଗଡ଼ ଓ ଝାରସୁଗୁଡ଼ା (ରେଭେନ୍ସା ଗ୍ରାଉଣ୍ଡ୧), ତୃତୀୟ ମ୍ୟାଚ୍ ଭୁବନେଶ୍ୱର-ଏ' ଓ ଅନୁଗୁଳ (ବାରବାଟୀୟ ଷ୍ଟାଡିୟମ୍) ଏବଂ ଚତୁର୍ଥ କ୍ୱାର୍ଟର୍ ଫାଇନାଲ୍ ମ୍ୟାଚ୍ ରାଉରକେଲା ଓ ଇକୋର୍ସା ମଧ୍ୟରେ (ସନ୍‌ସାଇନ୍ ଗ୍ରାଉଣ୍ଡ) ଅନୁଷ୍ଠିତ ହେବ।

# ଦୁଇ ଭାଗରେ ଜାରୀ ହେବ ଆଇପିଏଲ୍ କାର୍ଯ୍ୟସୂଚୀ

**ମୁମ୍ବାଇ,୫ା୩/ଏଜେନ୍ସି:** ଇଣ୍ଡିଆନ୍ ପ୍ରିମିୟର୍ ଲିଗ୍ (ଆଇପିଏଲ୍)ର କାର୍ଯ୍ୟସୂଚୀ ଦୁଇଟି ଭାଗରେ ଜାରୀ କରାଯିବ। ପ୍ରଥମ ଭାଗ କାର୍ଯ୍ୟସୂଚୀ ମାର୍ଚ୍ଚ ୬ କିମ୍ବା ୭ ତାରିଖରେ ଘୋଷଣା ହେବ ବୋଲି ଆଇପିଏଲ୍ ଗଭର୍ଣ୍ଣିଂ କାଉନ୍‌ସିଲ୍ (ଜିସି) ସ୍ପଷ୍ଟ କରିଛି। ସୋମବାର ଜିସିର ଅନ୍‌ଲାଇନ୍ ମିଟିଂ କରାଯାଇ ୧୯ତମ ସିଜନ୍‌ର କାର୍ଯ୍ୟସୂଚୀକୁ ନିର୍ବାଚନ କାରଣରୁ ଦୁଇଟି ଭାଗ ବାଣ୍ଟିବାକୁ ନିଷ୍ପତ୍ତି ହୋଇଛି। ଅନ୍ୟପକ୍ଷରେ ବେଙ୍ଗାଲୁରୁର ଏମ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଉଦ୍‌ଘାଟନୀ ଏବଂ ଫାଇନାଲ୍ ମ୍ୟାଚ୍ ଖେଳାଯିବ ବୋଲି କର୍ଣ୍ଣାଟକ ରାଜ୍ୟ କ୍ରିକେଟ୍ ସଂଘ (କେଏସ୍‌ସିଏ) ସମ୍ପାଦକ ସନ୍ତୋଷ ମେନନ୍ ସ୍ପଷ୍ଟ କରିଛନ୍ତି। ହୋମ୍ ଟିମ୍ ରୟାଲ୍ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ (ଆର୍‌ସିବି) ଚଳିତ ଥର ୫ଟି ହୋମ୍ ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳିବ।

ଆଇପିଏଲ୍ ପରମ୍ପରା ଅନୁସାରେ ଟୁର୍ଣ୍ଣାମେଣ୍ଟର ଉଦ୍‌ଘାଟନୀ ଏବଂ ଫାଇନାଲ୍ ମ୍ୟାଚ୍ ଡିଫେଣ୍ଡିଂ ଚାମ୍ପିଅନ୍ ଟିମ୍‌ର ହୋମ୍ ଗ୍ରାଉଣ୍ଡରେ ଖେଳାଯାଇଥାଏ। ଗତ ବର୍ଷ



ଉଦ୍‌ଘାଟନୀ ମ୍ୟାଚ୍ ୨୦୨୪ ଚାମ୍ପିଅନ୍ କୋଲ୍‌କାତା ନାଇଟ୍ ରାଇଡର୍ସ (କେକେଆର୍)ର ହୋମ୍ ଗ୍ରାଉଣ୍ଡରେ ହୋଇଥିଲା। ସେହି ପ୍ରକାରେ ଚଳିତ ଥରର ମ୍ୟାଚ୍ ଚିନ୍ନାସ୍ୱାମୀ ଷ୍ଟାଡିୟମ୍‌ରେ ଖେଳାଯିବ।

ଚଳିତ ଥର ବିଧାନସଭା ନିର୍ବାଚନକୁ ଦୃଷ୍ଟିରେ ରଖି ଟୁର୍ଣ୍ଣାମେଣ୍ଟ ମାର୍ଚ୍ଚ ୨୬ ପରିବର୍ତ୍ତେ ୨୮ କିମ୍ବା ୨୯ ତାରିଖରୁ ଆରମ୍ଭ ହେବ। ତେବେ ଫାଇନାଲ୍ ମ୍ୟାଚ୍ ପୂର୍ବ ନିର୍ଦ୍ଧାରିତ ତାରିଖ ଅନୁସାରେ ମେ' ୩୧ରେ ଖେଳାଯିବ। ପ୍ରାରମ୍ଭିକ ପର୍ଯ୍ୟାୟରେ ନିର୍ବାଚନ ହେବାକୁ ଥିବା ରାଜ୍ୟର

**ମାର୍ଚ୍ଚ ୬-୭ରେ ଘୋଷଣା ହେବ ପ୍ରାରମ୍ଭିକ ମ୍ୟାଚ୍ ତାରିଖ**

**ବେଙ୍ଗାଲୁରୁରେ ହିଁ ଖେଳାଯିବ ଫାଇନାଲ୍**

ଟିମ୍ ସିଏସ୍‌କେ, କେକେଆର୍ ଏବଂ ଆର୍‌ଆର୍ ଟିମ୍‌ର ଘରୋଇ ମ୍ୟାଚ୍ କମିବ। ଆର୍‌ଆର୍‌ର ପ୍ରଥମ ପସନ୍ଦ ହୋମ୍ ଗ୍ରାଉଣ୍ଡ ଜୟପୁରର ସୱାଇ ମାନସିଂହ ଷ୍ଟାଡିୟମ୍ ହୋଇଥିବା ବେଳେ ଟିମ୍ ଦ୍ୱିତୀୟ ହୋମ୍ ଗ୍ରାଉଣ୍ଡ ଗୁଆହାଟୀରେ ନିଜ ମ୍ୟାଚ୍ ଏପ୍ରିଲ୍ କିମ୍ବା ମେ' ମାସରେ ଖେଳିପାରେ।


## ଦେଶ ବିଦେଶ

# ଇସ୍ତଫା ଦେଲେ ପଶ୍ଚିମବଙ୍ଗ ରାଜ୍ୟପାଳ

**ଲଦାଖ୍ ଉପରାଜ୍ୟପାଳ ମଧ୍ୟ ସମାନ ରାସ୍ତାରେ**

**ନୂଆଦିଲ୍ଲୀ, କୋଲକାତା, ୫ା୩/ଏଜେନ୍ସି:** ୭୮ ବର୍ଷୀୟ ସିଭି ଆନନ୍ଦ ବୋଷ ଆକସ୍ମିକ ଭାବେ ପଶ୍ଚିମବଙ୍ଗ ରାଜ୍ୟପାଳ ପଦରୁ ଇସ୍ତଫା ଦେଇଛନ୍ତି। ଶ୍ରୀ ବୋଷ୍ ଏପରି ସମୟରେ ଇସ୍ତଫା ଦେଇଛନ୍ତି ଯେତେବେଳେ କି ଆସନ୍ତା ମାସରେ ପଶ୍ଚିମବଙ୍ଗରେ ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ତେବେ ତାମିଲନାଡୁ ରାଜ୍ୟପାଳ ଆରଏନ୍ ରବିଙ୍କୁ ପଶ୍ଚିମବଙ୍ଗର ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ଶ୍ରୀ ବୋଷ୍ ନିଜ ଇସ୍ତଫା ପତ୍ର ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁଙ୍କ ନିକଟକୁ ଇସ୍ତଫା ପଠାଇଛନ୍ତି ଏବେ ସେ ରାଜଧାନୀ ଦିଲ୍ଲୀରେ ଏବେ ଡେରା ପକାଇଥିବା ସୂଚନା ମିଳିଛି। ତେବେ ସେ କାହିଁକି ଏପ୍ରକାର ଇସ୍ତଫା ଦେଲେ ସେସମ୍ପର୍କରେ ସଠିକ୍ କାରଣ ଜଣାପଡିନାହିଁ।

ଅନ୍ୟପକ୍ଷେ ପଶ୍ଚିମବଙ୍ଗ ମୁଖ୍ୟମନ୍ତ୍ରୀ ମମତା ବାନାର୍ଜୀ ବୋଷଙ୍କ ଇସ୍ତଫା ଉପରେ ଆଶ୍ଚର୍ଯ୍ୟ ପ୍ରକାଶ କରିଛନ୍ତି। ସେ କହିଛନ୍ତି, 'କେନ୍ଦ୍ର ଗୃହମନ୍ତ୍ରୀ ତାଙ୍କୁ ଶ୍ରୀ ବୋଷ୍ ରାଜ୍ୟପାଳ ପଦରୁ ଇସ୍ତଫା ଦେଇଥିବା ଏବଂ ଆରଏନ ରବିଙ୍କୁ ପଶ୍ଚିମବଙ୍ଗର ରାଜ୍ୟପାଳ ନିଯୁକ୍ତ କରାଯାଇଥିବା ସମ୍ପର୍କରେ ସୂଚନା ଦେଇଛନ୍ତି। କିନ୍ତୁ ରାଜ୍ୟପାଳଙ୍କ ଇସ୍ତଫା କିମ୍ବା ଅନ୍ୟ ଜଣେ ରାଜ୍ୟପାଳଙ୍କୁ ପଶ୍ଚିମବଙ୍ଗର ଅତିରିକ୍ତ ଦାୟିତ୍ୱ ଦିଆଯିବା ସମ୍ପର୍କରେ କେନ୍ଦ୍ର ପକ୍ଷରୁ ତାଙ୍କ ସହ କୌଣସି ପରାମର୍ଶ କରାଯାଇନଥିଲା। ଏହା କେନ୍ଦ୍ରର ଏକପାଖିଆ ନିଷ୍ପତ୍ତି। ହୁଏତ



ଗୃହମନ୍ତ୍ରୀ ଅମିତ୍ ଶାହଙ୍କ ଚାପରେ ଶ୍ରୀ ବୋଷ୍ ନିଜ ପଦରୁ ଇସ୍ତଫା ଦେଇଥାଇପାରନ୍ତି ବୋଲି ମମତା ଅନୁମାନ ଲଗାଇଛନ୍ତି। ପ୍ରକାଶ, ଶ୍ରୀ ବୋଷ ୨୩ ନଭେମ୍ବର ୨୦୨୨ରେ ବଙ୍ଗଳାର ରାଜ୍ୟପାଳ ହୋଇଥିଲେ। ପରେ ଶ୍ରୀ ବୋଷ୍ ଏବଂ ମୁଖ୍ୟମନ୍ତ୍ରୀ ମମତାଙ୍କ ମଧ୍ୟରେ ତୀବ୍ର ମତାନ୍ତର, ମନାନ୍ତର ତଥା ବାକ୍‌ଯୁଦ୍ଧ ଭଳି ଘଟଣା ଦେଖିବାକୁ ମିଳିଥିଲା। ମମତା, ଶ୍ରୀ ବୋଷ୍‌ଙ୍କୁ ସର୍ବସାଧାରଣରେ ତୀବ୍ର ସମାଲୋଚନା କରୁଥିଲେ ଏବଂ ରାଜ୍ୟ ସରକାରଙ୍କ କାର୍ଯ୍ୟରେ ଅଯଥା ହସ୍ତକ୍ଷେପ କରୁଥିବାର ଅଭିଯୋଗ କରିଆସୁଥିଲେ। ଶ୍ରୀ ବୋଷ୍‌ଙ୍କ ବିରୋଧରେ ଅନେକ ଅଭିଯୋଗ ମମତା ଏବଂ ତାଙ୍କ ସରକାର ଆଣିଥିବା ସତ୍ତ୍ୱେ ୨୦୨୪ରେ ତାଙ୍କ ବିରୋଧରେ କିଛି ମହିଳା କର୍ମଚାରୀ ଯୌନ ଉତ୍ପୀଡନ ଭଳି ସଂଗୀନ ଅଭିଯୋଗ ଆଣିବା ଶ୍ରୀ ବୋଷ୍‌ଙ୍କୁ ଅଧିକ ବିବାଦୀୟ କରିଦେଇଥିଲା। ଏହି ଘଟଣାରେ ରାଜ୍ୟ ସରକାରଙ୍କ ପକ୍ଷରୁ ତଦନ୍ତ ଏବଂ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା। କିନ୍ତୁ କିଛି ଦିନ ପରେ ଏହି ଅଭିଯୋଗ ପ୍ରଭାବଶୂନ୍ୟ ହୋଇପଡିଥିଲା। ସୂଚନାଯୋଗ୍ୟ, ଶ୍ରୀ ବୋଷ୍ ୧୯୭୭ ଆଇଏଏସ୍ ବ୍ୟାଚ୍‌ର ପଦାଧିକାରୀ ରହିଥିବା ବେଳେ ସେ ଇଂରାଜୀ, ମାଲୟାଲାମ୍ ଏବଂ ହିନ୍ଦୀ ଭାଷାରେ ପ୍ରାୟ ୪୦ଟି ବହି ଲେଖିଛନ୍ତି। ଶ୍ରୀ ବୋଷ୍ ସମ୍ପ୍ରତି ବର୍ତ୍ତମାନର ମେଘାଳୟ ସରକାରଙ୍କ ଅନ୍ୟତମ ପରାମର୍ଶଦାତା ଭାବେ କାମ କରୁଛନ୍ତି। ଏତଦ୍‌ବ୍ୟତୀତ ସେ ବିଶ୍ୱବିଦ୍ୟାଳୟର ଉପ-ଚାନସେଲର, ଭାରତ ସରକାରଙ୍କ ସଚିବ ଏବଂ ମୁଖ୍ୟ ସଚିବ ପଦବୀରେ କାର୍ଯ୍ୟ କରିଛନ୍ତି। ଏପରିକି ସେ ହାବିଟାଟ୍ ଆଲାଏନ୍ସର ସଭାପତି ଏବଂ ଜାତିସଂଘ ହାବିଟାଟ୍ ଗଭର୍ଣ୍ଣିଂ କାଉନସିଲର ଅନ୍ୟତମ ସଦସ୍ୟ ମଧ୍ୟ ଅଛନ୍ତି।

ଅନ୍ୟଏକ ରିପୋର୍ଟ ଅନୁସାରେ ଲଦାଖ ଉପରାଜ୍ୟପାଳ କବୀନ୍ଦ୍ର ଗୁପ୍ତା ମଧ୍ୟ ନିଜ ପଦରୁ ଇସ୍ତଫା ଦେଇଛନ୍ତି।

**ପ୍ରଧାନମନ୍ତ୍ରୀ ମୋଦୀଙ୍କୁ ଭେଟିଲେ ଫିନ୍‌ଲାଣ୍ଡ ରାଷ୍ଟ୍ରପତି**

# ଇସ୍ରାଏଲ୍-ଇରାନ୍ ଯୁଦ୍ଧ ଶୀଘ୍ର ଶେଷ ହେବା ଉଚିତ୍

**ନୂଆଦିଲ୍ଲୀ, ୫ା୩/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗୁରୁବାର ଦିଲ୍ଲୀରେ ମଧ୍ୟପ୍ରାଚ୍ୟ ଏବଂ ୟୁକ୍ରେନରେ ଚାଲିଥିବା ଯୁଦ୍ଧର ଶୀଘ୍ର ସମାପ୍ତି ପାଇଁ ଅନୁରୋଧ କରିଛନ୍ତି। ସେ କହିଛନ୍ତି ଯେ ସାମରିକ ସଂଘର୍ଷ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ। ଭାରତ ସମସ୍ତ ବିବାଦର ଶାନ୍ତିପୂର୍ଣ୍ଣ ସମାଧାନ ଏବଂ ଶାନ୍ତି ପ୍ରତିଷ୍ଠା ପାଇଁ ପ୍ରୟାସକୁ ସମର୍ଥନ ଜାରି ରଖିବ। ଫିନ୍‌ଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍‌ଙ୍କ ସହ ଦ୍ୱିପାକ୍ଷିକ ଆଲୋଚନା ପରେ ପ୍ରଧାନମନ୍ତ୍ରୀ ମୋଦୀ ଏହି ବିବୃତ୍ତି ଦେଇଛନ୍ତି। ମୋଦୀଙ୍କ କହିବାନୁସାରେ ଭାରତ ଏବଂ ଫିନଲ୍ୟାଣ୍ଡ ଉଭୟ ଆଇନର ଶାସନ, ଆଲୋଚନା ଏବଂ କୂଟନୀତିରେ ବିଶ୍ୱାସ କରନ୍ତି। ଉଭୟ ଦେଶ କେବଳ ସାମରିକ ସଂଘର୍ଷ କୌଣସି ସମସ୍ୟାର ସମାଧାନ କରିପାରିବ ନାହିଁ ବୋଲି ବିଶ୍ୱାସ କରନ୍ତି। ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ ଏବଂ ପ୍ରଧାନମନ୍ତ୍ରୀ ମୋଦୀ ଦିଲ୍ଲୀର ହାଇଦ୍ରାବାଦ ହାଉସରେ ଏଆଇ, ବୈଷୟିକ ବିଜ୍ଞାନ ଠାରୁ ଆରମ୍ଭ କରି ଅନେକ ପ୍ରସଙ୍ଗରେ ଦ୍ୱିପାକ୍ଷିକ ଆଲୋଚନା କରିଥିଲେ। ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଆଲେକଜାଣ୍ଡର ଷ୍ଟବ୍ ବୁଧବାର ଚାରି ଦିନିଆ ଗସ୍ତ ପାଇଁ ଭାରତ ଆସିଛନ୍ତି। ତାଙ୍କର ଭାରତ ଗସ୍ତର ଲକ୍ଷ୍ୟ ବାଣିଜ୍ୟ, ନିବେଶ ଏବଂ ଉଦୀୟମାନ ପ୍ରଯୁକ୍ତିବିଦ୍ୟା ସମେତ ଅନେକ କ୍ଷେତ୍ରରେ ଦ୍ୱିପାକ୍ଷିକ ସହଯୋଗ ବୃଦ୍ଧି କରିବା। ତେବେ ଆଜିର ଏହି ବୈଠକରେ, ଦୁଇ ଦେଶ ଡିଜିଟାଲାଇଜେସନ୍ ଏବଂ ସ୍ଥାୟୀତ୍ୱ କ୍ଷେତ୍ରରେ ସହଯୋଗ ବୃଦ୍ଧି କରିବାକୁ ରାଜି ହୋଇଛନ୍ତି। ଉଭୟ ପକ୍ଷ ଭାରତ-ଫିନଲ୍ୟାଣ୍ଡ ସମ୍ପର୍କକୁ ରଣନୈତିକ ସହଭାଗୀତା ସ୍ତରକୁ ଉଠାଇବା ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଫିନଲ୍ୟାଣ୍ଡ ରାଷ୍ଟ୍ରପତି ଷ୍ଟବ୍ ଭାରତର ବୈଦେଶିକ ନୀତି ଏବଂ ଅର୍ଥନୈତିକ ପ୍ରଗତିର ପ୍ରଶଂସା କରିଛନ୍ତି। ସେ କହିଛନ୍ତି ଯେ ବିଶ୍ୱକୁ ଆହୁରି ଟିକେ ଭାରତୀୟ ହେବା ଆବଶ୍ୟକ। ସେ କହିଛନ୍ତି ଯେ ଭାରତ ବିଶ୍ୱର ସର୍ବବୃହତ



ଗଣତନ୍ତ୍ର ଏବଂ ସବୁଠାରୁ ପ୍ରଭାବଶାଳୀ ଦେଶମାନଙ୍କ ମଧ୍ୟରୁ ଗୋଟିଏ। ଭାରତ ୟୁରୋପ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ରଣନୈତିକ ଅଂଶୀଦାର ହୋଇଛି। ଷ୍ଟବ୍ କହିଛନ୍ତି ଯେ ଭାରତ ବିଶ୍ୱର ଦ୍ରୁତତମ ଅଭିବୃଦ୍ଧିଶୀଳ ଅର୍ଥନୀତି ମଧ୍ୟରୁ ଗୋଟିଏ ଏବଂ ଗତ ଦଶନ୍ଧିରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଦେଖିଛି। ତାଙ୍କର ଶେଷ ଭାରତ ଗସ୍ତ ୨୦୧୩ ରେ ହୋଇଥିଲା, ଏବଂ ସେବେଠାରୁ ଦେଶରେ ଗୁରୁତ୍ୱପୂର୍ଣ୍ଣ ପରିବର୍ତ୍ତନ ଆସିଛି। ଆମେରିକା, ଇସ୍ରାଏଲ ଏବଂ ଇରାନ ମଧ୍ୟରେ ଗତ ୨୮ ତାରିଖରୁ ଆରମ୍ଭ ହୋଇଥିବା ଯୁଦ୍ଧ ଆଜି ଦିନରେ ମଧ୍ୟ ଜାରି ରହିଛି। ଅଲ ଜାଜିରା ଅନୁଯାୟୀ, ଆମେରିକା ଏବଂ ଇସ୍ରାଏଲ୍ ପକ୍ଷରୁ ମିଳିତ ଭାବେ ଇରାନ୍ ଉପରେ ହେଉଥିବା ଆକ୍ରମଣର ଜବାବ ଇରାନ୍ ଦେଉଛି। ଇରାନ ମଧ୍ୟପ୍ରାଚ୍ୟର ୯ଟି ଦେଶରେ ଥିବା ଆମେରିକୀୟ ଘାଟି ଉପରେ ଆକ୍ରମଣ କରି ପ୍ରତିଶୋଧ ନେଇଛି। ମଧ୍ୟପ୍ରାଚ୍ୟରେ ଆରମ୍ଭ ହୋଇଥିବା ଏହି ଯୁଦ୍ଧ ସମଗ୍ର ବିଶ୍ୱକୁ ଅସ୍ଥିର କରିଦେଇଛି।

# ଭାରତ ପାଇଁ ତୈଳ ପରିବହନ ଆଶା ଉଜ୍ଜୀବିତ

**ନୂଆଦିଲ୍ଲୀ, ୫ା୩/ଏଜେନ୍ସି:** ଇରାନ ପକ୍ଷରୁ ଆଜି ଦିନରେ ଏକ ବଡ଼ ସ୍ପଷ୍ଟୀକରଣ ସାମ୍ନାକୁ ଆସିଛି, ଯାହାକି ଭାରତ ଦୃଷ୍ଟିକୋଣରୁ ବେଶ୍ ଗୁରୁତ୍ୱପୂର୍ଣ୍ଣ। ଇରାନ୍‌ର ଇସଲାମିକ୍ ରିଭୋଲ୍ୟୁସନାରୀ ଗାର୍ଡ କର୍ପ୍ସ (ଆଇଆର୍‌ଜିସି) ସ୍ପଷ୍ଟ ଭାବେ କହିଛି ଯେ ହର୍ମୁଜ୍ ପ୍ରଣାଳୀ କେବଳ ଆମେରିକା, ଇସ୍ରାଏଲ, ୟୁରୋପ ଏବଂ ସେମାନଙ୍କର ପଶ୍ଚିମ ସହଯୋଗୀଙ୍କ ପାଇଁ ବନ୍ଦ ଅଛି। ଇରାନ୍‌ର ଏପ୍ରକାର ସ୍ପଷ୍ଟୀକରଣରୁ ଅନୁମାନ କରାଯାଉଛି ଯେ, ଇରାନ୍ ଭାରତ ପାଇଁ ମଧ୍ୟ ହର୍ମୁଜ୍ ପ୍ରଣାଳୀକୁ ବନ୍ଦ କରିବ ନାହିଁ। ଏହାର ଅର୍ଥ ଭାରତୀୟ ଜାହାଜଗୁଡ଼ିକ ପୂର୍ବବତ୍ ଏହି ପ୍ରଣାଳୀକୁ ବ୍ୟବହାର କରିବା ଜାରି ରଖିପାରିବେ ବୋଲି ଆଶା ଉଜ୍ଜୀବିତ ହୋଇଛି।

ମଙ୍ଗଳବାର ଦିନ, ଇରାନ୍ ପକ୍ଷରୁ ସୂଚୀତ କରାଯାଇଥିଲା ଯେ, ହରମୁଜ୍ ପ୍ରଣାଳୀରେ ଏହା କେବଳ ଚୀନ୍ ପତାକା ଥିବା ଜାହାଜଗୁଡ଼ିକୁ ପ୍ରବେଶ ଅନୁମତି ଦେବ। ଏହାର ଅର୍ଥ ଇରାନ୍ ଚୀନ୍ ବ୍ୟତୀତ ଅନ୍ୟ କୌଣସି ଦେଶକୁ ଯାଉଥିବା ଜାହାଜଗୁଡ଼ିକୁ ଏହି ପ୍ରଣାଳୀ ବ୍ୟବହାର କରିବାକୁ ଅନୁମତି ଦେବନାହିଁ। ଏହାପରେ ରୁଷ୍ କିନ୍ତୁ ଭାରତ ପାଇଁ ଇରାନ୍ ନିକଟରେ ଦାବି ଉପସ୍ଥାପନ କରିଥିଲା ଏବଂ ଭାରତୀୟ ଜାହାଜଗୁଡ଼ିକୁ ତୁରନ୍ତ ପ୍ରବେଶ ଅନୁମତି ଦେବାକୁ ଇରାନ୍‌କୁ ପରାମର୍ଶ ଦେଇଥିଲା। ରୁଷ୍‌ର ପରାମର୍ଶ ତଥା ଅନୁରୋଧ ମିଳିବା ପରେ ପରେ ଇରାନ୍ ହୁଏତ ନିଜ ନିଷ୍ପତ୍ତିରେ ପରିବର୍ତ୍ତନ କରିବା ପୂର୍ବକ ଆଜି ଏପ୍ରକାର ଘୋଷଣା କରିଛି।

ପ୍ରକାଶ, ଶନିବାର ଦିନ ଆମେରିକା ଏବଂ ଇସ୍ରାଏଲ ଇରାନ ବିରୁଦ୍ଧରେ ମିଳିତ ସାମରିକ ଅଭିଯାନ ଆରମ୍ଭ କରିବା ପରଠାରୁ ବାସ୍ତବରେ ଏହି ପ୍ରଣାଳୀ ବନ୍ଦ ହୋଇଯାଇଛି। ଏହି କାର୍ଯ୍ୟ ତେଲ ମୂଲ୍ୟକୁ ତୀବ୍ର ଭାବରେ ବୃଦ୍ଧି କରିଛି ଏବଂ ବିଶ୍ୱ ଅର୍ଥନୀତିରେ ବ୍ୟାପକ ବାଧା ସୃଷ୍ଟି କରିବାର ଆଶଙ୍କା ସୃଷ୍ଟି କରିଛି।

# ମଧ୍ୟପ୍ରାଚ୍ୟ ଯୁଦ୍ଧ: ୧୦୪୫ ଲୋକଙ୍କ ମୃତ୍ୟୁ

**ତେହେରାନ୍, ୫ା୩/ଏଜେନ୍ସି:** ଇରାନ୍ ବର୍ତ୍ତମାନ ସୁଦ୍ଧା ଏହା ଉପରେ ୧୮୯ ବାଲିଷ୍ଟିକ୍ ମିସାଇଲ୍ ମାଡ଼ କରିଥିବା ୟୁଏଇ ଦାବି କରିଛି। ଯୁଦ୍ଧ ପରିସ୍ଥିତି ମଧ୍ୟରେ ମଧ୍ୟପ୍ରାଚ୍ୟରୁ ନିଜର ପ୍ରାୟ ୧୭,୫୦୦ ନାଗରିକଙ୍କୁ ସୁରକ୍ଷିତ ସ୍ୱଦେଶ ଫେରାଇନେବାରେ ସଫଳ ହୋଇଥିବା ଆମେରିକା ଦୃଢ଼ୋକ୍ତି ପ୍ରକାଶ କରିଛି। ଅନ୍ୟପକ୍ଷେ ଇରାନ୍ ପକ୍ଷରୁ ଦିଆଯାଇଥିବା ସୂଚନାନୁସାରେ ଯୁଦ୍ଧ ପରିସ୍ଥିତି ମଧ୍ୟରେ ଇରାନ୍‌ରେ ବୁଧବାର ଠାରୁ ଖାମନେଇଙ୍କ ସମ୍ମାନାର୍ଥେ ଆରମ୍ଭ ହେବାକୁ ଥିବା ୩ଦିନିଆ ଶୋକ ସମାରୋହକୁ ସ୍ଥଗିତ ରଖାଯାଇଛି। ଇରାନ୍‌ରେ ଗତ ୪ ଦିନ ଧରି ଇଣ୍ଟରନେଟ୍ ସେବା ବନ୍ଦ ରହିଛି। ସେହିପରି ଇରାନ୍, ଇସ୍ରାଏଲ୍‌କୁ ଏହାର ନ୍ୟୁକ୍ଲିୟର ସେଣ୍ଟର ଉପରେ ଆକ୍ରମଣ କରିବାକୁ ଧମକ ଦେଇଛି। ଅନ୍ୟପକ୍ଷେ



ଆମେରିକା ସମର୍ଥନରେ କୁର୍ଦ୍ଦର ଲଢୁଆ ଯୋଦ୍ଧା ଇରାନ୍‌ରେ ଯୁଦ୍ଧ ଲଢ଼ଇବାକୁ ଅପେକ୍ଷା କରିଥିବା ସୂଚନା ମିଳିଛି। ଇସ୍ରାଏଲ୍-ଇରାନ୍ ଯୁଦ୍ଧରେ ବର୍ତ୍ତମାନ ସୁଦ୍ଧା ୧୦୪୫ ସାଧାରଣ ଲୋକଙ୍କ ମୃତ୍ୟୁ ହୋଇଥିବା କୁହାଯାଉଛି। ଇସ୍ରାଏଲ୍ ଟ୍ରାଫିକ୍ କ୍ୟାମେରା ହ୍ୟାକ୍ କରିବା ପୂର୍ବକ ଖାମନେଇଙ୍କ ଗୁପ୍ତ ଠିକଣା ଜାଣିପାରିଥିବା ଏବଂ ତଦନୁସାରେ ଆକ୍ରମଣ କରି ତାଙ୍କୁ ହତ୍ୟା କରିଥିବା କୁହାଯାଉଛି। ତେବେ ଏଥିରେ ଆମେରିକାର ଗୁଇନ୍ଦା ବିଭାଗ ସିଆଇଏ ମଧ୍ୟ ସହଯୋଗ କରିଛି। ଗତ ୪ ତାରିଖ ରାତିରେ ଇରାନ୍ ଇସ୍ରାଏଲ୍ ଉପରେ ଭୟାବହ ଆକ୍ରମଣ କରିଥିବା ବେଳେ ଲେବାନନ୍‌ରେ ଇରାନୀ ଅଧିକାରୀଙ୍କ ଠିକଣା ଉପରେ ଇସ୍ରାଏଲ୍ ପାଲଟା ଆକ୍ରମଣ କରିଥିବା ଏବଂ ଏମାନଙ୍କୁ ନିପାତ କରିଥିବା ଦାବି କରାଯାଉଛି। ଏସବୁ ମଧ୍ୟରେ ଇରାନ୍ ଉପରେ ଆକ୍ରମଣକୁ ବନ୍ଦ କରିବାଜନିତ ପ୍ରସ୍ତାବ ଆମେରିକା ସଂସଦରେ ଉପସ୍ଥାପିତ ହୋଇଥିଲେ ମଧ୍ୟ ଏହା ବିଫଳ ହୋଇଯାଇଛି। ଇରାନ୍ ଗତ ୬ ଦିନ ମଧ୍ୟରେ ନିଜର ସୁପ୍ରିମଲିଡର, କିଛି ସେନାଧିକାରୀ ତଥା ମନ୍ତ୍ରୀସ୍ତରୀୟ ବ୍ୟକ୍ତିବିଶେଷଙ୍କ ସମେତ ପ୍ରାୟ ୩୦୦୦ ସୈନିକଙ୍କୁ ହରାଇସାରିଛି।

**ଖାମନେଇଙ୍କ ମୃତ୍ୟୁ ଶୋକ ପ୍ରକାଶ କରିଛି ଭାରତ**

ଇରାନ୍‌ର ସର୍ବୋଚ୍ଚ ନେତା ଆୟାତୋଲ୍ଲା ଅଲି ଖାମନେଇଙ୍କ ମୃତ୍ୟୁରେ ଭାରତ ପ୍ରଥମ ଥର ପାଇଁ ଶୋକ ପ୍ରକାଶ କରିଛି। ଭାରତ ସରକାରଙ୍କ ପକ୍ଷରୁ, ବୈଦେଶିକ ସଚିବ ବିକ୍ରମ ମିଶ୍ରୀ ଖାମନେଇଙ୍କ ମୃତ୍ୟୁରେ ଶୋକ ପ୍ରକାଶ କରିବା ପାଇଁ ନୂଆଦିଲ୍ଲୀସ୍ଥିତ ଇରାନ ଦୂତାବାସକୁ ଯାଇଥିଲେ। ସେ ଏକ ଶୋକ ପୁସ୍ତକରେ ସ୍ୱାକ୍ଷର କରିଥିଲେ ଏବଂ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ପ୍ରକାଶ, ଫେବୃଆରୀ ୨୮ ତାରିଖରେ ଆମେରିକା-ଇସ୍ରାଏଲ ଆକ୍ରମଣରେ ଖାମନେଇଙ୍କ ମୃତ୍ୟୁ ହୋଇଥିଲା। ଇରାନ ଏହାର ଗୋଟିଏ ଦିନ ପରେ ଆନୁଷ୍ଠାନିକ ଭାବରେ ଏହା ଘୋଷଣା କରିଥିଲା। ଖାମନେଇଙ୍କ ମୃତ୍ୟୁ ପରେ, ବିଶ୍ୱର ଅନେକ ଦେଶରୁ ଶୋକ ବାର୍ତ୍ତା ଆସୁଛି।

Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra